


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-112 •THURSDAY •15 OCTOBER 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୧୧୨ •ଗୁରୁବାର •୧୫ ଅକ୍ଟୋବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


ଝଟ୍‌କା ଦେଲା ପାଇକାରୀ ମୁଦ୍ରାସ୍ଫୀତି

# ବଜାରରେ ଦରବୃଦ୍ଧି ନିଆଁ

## ୪ ବର୍ଷରେ ପ୍ରଥମ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ୧୦%ଟପିଲା

■ ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ସାରା ଦେଶରେ ପାର୍ବଣର ମାହୋଲ୍ ଚାଲିଥିବା ବେଳେ ଖାଉଟିଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। କାରଣ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଅତ୍ୟଧିକ ଦରବୃଦ୍ଧି ଖାଉଟିଙ୍କ ନିଦ ହଜାଇଦେଲାଣି। ଖୁଚୁରା ପରେ ଏବେ ପାଇକାରୀ ମୁଦ୍ରାସ୍ଫୀତିରେ ବୃଦ୍ଧି ଖାଉଟିଙ୍କୁ ବଡ଼ ଝଟ୍କା ଦେଇଛି। ଚାରି ବର୍ଷ ପରେ ପ୍ରଥମ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ଦୁଇ ଅଙ୍କ ଟପିଛି। ଅର୍ଥାତ୍ ୨୦୨୨ ସେପ୍ଟେମ୍ବର ପରେ, ପାଇକାରୀ ମୁଦ୍ରାସ୍ଫୀତି ୧୦%ରୁ ଅଧିକ ହାର ଉପରେ ପହଞ୍ଚିଛି।

ସେପ୍ଟେମ୍ବରରେ ଦରବୃଦ୍ଧି ରେକର୍ଡ ଭାଙ୍ଗିଛି। ପାଇକାରୀ ମୁଦ୍ରାସ୍ଫୀତି ୧୧.୩୯%କୁ ବୃଦ୍ଧି ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୫ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅଗଷ୍ଟରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୯.୯୨% ରହିଥିଲା। ମୁଦ୍ରାସ୍ଫୀତି ବଢ଼ିବାର ମୂଳ କାରଣ ହେଉଛି, ଖାଦ୍ୟ ସାମଗ୍ରୀର ଦରଦାମ ବଢ଼ିବା, ଇନ୍ଧନ, ବିଦ୍ୟୁତ୍ ଓ



ବିନିର୍ମାଣ ଉତ୍ପାଦ ମହଙ୍ଗା ହେବା।

ଖୁଚୁରା ମୁଦ୍ରାସ୍ଫୀତି ପରେ, ପାଇକାରୀ ମୁଦ୍ରାସ୍ଫୀତିର ଏହି ସଦ୍ୟତମ ସଂଖ୍ୟା ବେଶ୍ ଚିନ୍ତାଜନକ। ହାଟ-ବଜାରରେ ଅଟାଠାରୁ ଆରମ୍ଭ କରି, ଚିନି, ଡାଲି, ଚାଉଳ, ଖାଇବା ତେଲ ଓ କ୍ଷୀର ଦରରେ ଅହେତୁକ ବୃଦ୍ଧ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଏଥିରେ ପନିପରିବାର ବର୍ଦ୍ଧିତ ଦର ଲୋକଙ୍କ ଉପରେ ବେଶ୍ ଦାଉ ସାଧୁଛି, ଯାହା ଏବେ ହାଣ୍ଡିଶାଳର ବଜେଟ୍‌କୁ ପ୍ରଭାବିତ କରୁଛି। ବଜାରରେ ଆଳୁ ଓ ପିଆଜଠାରୁ ଅଦା, ରସୁଣ, ଟମାଟୋ ଏବଂ ଅନ୍ୟ କଞ୍ଚା ପରିବା ଦର ଏବେ ବଢ଼ିଯାଉଛି, ଯେଉଁ ଲୋକେ କେଉଁଟି କିଣିବେ, ଆଉ କେଉଁଟିରେ ଖର୍ଚ୍ଚ କାଟ୍ କରିବେ ତାହା ଜାଣିପାରୁ ନାହାଁନ୍ତି। ସେହିପରି ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୫୪%କୁ ବୃଦ୍ଧି ଘଟିଥିଲା। ଅଗଷ୍ଟରେ ଏହା ୪.୮୨% ଥିଲା। ତେବେ ପାଇକାରୀ ମୁଦ୍ରାସ୍ଫୀତି ୧୧.୩୯% ହେବାର ଅର୍ଥ ହେଉଛି, ଯେଉଁ ସାମଗ୍ରୀ ଗତ ବର୍ଷ ସମାନ ଅବଧିରେ ୧୦୦ ଟଙ୍କାରେ ମିଳୁଥିଲା ତାହା ଆଜି ପାଖାପାଖି ୧୧୧.୩୯ ଟଙ୍କା ହୋଇଯାଇଛି। ପାଇକାରୀ ମୁଦ୍ରାସ୍ଫୀତିରେ ଖାଦ୍ୟପେୟ ସାମଗ୍ରୀର ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୮.୬୬% ହୋଇଛି, ଯାହା ଅଗଷ୍ଟରେ ୭.୦୫ ପ୍ରତିଶତ ଥିଲା। ସେହିପରି ଇନ୍ଧନ ଓ ବିଦ୍ୟୁତ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨୨.୯୩%ରୁ ବଢ଼ି ୨୫.୮୫%ରେ ପହଞ୍ଚିଛି। ବିଶେଷଜ୍ଞମାନେ ▶ପୃଷ୍ଠା-୭

# ଡବଲ୍ ଇଞ୍ଜିନ୍ ସରକାରରେ 'ଜେନ୍-ଜି'ଙ୍କ ଭବିଷ୍ୟତ ଅନ୍ଧାର: ନବୀନ

■ ଭୁବନେଶ୍ୱର, ୧୪।୧୦ (ସମିସ): ବିଜେପି ନେତୃତ୍ୱରେ ରାଜ୍ୟର ଶାସନ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରାରେ ଯୋଗଦେବା ଅବସରରେ ସେ ଅପାରଗତାରେ ଓଡ଼ିଶା ସରକାର ଦେଶରେ ନମ୍ବର ୱାନ୍ ଓ ଡ଼ବଲଇଞ୍ଜିନ୍ ସରକାରରେ ଜେନ୍-ଜିଙ୍କ ଭବିଷ୍ୟତ ଅନ୍ଧାର ବୋଲି କ୍ଷୋଭବ୍ୟକ୍ତ କରିଛନ୍ତି।

ନବୀନ କହିଛନ୍ତି ଯେ ବିଜେଡି ସରକାରରେ ବିକାଶ ଥିଲା ମୁଖ୍ୟ ଏଜେଣ୍ଡା। କିନ୍ତୁ ଏ ଡବଲ ଇଞ୍ଜିନ ସରକାର ପାଇଁ ତାଙ୍କ ଦଳର ବିକାଶ ହିଁ ବର୍ତ୍ତମାନ ମୁଖ୍ୟ ଏଜେଣ୍ଡା ପାଲଟିଛି। ଏ ସରକାର ଅମଳରେ ସମସ୍ତେ ହଇରାଣ ହେଉଛନ୍ତି। ଚାଷୀ ହଇରାଣ ମହିଳା ହଇରାଣ, ବୁଢ଼ା ବୁଢ଼ୀ ହଇରାଣ। ଗରିବ ଲୋକ ଓ ମଧ୍ୟବିତ୍ତ ମଧ୍ୟ ହଇରାଣ ହେଉଛନ୍ତି। ଜେନ-ଜିଙ୍କର ଭବିଷ୍ୟତ ଅନ୍ଧାର। ରାଜ୍ୟରେ ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ ବଢ଼ି ବଢ଼ି ଚାଲିଛି; କିନ୍ତୁ ସରକାର ନିଦା ବିଷ୍ଣୁ ପାଲଟିଛନ୍ତି। ଅପାରଗତାରେ ଓଡ଼ିଶା ସରକାର ସାରା ଦେଶରେ ନମ୍ବର ୱାନ ▶ପୃଷ୍ଠା-୭

**ଅପାରଗତାରେ ଓଡ଼ିଶା ସରକାର ଦେଶରେ ନମ୍ବର ୱାନ୍**

**ସରକାରଙ୍କ ମୁଖା ଖୋଲିଦେବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ**



କଳିଙ୍ଗନଗରରେ ମୁଖ୍ୟମନ୍ତ୍ରୀ

# ୧୪ ଜିଲ୍ଲା ପାଇଁ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ



**୩୯,୩୮୩ କୋଟି ଟଙ୍କାର ପୁଞ୍ଜିନିବେଶ**

**ଟାଟା ଷ୍ଟିଲ ସଂପ୍ରସାରଣ, ଜିନ୍ଦଲ ଷ୍ଟିଲର ନୂତନ ପ୍ରକଳ୍ପ**

■ ଯାଜପୁର/ଦାନଗଦି/ଯଖପୁରା, ୧୪।୧୦ (ସମିସ): ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୧୪ଟି ଜିଲ୍ଲା ପାଇଁ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିବା ସହ ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି ବୋଲି କହିଛନ୍ତି। ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ୍‌ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍‌ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଶ୍ରୀଏମ୍‌କେ ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ସାମିଲ ହୋଇଛି। ଏହି ଶିଳ୍ପ ଗୁଡିକ ରାଜ୍ୟର ▶ପୃଷ୍ଠା-୭

# ଛାତ୍ର ସଂସଦ ନିର୍ବାଚନ ଆଜି

## 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ମିଟିଂରେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ

■ ଭୁବନେଶ୍ୱର, ୧୪।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଆସନ୍ତାକାଲି ରାଜ୍ୟବ୍ୟାପୀ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜଗୁଡ଼ିକରେ ମତଦାନ ହେବ। ମତଦାନ ପୂର୍ବରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଛାତ୍ରଛାତ୍ରୀମାନେ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍‌ରେ ଅଂଶଗ୍ରହଣ କରି ନିଜର ପକ୍ଷ ଉପସ୍ଥାପନ କରିଛନ୍ତି। ତେବେ ଏହି ସମୟରେବୁଧବାର ଦିବସବ୍ୟାପୀ ବିଭିନ୍ନ କଲେଜମାନଙ୍କରେ ଉତ୍ତେଜନା ସୃଷ୍ଟି ହୋଇଛି। ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମୁହାଁମୁହିଁ ଯୋଗୁଁ କଲେଜ ପରିସରରେ ପୁଲିସ ମୁତୟନ ହୋଇଛନ୍ତି। ବାଣୀବିହାରରେ ଦୁଇ ଛାତ୍ରଗୋଷ୍ଠୀ ହାତାହାତି ହୋଇଥିବାବେଳେ ବଲାଙ୍ଗୀର, ଯାଜପୁର, ଜଗତସିଂହପୁର, ପୁରୀ ଆଦି ଜିଲ୍ଲାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଛାତ୍ର ଗୋଷ୍ଠୀମଧ୍ୟରେ ଗଣ୍ଡଗୋଳ ପୁଲିସ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ▶ପୃଷ୍ଠା-୭

**ଅପରାହ୍ନ ୨ଟା ପରେ ଭୋଟ ଗଣତି**

**କଲେଜ କ୍ୟାମ୍ପସରେ ପୁଲିସ ମୁତୟନ**






ନୀଳଡ୍ରମ୍ ହତ୍ୟା ମାମଲା

## ପ୍ରେମୀଯୁଗଳଙ୍କୁ ମୃତ୍ୟୁ ଦଣ୍ଡାଦେଶ



■ ମିରଟ, ୧୪।୧୦ (ଏଜେନ୍ସି): ଉତ୍ତରପ୍ରଦେଶର ଚର୍ଚ୍ଚିତ ନୀଳ ଡ୍ରମ୍ ହତ୍ୟା ମାମଲାରେ ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଲାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମିରଟ ଜିଲ୍ଲା ଅଦାଲତ। ଜିଲ୍ଲା ଓ ଦୌରାଜଜ୍ ଅରବିନ୍ଦ କୁମାର ମିଶ୍ର ଏହି ଦଣ୍ଡ ଶୁଣାଇଥିବା ବେଳେ ମୁସ୍କାନ ଓ ସାହିଲ ଜେଲରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣିରେ ଯୋଗ ଦେଇଥିଲେ। ୨୦୨୫ ମାର୍ଚ୍ଚ ୩ରେ ମୁସ୍କାନ ଓ ସାହିଲ ମିଶି ମୁସ୍କାନଙ୍କ ପତି ସୌରଭଙ୍କୁ ହତ୍ୟା ▶ପୃଷ୍ଠା-୭

## ଓଲଟ ପାଲଟ



ଲାଞ୍ଚ ଖାଇ କୋଟିପତି ହେଉଛନ୍ତି
ଆର୍‌ଆଇ ତହସିଲଦାର,
ଜମି ପଟ୍ଟା ମାନ ଦେଇ ଦେଉଛନ୍ତି
ହେଉ ଗୋଦଣ୍ଡା ଗୋଚର।
ନିଜ ଜମି ପଟ୍ଟା ପାଇଁ ଏ ମଣିଷ
ହେଉଛି ବାର ଦୁଆର,
ତହସିଲ ଛାଡ଼ି ନିତି ଦଉଡ଼ନ୍ତି
କଟକ-ଭୁବନେଶ୍ୱର।
କୋରାପୁଟ-ବଲାଙ୍ଗୀର
ବିଭାଗର ମନ୍ତ୍ରୀ ବିଚାର କରନ୍ତୁ
ନ ହୋଇଣ ବାକ୍ୟବୀର ॥

- ଯାଯାବର




# ଦେଶ ବିଦେଶ



## ବିଶେଷ ଟିପ୍ପଣୀ



ରାଜସ୍ଥାନର ସିକର ନିକଟସ୍ଥ ପ୍ରାୟ ୪୦% ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ନାହିଁ। ଜୁଲାଇରୁ ପାଣ୍ଠି ମିଳିନାହିଁ, ଏବେ କ୍ଷୀର ମଧ୍ୟ ବନ୍ଦ ହୋଇଛି। ଅନୁଦାନ ଟଙ୍କାରେ ପିଲା ପେଟ ଭରୁଛନ୍ତି। ରୋଷେୟାମାନଙ୍କୁ ୮ ମାସର ଦେୟ ମିଳିନି। ରାଜ୍ୟର ବିଜେପି ସରକାର ପ୍ରଚାର ବିଜ୍ଞାପନରେ ଅର୍ଥ ବ୍ୟୟ କରୁଛନ୍ତି ଅଥଚ ସ୍କୁଲ ପାଇଁ ନୁହେଁ। ମୁଖ୍ୟମନ୍ତ୍ରୀ ଦୟାକରି ଏହାର ଉତ୍ତର ଦିଅନ୍ତୁ।

*-ଅଶୋକ ଗେହଲଟ୍ (ରାଜସ୍ଥାନର କଂଗ୍ରେସ ବିଧାୟକ)*



ଏବେ ଏକମାତ୍ର ସନ୍ଦେଶ, ଏକମାତ୍ର ନାରା ଦିଲ୍ଲୀ ଚାଲ, ଯନ୍ତରମନ୍ତର ଚାଲ, ଜେଲ ଭର ଇନକ୍ଲାବ୍ ଜିନ୍ଦାବାଦ, ବନ୍ଦେ ମାତରମ୍, ଭାରତ ମାତାର ଜୟ।

*-ଅଲକା ଲାମ୍ବା (ମହିଳା କଂଗ୍ରେସ ସଭାପତି)*

## ଜେନ୍ Z

ଅଙ୍କିତା ଭଣ୍ଡାରୀଙ୍କୁ ବଳାତ୍କାର ଏବଂ ହତ୍ୟାର ଅଭିଯୁକ୍ତ ଭିଭିଆଇପିକୁ ବିଜେପି ଉତ୍ତରାଖଣ୍ଡର ରାଜ୍ୟପାଳ ଭାବରେ ନିଯୁକ୍ତ କରିଛି। ଭଉଣୀ ଅଙ୍କିତା, ଆମ ଜୀବିତାବସ୍ଥାରେ ଏପରି ହେଉଥିବାରୁ ଆମେ ଲଜ୍ଜିତ।

-ନଦିମ୍ ରାମ ଅଲ୍ଲୀ @NadeemRamAli

## ସୀମା ଟପିଲା ଦିଲ୍ଲୀ ପୁଲିସର ବର୍ବରତା

# ଅଟକ ବେଳେ ଛାତ୍ରଛାତ୍ରୀଙ୍କୁ ଅକଥନୀୟ ନିର୍ଯାତନା

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ଭୋଟଚୋରି ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଦିଲ୍ଲୀରେ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ଦମନ କରିବା ଲାଗି ପ୍ରଶାସନ ସବୁ ପ୍ରକାର ବଳ ପ୍ରୟୋଗ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ରାସ୍ତା ଉପରୁ ଉଠାଇ ନେଇ ପୁଲିସ ଅଟକ ରଖିବା ସହିତ ସେମାନଙ୍କ ସହିତ ଅମାନବୀୟ ବ୍ୟବହାର କରିଛି। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଏବଂ ଏସଏଫ୍ଆଇ କର୍ମୀ ଅଭିଯୋଗ କରିଛନ୍ତି ଯେ ଅଟକ ବେଳେ ସେମାନଙ୍କ ପ୍ରତି ଦିଲ୍ଲୀ ପୁଲିସର ବର୍ବରତା ସୀମା ଟପିଯାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ, ପୁଲିସ ଗାଡ଼ି ଓ ଥାନା ଭିତରେ ଛାତ୍ରଛାତ୍ରୀଙ୍କୁ ମାଡ଼ ମରାଯିବା ସହ ଶାରୀରିକ ନିର୍ଯାତନା ଦିଆଯାଇଛି। ଅଳ୍ପ ବୟସର ଛାତ୍ରୀମାନଙ୍କୁ ମଧ୍ୟ ମାଡ଼ ମରାଯିବା ସହ ଅସଦାଚରଣ କରାଯାଇଛି। ଏହି ଆକ୍ରମଣରେ କେରଳର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆଥିରା ଗୋଟିଏ କାନର ଶ୍ରବଣ ଶକ୍ତି ହରାଇଛନ୍ତି। ଅନ୍ୟଜଣେ ଛାତ୍ରୀ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବେଳେ ମହିଳା ପୁଲିସ ତାଙ୍କୁ ଉଠାଇ ନେଇଥିଲେ ଏବଂ ତାଙ୍କୁ ମାଡ଼ ମାରିବା ସହ ନଖରେ ଆଞ୍ଚୁଡ଼ି ପକାଇଥିଲେ। ଅନ୍ୟପଟେ, ଅର୍ଜୁନ ନାମକ

**ରାହୁଲଙ୍କ ଚେତାବନୀ: ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ**



ଜଣେ ଛାତ୍ରଙ୍କୁ ଛାତି, ପିଠି ଓ ସମ୍ବେଦନଶୀଳ ଅଙ୍ଗରେ ଗୋଇଠା ମରାଯାଇଥିବା ଅଭିଯୋଗ କରିଛନ୍ତି। ଏହାସହ ଚାରିଜଣ ନାବାଳକଙ୍କୁ ମଧ୍ୟ ଅଟକ ରଖି ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି।

ଏହି ଘଟଣାକୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସକୁ କଠୋର ଚେତାବନୀ ଦେଇଛନ୍ତି। ଗଣତାନ୍ତ୍ରିକ ସ୍ୱରକୁ ଦମନ କରୁଥିବା ବ୍ୟକ୍ତିମାନେ ନିଶ୍ଚିତ ଭାବେ କଠୋର ନ୍ୟାୟର ସାମ୍ନା କରିବେ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ନାମ ନେଇ ବର୍ଷିଛନ୍ତି ରାହୁଲ। ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ଶାରୀରିକ ନିର୍ଯାତନାର ଆଇନଗତ ଉତ୍ତରଦାୟିତ୍ୱ ଜବାବ ମଗାଯିବ ବୋଲି ସେ କହିଛନ୍ତି। ଏଥିସହିତ, ପୁଲିସ ନିର୍ଯାତନାର ଭିଡିଓ ଓ ଫଟୋ ପ୍ରମାଣ ସୁରକ୍ଷିତ ରଖିବାକୁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପୁଲିସ କର୍ମଚାରୀ ପର୍ଯ୍ୟନ୍ତ ଲୋକଙ୍କ ବିରୋଧରେ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ହେବ। ଏଥିରୁ ସେମାନେ ବର୍ତ୍ତିପାରିବେ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ପୁଲିସ ନିର୍ଯାତନାର ଶିକାର ହୋଇଥିବା ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କୁ କିଭଳି ନିର୍ଯାତନା ଦିଆଯାଇଥିଲା, ତାହା ବର୍ଣ୍ଣନା କରିଥିଲେ। ରାହୁଲ ସେମାନଙ୍କୁ ବାଘ, ବାଘୁଣୀ ବୋଲି ବର୍ଣ୍ଣନା କରିଥିଲେ।

ସୂଚନାଯୋଗ୍ୟ ଯେ ନିଟ୍ ଆନ୍ଦୋଳନ ପରେ ମଧ୍ୟ ରାହୁଲ ପୁଲିସର ପେଲେଟ ଗନ୍ ଆକ୍ରମଣରେ ଦୃଷ୍ଟିଶକ୍ତି ହରାଇଥିବା ଛାତ୍ରଙ୍କୁ ଗଣମାଧ୍ୟମ ଆଗରେ ଉପସ୍ଥାପିତ କରି ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହାପୂର୍ବରୁ ସିଜେପି ମୁଖ୍ୟ ଅଭିଜିତ ଦୀପକେ ପୁଲିସ ଅଟକ ସମୟରେ ତାଙ୍କ ସମେତ ତାଙ୍କ ପରିବାର ପ୍ରତି ମାନସିକ ନିର୍ଯାତନା ଦିଆଯାଇଥିବା ଏବଂ ତାଙ୍କ ଆଇନଜୀବୀ ଓ ପରିବାର ସହ ସମ୍ପର୍କ କରିବାକୁ ଦିଆ ନ ଯାଇଥିବା ଅଭିଯୋଗ କରିଥିଲେ।

# ପାର୍ବଣ ପାଇଁ ଆନ୍ଦୋଳନରେ ବିରତି

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଓ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ବିରୋଧରେ ଚାଲିଥିବା ଜନଆନ୍ଦୋଳନରେ ସାମୟିକ ବିରତି ନିଷ୍ପତ୍ତି ନେଇଛି ବିରୋଧୀ ଇଣ୍ଡିଆ ମେଣ୍ଟ। ପାର୍ବଣକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ନିୟମିତ ମିଳିତ ପ୍ରତିବାଦ ବନ୍ଦ ରହିବ। ଏହା ପରବର୍ତ୍ତୀ ସୁପ୍ରିମକୋର୍ଟରେ ଆଇନଗତ ଲଢେଇ ଓ ଯୋଜନାବଦ୍ଧ ପ୍ରତିବାଦ ଉପରେ ମେଣ୍ଟ ଗୁରୁତ୍ୱ ଦେବ ବୋଲି ରିପୋର୍ଟ ପ୍ରକାଶ ପାଇଛି। କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଆସନ୍ତା କିଛିଦିନ ଦିଲ୍ଲୀରେ ବଡ଼ଧରଣର ମିଳିତ ପ୍ରତିବାଦ ହେବ ନାହିଁ; ଛୋଟ ଛୋଟ ପ୍ରଦର୍ଶନ ଜାରି ରହିବ। ଦଶହରା ପୂର୍ବରୁ କୌଣସି ବଡ଼ ମିଳିତ ଆନ୍ଦୋଳନର ଯୋଜନା ନ ଥିବା ବେଳେ ନଭେମ୍ବର ୧ରେ ଦିଲ୍ଲୀରେ କଂଗ୍ରେସର ଏକ ରାଲି ହେବାକୁ ଯାଉଛି। ପାର୍ବଣ ସମୟରେ ନବରାତ୍ର, ଦୁର୍ଗାପୂଜା, ଦଶହରା, ଦୀପାବଳି ଓ ଛଟ୍ ପୂଜା ପାଇଁ ରାଜଧାନୀରେ ଭିଡ଼ ବଢ଼ିବ। ଏହି ସମୟରେ ଲଗାତାର ଆନ୍ଦୋଳନ ଜାରି ରଖିବାରେ ବ୍ୟବହାରିକ ସମସ୍ୟା ରହିଥିବାରୁ ଏଭଳି ରଣନୀତି ଆପଣାଯାଇଥିବା ମେଣ୍ଟ ନେତାମାନେ କହିଛନ୍ତି। ସାଂସଦ ଓ ଦଳୀୟ ନେତାମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଫେରିବାକୁ ରାହୁଲ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ, ଏସ୍ଆଇଆର୍ ପ୍ରକ୍ରିୟାରେ କଥିତ ଅନିୟମିତତା ଓ ଭୋଟର ତାଲିକାର ସ୍ୱଚ୍ଛତାକୁ ନେଇ ଇଣ୍ଡି ମେଣ୍ଟ ସୁପ୍ରିମକୋର୍ଟରେ ତ୍ୱରିତ ଶୁଣାଣି ପାଇଁ ଉଦ୍ୟମ କରୁଛି। ଏହି ପ୍ରକ୍ରିୟା ଉପରେ ଅନ୍ତରୀଣ ରୋକ୍ ଲଗାଇବାକୁ ଆବେଦନ କରାଯାଇଥିବା ଜଣାପଡ଼ିଛି। ବୈଠକ ପରେ ରାହୁଲ ଗାନ୍ଧୀ କହିଛନ୍ତି, ମେଣ୍ଟର ଅଭିଯାନ ଜାରି ରହିବ ଏବଂ ଏହା ପଛକୁ ହଟିବାର ସଂକେତ ନୁହେଁ। ଆଗକୁ ଏକ ଅପ୍ରତ୍ୟାଶିତ ପ୍ରତିବାଦ କାର୍ଯ୍ୟକ୍ରମ ରଖାଯାଇଥିବା ସେ ସୂଚନା ଦେଇଥିଲେ। ତେବେ ଏହାର ବିବରଣୀ ପ୍ରକାଶ କରାଯାଇନାହିଁ। ଦିଲ୍ଲୀର ଯନ୍ତରମନ୍ତରଠାରେ ସାଧାରଣ ସଭା ଓ ପ୍ରତିବାଦ ଉପରେ ଲାଗିଥିବା ପ୍ରଶାସନିକ କଟକଣାକୁ ମଧ୍ୟ ଆଇନଗତ ଭାବେ ଚ୍ୟାଲେଞ୍ଜ କରିବାକୁ ମେଣ୍ଟ ଯୋଜନା କରୁଛି। ବୈଠକରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଏନ୍‌ସିପି (ଶରଦ ପୱାର) ସାଂସଦ ସୁପ୍ରିୟା ସୁଲେ, ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ନେତା ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ରାଜନୈତିକ ଦଳଗୁଡ଼ିକ ସହ ଛାତ୍ର ସଂଗଠନ ଓ ନାଗରିକ ସମାଜର ସଂଗଠନଗୁଡ଼ିକୁ ମଧ୍ୟ ଏହି ଅଭିଯାନରେ ସାମିଲ କରିବାକୁ ଇଣ୍ଡି ମେଣ୍ଟ ଉଦ୍ୟମ କରୁଛି। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱକୁ ନେଇ ବ୍ୟାପକ ମିଳିତ ମଞ୍ଚ ଗଠନ କରିବା ଏହାର ଲକ୍ଷ୍ୟ ବୋଲି ରିପୋର୍ଟରେ କୁହାଯାଇଛି।



**ଏବେ ସୁପ୍ରିମକୋର୍ଟରେ ଲଢ଼େଇ ଉପରେ ଗୁରୁତ୍ୱ**

**ନଭେମ୍ବର ୧ରେ କଂଗ୍ରେସର ରାଲି**

## ୧୬ରେ ଦୀପ୍‌କେଙ୍କ ତ୍ରିରଙ୍ଗା ଯାତ୍ରା

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): କକ୍ରୋଚ ଜନତା ପାର୍ଟି (ସିଜେପି)ର ଦୁଇ ଜଣ ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ତିହାର ଜେଲ ପଠାଯାଇଛି। ଏହାପରେ ଦଳର ସଂସ୍ଥାପକ ଅଭିଜିତ ଦୀପକେ ଅକ୍ଟୋବର ୧୬ରେ ନୂଆଦିଲ୍ଲୀର କନ୍ନଟ ପ୍ଲେସସ୍ଥିତ ସେଣ୍ଟ୍ରାଲ ପାର୍କଠାରେ ତିରଙ୍ଗା ଧରି ଏକତ୍ରିତ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ଆସିପାରୁନଥିବା ଲୋକଙ୍କୁ ନିଜ ନିଜ ସହରରେ ସନ୍ଧ୍ୟା ସମୟରେ ତିରଙ୍ଗା ଯାତ୍ରା ଆୟୋଜନ କରିବାକୁ ସେ ଅନୁରୋଧ କରିଛନ୍ତି। ଅଭିଜିତ ଦୀପକେ ଅଭିଯୋଗ କରିଛନ୍ତି ଯେ କେବଳ ଜାତୀୟ ପତାକା ଉତ୍ତୋଳନ କରିଥିବାରୁ ସେମାନଙ୍କୁ ଜେଲ ପଠାଯାଇଛି। ନିଜକୁ ମଧ୍ୟ ଗିରଫ କରାଯିବାର ଆଶଙ୍କା ପ୍ରକାଶ କରିଛନ୍ତି। ତିରଙ୍ଗା ଆମର ଗର୍ବ ଏବଂ ଏହାକୁ ଉତ୍ତୋଳନ କରିବା କୌଣସି ଅପରାଧ ନୁହେଁ ବୋଲି କହି ସେ ଶୁକ୍ରବାର ଲୋକଙ୍କୁ ତ୍ରିରଙ୍ଗା ସହ ରାସ୍ତାକୁ ଓହ୍ଲାଇବାକୁ କହିଛନ୍ତି।

## ସିଜେପିକୁ ରାହୁଲଙ୍କ ସମର୍ଥନ

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ନେତା ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ପାଞ୍ଚ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଯାଇଥିବା ବେଳେ ସେମାନଙ୍କ ସମର୍ଥନରେ ଆଗକୁ ଆସିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସମୟରେ ତ୍ରିରଙ୍ଗା ଉଡ଼ାଇବା ଅପରାଧ ନୁହେଁ ବୋଲି ସେ 'ଏକ୍ସ'ରେ ଲେଖିବା ସହ ଯୁବକମାନଙ୍କୁ ଜେଲ୍‌ରେ ରଖିବାକୁ ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଛାତ୍ର, ଯୁବକ, ସାମ୍ବାଦିକ ଓ 'ଇଣ୍ଡିଆ' ମେଣ୍ଟ ଭିନ୍ନ ଭିନ୍ନ ବ୍ୟାନରରେ ଆନ୍ଦୋଳନ କରୁଥିଲେ ମଧ୍ୟ ସେମାନଙ୍କ ଦାବିର ମୂଳରେ ରହିଛି ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଯନ୍ତରମନ୍ତର ଭାରତୀୟ ଜନତାଙ୍କର ଏବଂ ଏହାକୁ ପୁନର୍ବାର ଆନ୍ଦୋଳନସ୍ଥଳ ଭାବେ ଫେରାଇ ଅଣାଯିବ ବୋଲି ସେ କହିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ରାହୁଲଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଜେଲ୍‌ଗଲେ ସୌରଭ ଓ ଆଶୁତୋଷ

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରରେ ବିନା ଅନୁମତିରେ ପ୍ରବେଶ କରିବା ଏବଂ ଶାନ୍ତି ବଜାୟ ରଖିବା ସମ୍ପର୍କିତ ବଣ୍ଡର ସର୍ତ୍ତ ଉଲ୍ଲଂଘନ ଅଭିଯୋଗରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଦୁଇ ନେତା ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ପାଞ୍ଚ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଯାଇଛି। ଅନ୍ୟ ଜଣେ ସହଯୋଗୀ ଅଜିଙ୍କ୍ୟ ଶିନ୍ଦେ ଶାନ୍ତି ବଣ୍ଡରେ ସ୍ୱାକ୍ଷର କରିବା ପରେ ମୁକ୍ତ ହୋଇଛନ୍ତି। ବୁଧବାର ତିନି ଜଣଙ୍କୁ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ପୁନର୍ବାର ଆଇନ ଉଲ୍ଲଂଘନ କରିବା ଏବଂ ସାଧାରଣ ଶାନ୍ତି ଭଙ୍ଗ କରିବା ଆଶଙ୍କା ଦର୍ଶାଇ ପୁଲିସ ସୌରଭ ଓ ଆଶୁତୋଷଙ୍କୁ ନ୍ୟାୟିକ ହାଜତକୁ ପଠାଇବା ପାଇଁ ପଦକ୍ଷେପ ନେଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ଯନ୍ତରମନ୍ତରରେ ପ୍ରବେଶ, ନିଷେଧାଦେଶ ଉଲ୍ଲଂଘନ, ଶାନ୍ତି ବଣ୍ଡର ସର୍ତ୍ତ ଭଙ୍ଗ ଏବଂ ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ ସମ୍ପାଦନରେ ବାଧା ସୃଷ୍ଟି ଭଳି ଅଭିଯୋଗରେ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୁଲିସର କହିବା ଅନୁସାରେ, ସମ୍ପୃକ୍ତ ସ୍ଥାନରେ ନିୟୋଜିତ କର୍ମଚାରୀଙ୍କୁ କାର୍ଯ୍ୟ ସମ୍ପାଦନରେ ବାଧା ଦେବା ଅଭିଯୋଗରେ ମୋଟ ୧୪ ଜଣଙ୍କୁ ଅଟକ ରଖାଯାଇଥିଲା। ଏହି ଘଟଣାକୁ ନେଇ ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଜନ୍ତରମନ୍ତରରେ ତ୍ରିରଙ୍ଗା ଉତ୍ତୋଳନ କରିବା ହିଁ ଦୁଇ ନେତାଙ୍କ ଅପରାଧ ବୋଲି ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି। ବିରୋଧର ସ୍ୱରକୁ ଦମନ କରିବା ପରିବର୍ତ୍ତ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ସିଜେପିର ଆଇନଜୀବୀ ଦଳର ମୁଖ୍ୟ ରତ୍ନା ସିଂହ ଅଭିଯୋଗ କରିଛନ୍ତି ଯେ, ତିନି ଜଣଙ୍କୁ ରାତି ପ୍ରାୟ ୩ଟାରେ ଏକ ଘରୋଇ ଗାଡ଼ିରେ ସଂସଦ ମାର୍ଗ ଥାନାକୁ ଅଣାଯାଇଥିଲା ଏବଂ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନଙ୍କୁ ଆଇନଜୀବୀଙ୍କ ସହ ସାକ୍ଷାତ କରିବାକୁ ଦିଆଯାଇନଥିଲା। ଏହାକୁ ସେ ବେଆଇନ ଅଟକ ରଖିବା ବୋଲି ଦାବି କରିଛନ୍ତି।



## ଏୟାର ଇଣ୍ଡିଆ ବିମାନରେ ହାଇଜାକ୍ ଆଲର୍ଟ

ଜୟପୁର,୧୪।୧୦(ଏଜେନ୍ସି): ପାଇଲଟ୍‌ଙ୍କ ହାଇଜାକ୍ ସତର୍କ ସଙ୍କେତ ପରେ ଜର୍ମାନୀର ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନକୁ ବୁଧବାର ଜୟପୁର ବିମାନବନ୍ଦରରେ ଅବତରଣ କରାଯାଇଛି। ବିମାନରେ ଥିବା ୨୯୩ ଯାତ୍ରୀ ଓ ୧୩ ଜଣ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଛି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)। ଏଆଇ-୨୦୩୦ ବିମାନଟି ବୁଧବାର ସକାଳ ୯ଟା ୩୫ରେ ଜୟପୁରରେ ସୁରକ୍ଷିତ ଅବତରଣ କରିଥିଲା। ପରେ ଏହାକୁ ଯାଞ୍ଚ ପାଇଁ ପୃଥକ୍ ସ୍ଥାନରେ ରଖାଯାଇଥିଲା। ପ୍ରାଥମିକ ଯାଞ୍ଚରେ ବିମାନର କାର୍ଯ୍ୟପ୍ରଣାଳୀ ସ୍ୱାଭାବିକ ଥିବା ଜଣାପଡ଼ିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ହାଇଜାକ୍ ଆଲର୍ଟଟି ମିଥ୍ୟା ଥିଲା। ସୁରକ୍ଷା ଯାଞ୍ଚ ପରେ ଯାତ୍ରୀମାନେ ପୁଣି ବିମାନରେ ଚଢ଼ିଥିବା ବେଳେ ଏହା ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ଯୋଜନା ରହିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟାରେ ଅହମଦାବାଦ ବିମାନ ନିୟନ୍ତ୍ରଣ କେନ୍ଦ୍ରକୁ ବିମାନରୁ କିଛି ସେକେଣ୍ଡ ପାଇଁ ଜରୁରୀ ସଙ୍କେତ ମିଳିଥିଲା। ପାଇଲଟ୍ ବିମାନ ଅପହରଣ ସମ୍ପର୍କିତ ସତର୍କ ସୂଚନା ଦେବା ପାଇଁ ବ୍ୟବହୃତ ଅନ୍ତର୍ଜାତୀୟ ସଙ୍କେତ 'ସ୍କ୍ୱାକ୍ ୭୫୦୦' ସକ୍ରିୟ କରିଥିବା କୁହାଯାଉଛି। ଏହାପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଯାଇଥିଲା। ପ୍ରାୟ ୯ଟା ୧୦ରେ ଦିଲ୍ଲୀ ବିମାନବନ୍ଦରର ନିୟନ୍ତ୍ରଣ କକ୍ଷ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଦିଗ ବଦଳାଇ ବିମାନଟିକୁ ଜୟପୁରକୁ ନେବାକୁ ନିଷ୍ପତ୍ତି ହୋଇଥିଲା। ଜୟପୁର ବିମାନବନ୍ଦର ପରିଚାଳନା କରୁଥିବା ଆଦାନୀ ଏୟାରପୋର୍ଟ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ପରିସ୍ଥିତି ସ୍ୱାଭାବିକ ରହିଛି। ଏହି ସତର୍କ ସଙ୍କେତ କାହିଁକି ଦିଆଗଲା ଏବଂ 'ସ୍କ୍ୱାକ୍ ୭୫୦୦' କିପରି ସକ୍ରିୟ ହେଲା, ତାହାର ତଦନ୍ତ ଚାଲିଛି।



## ୪୦ କୋଟିର ହେରୋଇନ୍ ସହ ପଞ୍ଜାବ ପୁଲିସ ଗିରଫ

ଚଣ୍ଡୀଗଡ଼,୧୪।୧୦(ଏଜେନ୍ସି): ପଞ୍ଜାବର ତରନତାରନ ଜିଲ୍ଲାରେ ୧୫ କେଜି ହେରୋଇନ୍ ସହ ଜଣେ ପୁଲିସ କନଷ୍ଟେବଲ ଗିରଫ ହୋଇଛନ୍ତି। ଜବତ ହେରୋଇନ୍‌ର ମୂଲ୍ୟ ୪୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗିରଫ କନଷ୍ଟେବଲଙ୍କ ନାମ କରନଦୀପ ସିଂହ। ସୀମାନ୍ତ ଅଞ୍ଚଳରେ ଡ୍ରୋନ୍ ମାଧ୍ୟମରେ ହେଉଥିବା ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଦାୟିତ୍ୱରେ ସେ ନିୟୋଜିତ ଥିଲେ। ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଓ ତଦନ୍ତକାରୀ ସଂସ୍ଥାର ମିଳିତ ଅଭିଯାନରେ ସରାଇ ଅମାନତ ଖାନ୍ ଅଞ୍ଚଳରୁ ତାଙ୍କୁ ଧରାଯାଇଥିଲା। ସେ ସୀମାନ୍ତରୁ ହେରୋଇନ୍ ନିଜ ଗାଁ ଭୁସେକୁ ନେଉଥିବା ଅଭିଯୋଗ ହୋଇଛି। ଏହି ଚୋରାଚାଲାଣର ଉତ୍ସ, ନିଶାଦ୍ରବ୍ୟ କେଉଁଠାକୁ ଯିବାର ଥିଲା ଏବଂ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ, ସେ ନେଇ ତଦନ୍ତ ଚାଲିଛି।

# ଦରମା ୯୦ ହଜାର: ବିଳାସପୂର୍ଣ୍ଣ କାର୍, ୫-ତାରକା ହୋଟେଲରେ ରହଣି

ମୁମ୍ବଇ,୧୪।୧୦(ଏଜେନ୍ସି): ମାସିକ ଦରମା ପ୍ରାୟ ୯୦ ହଜାର ଟଙ୍କା, କିନ୍ତୁ ବ୍ୟବହାର କରୁଥିଲେ ମର୍ସିଡିଜ୍ ଓ ବିଏମ୍‌ଡବ୍ଲ୍ୟୁ ଭଳି ବିଳାସପୂର୍ଣ୍ଣ କାର୍। ଏପରିକି ମୁମ୍ବାଇର ଏକ ପଞ୍ଚତାରକା ହୋଟେଲରେ ପ୍ରାୟ ୧୦୦ ଦିନ ରହିଥିବା ଅଭିଯୋଗ ମଧ୍ୟ ରହିଛି। ପୂର୍ବତନ ମୁମ୍ବଇ ପୁଲିସ ଅଧିକାରୀ ସଚିନ ୱାଜେଙ୍କ ଜୀବନଶୈଳୀକୁ ନେଇ ବମ୍ବେ ହାଇକୋର୍ଟରେ ଏପରି ପ୍ରଶ୍ନ ଉଠିଛି। ୱାଜେଙ୍କୁ ମିଳିଥିବା ଜାମିନକୁ ଚ୍ୟାଲେଞ୍ଜ କରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦାଖଲ କରିଥିବା ଆବେଦନର ଶୁଣାଣି ବେଳେ ଏହି ପ୍ରସଙ୍ଗ ଉଠିଥିଲା। ସହକାରୀ ପୁଲିସ ନିରୀକ୍ଷକ ପଦବିରେ ଥିବା ଜଣେ ଅଧିକାରୀ କିପରି ଏତେ ଦାମୀ ଗାଡ଼ି ବ୍ୟବହାର କରୁଥିଲେ ଏବଂ ଦୀର୍ଘ ସମୟ ଧରି ପଞ୍ଚତାରକା ହୋଟେଲରେ ରହିବାର ଖର୍ଚ୍ଚ କିପରି ବହନ କରୁଥିଲେ, ତାହାକୁ ନେଇ ଅଦାଲତ ପ୍ରଶ୍ନ କରିଥିଲେ। ଏନ୍ଆଇଏ ପକ୍ଷରୁ କୁହାଯାଇଥିଲା ଯେ ୱାଜେ ମର୍ସିଡିଜ୍ ଓ ବିଏମ୍‌ଡବ୍ଲ୍ୟୁ ଭଳି ଦାମୀ ଗାଡ଼ିରେ ଯାତାୟାତ କରୁଥିଲେ। ସେ କେବଳ ନିଜ କାର୍ଯ୍ୟାଳୟକୁ ନୁହେଁ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ 'ବର୍ଷା'କୁ ମଧ୍ୟ ଏହି ଗାଡ଼ିରେ ଯାଉଥିବା ଏଜେନ୍ସି ଉଲ୍ଲେଖ କରିଥିଲା। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ମୁମ୍ବାଇସ୍ଥିତ ବାସଭବନ 'ଆଣ୍ଟିଲିଆ' ବାହାରେ ବିସ୍ଫୋରକ ଥିବା ଗାଡ଼ି ମିଳିବା ଏବଂ ବ୍ୟବସାୟୀ ମନସୁଖ ହିରେନଙ୍କ ହତ୍ୟା ମାମଲାରେ ମଧ୍ୟ ସଚିନ ୱାଜେଙ୍କ ନାମ ସାମ୍ନାକୁ ଆସିଥିଲା। ଏହି ମାମଲାଗୁଡ଼ିକର ତଦନ୍ତ କରି ଏନ୍ଆଇଏ ୱାଜେଙ୍କ ଭୂମିକାକୁ ନେଇ ଗୁରୁତର ଅଭିଯୋଗ ଆଣିଛି। ଆଣ୍ଟିଲିଆ ବାହାରେ ରଖାଯାଇଥିବା ଗାଡ଼ିରୁ ଜେଲାଟିନ୍ କାଠି ମିଳିବା ପ୍ରସଙ୍ଗରେ ମଧ୍ୟ ହାଇକୋର୍ଟ ତଦନ୍ତକାରୀ ସଂସ୍ଥାକୁ ପ୍ରଶ୍ନ କରିଥିଲେ। ଏହି ବିସ୍ଫୋରକ ସାମଗ୍ରୀ କେଉଁଠାରୁ ଆସିଥିଲା ଏବଂ ତଦନ୍ତରେ ଏହାର ଉତ୍ସ କାହିଁକି ଚିହ୍ନଟ ହୋଇପାରିଲା ନାହିଁ, ତାହା ଅଦାଲତ ଜାଣିବାକୁ ଚାହିଁଥିଲେ। ତଦନ୍ତରେ ୱାଜେ ସହଯୋଗ କରିନଥିବା ଏନ୍ଆଇଏ ଅଭିଯୋଗ କରିଛି। ୱାଜେଙ୍କୁ ମିଳିଥିବା ଜାମିନ ବିରୋଧରେ ଏନ୍ଆଇଏ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଜାମିନ ଉପରେ ରୋକ୍ ବଜାୟ ରଖିବାକୁ ଏଜେନ୍ସି ଅନୁରୋଧ କରିଥିଲା। ତେବେ, ଶୁଣାଣି ବେଳେ ଉଠିଥିବା ପ୍ରଶ୍ନଗୁଡ଼ିକ ନିଜେ କୌଣସି ଅଭିଯୋଗର ଚୂଡ଼ାନ୍ତ ପ୍ରମାଣ ନୁହେଁ। ମାମଲାର ଅଭିଯୋଗ ଓ ପ୍ରମାଣର ବିଚାର ନ୍ୟାୟିକ ପ୍ରକ୍ରିୟା ଅନୁସାରେ ହେବ।

**ପୁଲିସ ଅଧିକାରୀଙ୍କ ଜୀବନଶୈଳୀକୁ ନେଇ ପ୍ରଶ୍ନ**




# ମିରଟ ନୀଳ ଡ୍ରମ୍ ହତ୍ୟା ମାମଲା: ପତ୍ନୀ, ପ୍ରେମିକଙ୍କୁ ମୃତ୍ୟୁଦଣ୍ଡ

ମିରଟ,୧୪।୧୦(ଏଜେନ୍ସି): ଉତ୍ତରପ୍ରଦେଶର ଚର୍ଚ୍ଚିତ ନୀଳ ଡ୍ରମ୍ ହତ୍ୟା ମାମଲାରେ ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଳାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମିରଟ ଜିଲ୍ଲା ଅଦାଲତ। ମର୍ଚ୍ଚାଣ୍ଟ ନେଭି ଅଧିକାରୀ ସୌରଭ ରାଜପୁତଙ୍କ ହତ୍ୟା ମାମଲାରେ ଏହି ରାୟ ଆସିଛି। ତେବେ ଆଇନ ଅନୁଯାୟୀ, ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେବା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟଙ୍କ ଅନୁମୋଦନ ଆବଶ୍ୟକ। ବୁଧବାର ରାୟ ଶୁଣାଇବା ବେଳେ ଜିଲ୍ଲା ଓ ଦୌରାଜଜ୍ ଅରବିନ୍ଦ କୁମାର ମିଶ୍ର ମହାଭାରତର ଉଦାହରଣ ଦେଇଥିଲେ। ଦଣ୍ଡ ମଧ୍ୟ ଧର୍ମର ଏକ ରୂପ ବୋଲି ସେ ମତ ଦେଇଥିଲେ। ମୁସ୍କାନ ଓ ସାହିଲ ଜେଲ୍‌ରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣିରେ ଯୋଗ ଦେଇଥିଲେ। ଅଦାଲତରେ ସୌରଭଙ୍କ ମା' ରେଣୁ ରାଜପୁତ ଓ ତାଙ୍କ ଭାଇ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ୨୦୨୫ ମାର୍ଚ୍ଚ ୩ରେ ମୁସ୍କାନ ଓ ସାହିଲ ମିଶି ସୌରଭଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ସିମେଣ୍ଟ ଭର୍ତ୍ତି ନୀଳ ଡ୍ରମ୍‌ରେ ଲୁଚାଇ ରଖିଥିଲେ। ପରଦିନ ଘରୁ ଏହି ଡ୍ରମ୍ ମିଳିବା ପରେ ଘଟଣାଟି ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଅଭିଯୋଗପକ୍ଷର ଯୁକ୍ତି ଅନୁଯାୟୀ, ମୁସ୍କାନ ଓ ସାହିଲଙ୍କ ସମ୍ପର୍କକୁ ନେଇ ସୌରଭଙ୍କୁ ହତ୍ୟା କରିବାର ଯୋଜନା ହୋଇଥିଲା। ଗତ ସେପ୍ଟେମ୍ବରରେ ଅଦାଲତ ଉଭୟଙ୍କୁ ହତ୍ୟା ଓ ମୃତଦେହ ଲୁଚାଇବା ସମ୍ବନ୍ଧୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ। ପ୍ରାୟ ୧୩ ମାସ ଧରି ଚାଲିଥିବା ବିଚାର ପ୍ରକ୍ରିୟାରେ ୧୨୬ ଥର ଶୁଣାଣି ହୋଇଥିଲା। ରାୟ ପରେ ସୌରଭଙ୍କ ମା' ରେଣୁ ରାଜପୁତ ଦମ୍ପତିଙ୍କୁ ହିଂସାର ପଥ ନ ବାଛିବାକୁ ଆହ୍ୱାନ ଦେଇଥିଲେ। ଏକାଠି ରହିବାକୁ ଇଚ୍ଛା ନ ଥିଲେ ଅଲଗା ହୋଇଯିବା ଉଚିତ, କିନ୍ତୁ କାହାର ପୁଅକୁ ହତ୍ୟା କରିବା ଅନୁଚିତ ବୋଲି ସେ କହିଥିଲେ। ତାଙ୍କ ପୁଅର ସ୍ମୃତି ଘରର ପ୍ରତ୍ୟେକ କୋଣରେ ରହିଛି ବୋଲି ସେ ଭାବବିହ୍ୱଳ ହୋଇ କହିଥିଲେ। ମୁସ୍କାନଙ୍କ ମାତାପିତା ମଧ୍ୟ ଅଦାଲତରେ ଲିଖିତ ଭାବେ ଜଣାଇଥିଲେ ଯେ ଝିଅକୁ ମୃତ୍ୟୁଦଣ୍ଡ ଦିଆଗଲେ ସେମାନେ ଏହାର ବିରୋଧ କରିବେ ନାହିଁ। ସୌରଭଙ୍କ ପରିବାର ମଧ୍ୟ ଉଭୟଙ୍କ ପାଇଁ ସର୍ବାଧିକ ଦଣ୍ଡ ଦାବି କରିଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ ମୁସ୍କାନଙ୍କ ଆଚରଣରେ ପରିବର୍ତ୍ତନ ଆସିଥିବା ଜେଲ୍ ଅଧୀକ୍ଷକ କହିଛନ୍ତି। ସେ ଅନ୍ୟ ମହିଳା କଏଦୀଙ୍କ ସହ କଥା ହେବା ପରିବର୍ତ୍ତ ଏକାକୀ ରହିବା ଓ ପ୍ରାର୍ଥନା କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜେଲ୍‌ରେ ଜନ୍ମ ଦେଇଥିବା ନିଜ ଛୋଟ ଝିଅକୁ ଭେଟିବା ପାଇଁ ମଧ୍ୟ ସେ ଆଗ୍ରହ ପ୍ରକାଶ କରିଛନ୍ତି। ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦଣ୍ଡାଦେଶ ପରେ ଉଭୟଙ୍କୁ ଜେଲ୍ ନିୟମ ଅନୁସାରେ ରହିବାକୁ ପଡ଼ିବ। ସେମାନଙ୍କୁ ନିର୍ଦ୍ଧାରିତ ପୋଷାକ ପିନ୍ଧିବାକୁ ହେବ ଏବଂ ନିୟମ ଅନୁସାରେ ଜେଲ୍ କାମରେ ନିୟୋଜିତ କରାଯାଇପାରେ। ନିୟମ ଅନୁଯାୟୀ, ମୁସ୍କାନ ଓ ସାହିଲଙ୍କୁ ପରସ୍ପର ସହ ଭେଟିବାକୁ ଅନୁମତି ନାହିଁ।



**ସ୍ୱାମୀଙ୍କୁ ହତ୍ୟା ପରେ ନୀଳ ଡ୍ରମ୍‌ରେ ଲୁଚାଇଥିଲେ ମୃତଦେହ**

## ନବନିଯୁକ୍ତ ରାଜ୍ୟପାଳଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା

# "ଓଡ଼ିଶାରେ ବିଜେପିକୁ କିପରି ଭୋଟ୍ ଆସିବ ଚିନ୍ତା କରିବି"

- ଦଳୀୟ କାର୍ଯ୍ୟ ପାଇଁ ମନୋନୀତ ରାଜ୍ୟପାଳଙ୍କ ଉତ୍ସାହକୁ ଓଡ଼ିଶାବାସୀ ଦେଖୁଛନ୍ତି: ନବୀନ
- ମନ୍ତବ୍ୟକୁ ପିସିସି ସଭାପତିଙ୍କ ନିନ୍ଦା, ଜାତୀୟ ସ୍ତରରେ ଭର୍ତ୍ସନା

ଭୁବନେଶ୍ୱର,୧୪।୧୦(ସମିସ): ଓଡ଼ିଶାରେ ନବନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ୍‌ଙ୍କ ବକ୍ତବ୍ୟକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜୋର୍ ଧରିଛି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ଶ୍ରୀ ରାମ୍ ଦେଇଥିବା ମନ୍ତବ୍ୟକୁ ବିରୋଧୀ ରାଜନୈତିକ ଦଳ ସମେତ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।



ସୂଚନା ଥାଉ କି, ନବନିଯୁକ୍ତ ଓଡ଼ିଶା ରାଜ୍ୟପାଳ ବ୍ରଜ ମୋହନ ରାମ କହିଛନ୍ତି, "ମୋ ଭଳି ଜଣେ ସାଧାରଣ କର୍ମୀଙ୍କୁ ଦଳ ସ୍ୱୀକୃତି ଦେଇଛି। ସଂଗଠନ ପାଇଁ ମୁଁ କରିଥିବା କଠିନ ପରିଶ୍ରମ ଓ ନିରନ୍ତର ପ୍ରୟାସକୁ ଦଳ ସ୍ୱୀକାର କରିଛି। ଟିକଟ୍ ନ ମିଳିବା ସତ୍ତ୍ୱେ ମୁଁ ସଚ୍ଚୋଟତାର ସହ ଦଳ ପାଇଁ ସକ୍ରିୟ ଭାବେ କାମ କରିଚାଲିଥିଲି। ଆଜିକାଲି ଟିକଟ୍ ନ ମିଳିଲେ ଅନେକ ଲୋକ ସେହିଦିନ ସନ୍ଧ୍ୟାରେ ହିଁ ଅନ୍ୟ ଦଳକୁ ଚାଲିଯାଉଛନ୍ତି। କିନ୍ତୁ ମୋତେ ତିନିଥର ଟିକଟ୍ ମିଳି ନ ଥିଲେ ମଧ୍ୟ ମୁଁ ଦଳ ଛାଡ଼ି ନ ଥିଲି; ବରଂ ବିଜେପି ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ କାମ କରିଥିଲି। ମୋର ଦୃଢ଼ ଆଶା ଥିଲା ଯେ ଦଳ ନିଶ୍ଚିତ ଭାବେ ମୋତେ କୌଣସି ଦାୟିତ୍ୱ ଦେବା ପାଇଁ ବିଚାର କରିବ। ମାତା ରାଣୀଙ୍କ କୃପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହଙ୍କ ଆଶୀର୍ବାଦରୁ ମୋତେ ଏବେ ଏହି ଉପଯୁକ୍ତ ସାମ୍ବିଧାନିକ ପଦବୀ ମିଳିଛି। ମୁଁ ଝାଡ଼ଖଣ୍ଡର ୩ ଥର ଏସ୍‌ସି ମୋର୍ଚ୍ଚା ଅଧ୍ୟକ୍ଷ ଭାବେ କାମ କରିଛି। ମୋର୍ଚ୍ଚାକୁ ଆଗକୁ ବଢ଼ାଇବାକୁ ଅନେକ କାମ କରିଛୁ। ସମାନ ଭାବେ ଓଡ଼ିଶାରେ ମଧ୍ୟ କିପରି ସ୍ଥିତି ଅଛି ଦେଖିବି। ଓଡ଼ିଶାରେ ଏସ୍‌ସି ମୋର୍ଚ୍ଚାକୁ ସକ୍ରିୟ କରାଇବା ସହ ବିଜେପିକୁ କିପରି ଭୋଟ୍ ଆସିବ ସେନେଇ ଚିନ୍ତା କରିବି।"

ରାଜ୍ୟପାଳ ଭାବେ ନିଯୁକ୍ତି ମିଳିବାର ଦିନକ ପରେ ଶ୍ରୀ ରାମଙ୍କ ଏହି ମନ୍ତବ୍ୟ ଉପରେ ବିଭିନ୍ନ ଦଳ ପ୍ରଶ୍ନ ଉଠାଇଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶ୍ରୀ ରାମଙ୍କ ମନ୍ତବ୍ୟକୁ କଟାକ୍ଷ କରିଛନ୍ତି। ନବୀନ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ନବୀନ ଲେଖିଛନ୍ତି, ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ମନୋନୀତ ବ୍ରଜ ମୋହନ ରାମଙ୍କୁ ହାର୍ଦ୍ଦିକ ସ୍ୱାଗତ। ଦଳୀୟ କାର୍ଯ୍ୟ କରିବା ପାଇଁ ମନୋନୀତ ରାଜ୍ୟପାଳଙ୍କ ଉତ୍ସାହକୁ ଓଡ଼ିଶାବାସୀ ଦେଖୁଛନ୍ତି। ଆଶା, ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ଟିକେ ଉତ୍ସାହ ଓ ଶକ୍ତି ପ୍ରଦାନ କରିବେ; ଯାହାଦ୍ୱାରା ସେ ନିରପେକ୍ଷ ଭାବେ ଏବଂ ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା କରି ନିଜ ଦାୟିତ୍ୱ ତୁଲାଇବେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଏହି ମନ୍ତବ୍ୟକୁ ନିନ୍ଦା କହିବା ସହ ନିରପେକ୍ଷ ଭାବେ ସମ୍ବିଧାନର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା କରିବା ରାଜ୍ୟପାଳଙ୍କ କାମ ବୋଲି କହିଛନ୍ତି। କୌଣସି ରାଜନୈତିକ ଦଳର ନିର୍ବାଚନୀ ସ୍ୱାର୍ଥକୁ ଆଗକୁ ବଢ଼ାଇବା ନୁହେଁ। ସାମ୍ବିଧାନିକ ପଦପଦବୀ ସବୁବେଳେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି।

ଜାତୀୟ ସ୍ତରରେ ମଧ୍ୟ ଶ୍ରୀ ରାମ୍‌ଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଚାଲିଛି। ଏଆଇସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ପୱନ ଖେରା ଏହି ମନ୍ତବ୍ୟକୁ କଡ଼ା ନିନ୍ଦା କହିଛନ୍ତି। ସେ ନିଜ ସୋସିଆଲ୍ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ନବନିଯୁକ୍ତ ଓଡ଼ିଶା ରାଜ୍ୟପାଳ ତଥା ବିଜେପି ନେତା ବ୍ରଜ ମୋହନ ରାମ୍ ଖୋଲାଖୋଲି ଭାବେ ଘୋଷଣା କରିଛନ୍ତି ଯେ, ସେ ଓଡ଼ିଶାରେ ବିଜେପିକୁ ଅଧିକ ଭୋଟ୍ ଓ ନିର୍ବାଚନୀ ବିଜୟୀ କରିବା ପାଇଁ ନିଜର ସାମ୍ବିଧାନିକ ପଦବୀକୁ ବ୍ୟବହାର କରିବେ। ତାଙ୍କ ପାଇଁ ଜନସାଧାରଣ, ସମ୍ବିଧାନ ଓ ଦେଶଠାରୁ ଦଳ ଊର୍ଦ୍ଧ୍ୱରେ ବୋଲି ସେ ନିଜେ ସ୍ପଷ୍ଟ କରିଛନ୍ତି। ସେଥିପାଇଁ ତାଙ୍କ ଚେହେରାକୁ ଭଲ ଭାବେ ଦେଖନ୍ତୁ ଓ ମନେ ରଖନ୍ତୁ। ଜଣେ ଦେଶଦ୍ରୋହୀ ଦେଖିବାକୁ ଏମିତି ହୋଇଥାଏ ବୋଲି ଶ୍ରୀ ଖେରା ଉଲ୍ଲେଖ କରିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୌତ୍ର ମଧ୍ୟ ଏହି ମନ୍ତବ୍ୟକୁ ସମାଲୋଚନା କରିଛନ୍ତି।

## ଆଜି ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

# ସମାଧାନ ଦିଗରେ ଉଭୟ ରାଜ୍ୟ ସହମତ ହେବେ ତ ?

- ଦୀପାବଳି ସୁଦ୍ଧା ସମାଧାନ ନେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଦୃଢ଼ୋକ୍ତି
- ୨୩ ଦିନ ମଧ୍ୟରେ ସମାଧାନ ନେଇ ରାଜ୍ୟବ୍ୟାପୀ ଆଶଙ୍କା ଓ ଉତ୍କଣ୍ଠା

ଭୁବନେଶ୍ୱର,୧୪।୧୦(ସମିସ): ମହାନଦୀ ଜଳ ବିବାଦ ମାମଲାରେ ଆସନ୍ତାକାଲି ଟ୍ରିବ୍ୟୁନାଲରେ ଶୁଣାଣି ହେବ। ରାଜ୍ୟସ୍ୱାର୍ଥ ଦୃଷ୍ଟିରୁ ଏହୁ ଶୁଣାଣିକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଉଭୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ପ୍ରଥମେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର୍ ପାଟିଲ ଏବଂ ଗତ ୧ ତାରିଖରେ ନୂଆଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ସାରିଛି। ଆସନ୍ତା ଦୀପାବଳି ସୁଦ୍ଧା ବିବାଦର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଦୃଢ଼ୋକ୍ତି ପ୍ରକାଶ କରି ସାରିଛନ୍ତି। ଦୀପାବଳିକୁ ହାତରେ ମାତ୍ର ଆଉ ୨୩ ଦିନ ଥିବାବେଳେ ବିବାଦର ଉଭୟ ରାଜ୍ୟ ବିବାଦର କିପରି ପୂର୍ଣ୍ଣଚ୍ଛେଦ ଟାଣୁଛନ୍ତି, ସେନେଇ ରାଜ୍ୟବ୍ୟାପୀ ଉଭୟ ଆଶଙ୍କା ଏବଂ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତକାଲି (ମଙ୍ଗଳବାର) ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକର ନିଷ୍କର୍ଷ ନେଇ ଉଭୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିବା ବେଳେ ଉଭୟ ରାଜ୍ୟ ମଧ୍ୟରେ କେତେକ ପ୍ରସଙ୍ଗରେ ଥିବା ଅସହମତି ବାବଦରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଅଣମୌସୁମୀ ସମୟରେ ଓଡ଼ିଶାକୁ ସର୍ବନିମ୍ନ ଆବଶ୍ୟକୀୟ ଜଳ ପ୍ରବାହ ସହ ଅନ୍ୟାନ୍ୟ ପ୍ରସଙ୍ଗ ରହିଛି। ବୈଷୟିକ କମିଟି କେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି, ସେନେଇ ଆସନ୍ତାକାଲି ଟ୍ରିବ୍ୟୁନାଲଙ୍କ ସାମ୍ନାରେ ତଥ୍ୟ ଉପସ୍ଥାପନ କରିବେ। ଏହି ତଥ୍ୟ ମହାନଦୀର ଭାଗ୍ୟ ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଶେଷଜ୍ଞ ମହଲରେ ଆଶା ପ୍ରକାଶ ପାଇଛି।

ତେବେ ମହାନଦୀ ଜଳ ବିବାଦ ସହ ଜଡ଼ିତ ରାଜ୍ୟର ସକ୍ରିୟ ଅନୁଷ୍ଠାନ, ବୁଦ୍ଧିଜୀବୀ, ଜଳ ବିଶେଷଜ୍ଞଙ୍କ ମନରେ ଏବେବି ଏକାଧିକ ପ୍ରଶ୍ନ ଏବଂ ସନ୍ଦେହ ଉଙ୍କି ମାରୁଛି। ମାହନଦୀ ବଞ୍ଚାଅ ଆନ୍ଦୋଳନ ତଥା ଅନ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ମହାନଦୀ କେବଳ ଦୁଇଟି ରାଜ୍ୟ ମଧ୍ୟରେ ବାଣ୍ଟିବାକୁ ଥିବା ଜଳରାଶି ନୁହେଁ; ଏହା ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନରେଖା। କୃଷି, ପାନୀୟଜଳ, ମତ୍ସ୍ୟଜୀବୀ, ଜୀବିକା, ଶିଳ୍ପ ଏବଂ ନଦୀର ପରିବେଶୀୟ ସୁରକ୍ଷା ସବୁକିଛି ମହାନଦୀ ସହିତ ଜଡ଼ିତ। ଟ୍ରିବ୍ୟୁନାଲ ପ୍ରକ୍ରିୟା ବାହାରେ କୌଣସି ରାଜନୈତିକ ବୁଝାମଣା ହେଲେ ମଧ୍ୟ ତାହା ସ୍ୱଚ୍ଛ, ବୈଜ୍ଞାନିକ, ଆଇନସମ୍ମତ ଏବଂ ଉଭୟ ରିପେରିଆନ୍ ରାଜ୍ୟର ଅଧିକାରକୁ ସୁରକ୍ଷିତ କରୁଥିବା ହେବା ଆବଶ୍ୟକ। ସେମାନଙ୍କ ପ୍ରଶ୍ନ ଅନୁଯାୟୀ, ମହାନଦୀର ଜଳ ଉପଲବ୍ଧତା ନିର୍ଦ୍ଧାରଣ ପାଇଁ ବ୍ୟବହୃତ ସମ୍ପୂର୍ଣ୍ଣ ହାଇଡ୍ରୋଲୋଜିକାଲ୍ ତଥ୍ୟ, ପଦ୍ଧତି ଓ ମାନଦଣ୍ଡ ସାର୍ବଜନୀନ କରାଯିବ କି? ବାର୍ଷିକ ହାରାହାରି ଜଳ ଉପଲବ୍ଧତା, ୭୫ ପ୍ରତିଶତ ନିର୍ଭରଶୀଳତାର ଜଳ ଏବଂ ଅଣ-ମୌସୁମୀ ଜଳ ଉପଲବ୍ଧତାକୁ ପୃଥକ୍ ଭାବେ ବିଚାର କରାଯିବ କି? ସେହିପରି ନଭେମ୍ବରରୁ ମେ ପର୍ଯ୍ୟନ୍ତ ଓଡ଼ିଶାର ପାନୀୟଜଳ, କୃଷି, ମତ୍ସ୍ୟଜୀବୀ, ଜୀବିକା ଓ ନଦୀର ପରିବେଶୀୟ ଆବଶ୍ୟକତା ପାଇଁ ନିଶ୍ଚିତ ନ୍ୟୂନତମ ଜଳପ୍ରବାହର ବ୍ୟବସ୍ଥା ରହିବ କି ବୋଲି ସାଧାରଣରେ ପ୍ରଶ୍ନ ଉତ୍ଥାପନ ହେଉଛି।

# ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡି ସଭାପତି ଗିରଫ

## ନିର୍ବାଚନ ହାରିବା ଭୟରେ ଗିରଫଦାରୀ: ବିଜେଡି

ବଲାଙ୍ଗିର,୧୪।୧୦(ସମିସ): ଛାତ୍ର ସଂସଦ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁମନ ନନ୍ଦଙ୍କୁ ଗିରଫ କରିଛି ଲକ୍ଷ୍ମୀଜୋର ପୁଲିସ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦେବାଶିଷ ଶତପଥୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପ୍ରଥମେ ତାଙ୍କୁ ଟାଉନ୍ ଥାନା ପୁଲିସ ଅଟକ ରଖିଥିବା ବେଳେ ସନ୍ଧ୍ୟାରେ ଲକ୍ଷ୍ମୀଜୋର ପୁଲିସ ଗିରଫ କରିଛି। ଏନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଥିବାବେଳେ ପ୍ରତିବାଦରେ ବିଜେଡି ପକ୍ଷରୁ ଟାଉନ୍ ଥାନା ଘେରାଉ ସହ ରାସ୍ତାରୋକ କରାଯାଇଛି। ନିର୍ବାଚନ ହାରିବା ଭୟରେ ତାଙ୍କୁ ଗିରଫ କରାଯାଇଥିବା ବିଜେଡି ଅଭିଯୋଗ କରିଛି।



ସୂଚନା ଅନୁସାରେ, ମଙ୍ଗଳବାର ସର୍କିଟ୍ ହାଉସ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁଗତ ତଥା ବ୍ୟକ୍ତିଗତ ସଚିବ୍ ଦେବାଶିଷ ଶତପଥୀ କିଛି ଏବିଭିପିର ଛାତ୍ରନେତାଙ୍କ ସହ ରହୁଥିବା ସୂଚନା ପାଇଁ ଛାତ୍ର ବିଜେଡ଼ିର କର୍ମୀମାନେ ସର୍କିଟ ହାଉସ୍‌କୁ ଯାଇ ପ୍ରତିବାଦ କରିବା ସହ ନିର୍ବାଚନ ପ୍ରଭାବିତ କରିବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ କରିଥିଲେ। ଏହି ସମୟରେ ସୁମନ ନନ୍ଦ ଦେବାଶିଷଙ୍କୁ ଦୁର୍ବ୍ୟବାହାର କରିଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଟାଉନ୍ ପୁଲିସ ବୁଧବାର ସୁମନଙ୍କୁ ଉଠାଇ ଆଣି ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ପରେ ତାଙ୍କୁ ଲକ୍ଷ୍ମୀଜୋର ପୁଲିସ ହେପାଜତକୁ ନେଇ କୋର୍ଟ ଚାଲାଣ କରିଛି। ଏହି ଗିରଫଦାରୀ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ପୁଲିସ କିଛି ସ୍ପଷ୍ଟ କରୁନଥିବା ବେଳେ ବଲାଙ୍ଗିର ବିଜେଡ଼ି ଅସନ୍ତୋଷ ପ୍ରକାଶ କରିଛି। ପରାଜୟ ଭୟରେ ସରକାରୀ ଦଳ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଗିରଫ କରିଥିବା ବିଜେଡ଼ି ନେତାମାନେ ଅଭିଯୋଗ କରିଛନ୍ତି। ଯେହେତୁ ଛାତ୍ର ବିଜେଡ଼ି ପ୍ରାର୍ଥୀମାନେ ନିର୍ବାଚନୀ ଦୌଡ଼ରେ ଆଗରେ ରହିଥିଲେ ସେମାନଙ୍କୁ ହରାଇବାକୁ ଏବିଭିପି ଓ ବିଜେପି ମିଶି ଏହି ଷଡ଼ଯନ୍ତ୍ର କରିଥିବା ବିଜେଡ଼ି ଅଭିଯୋଗ କରିଛି। ଏନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବିଜେଡି ପକ୍ଷରୁ ଟାଉନ୍ ଥାନା ଘେରାଉ ସହ ରାସ୍ତାରୋକ କରାଯାଇଛି।

# ସତ୍ୟବାଦୀ ବ୍ଲକ୍‌ରେ ବିଜେପି କର୍ମୀଙ୍କ ତୁମୁଳକାଣ୍ଡ

## ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା, ଆକ୍ରମଣରେ ଭାଇ ଲହୁଲୁହାଣ

ସାକ୍ଷୀଗୋପାଳ,୧୪।୧୦(ସମିସ): ବୁଧବାର ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ କାର୍ଯ୍ୟାଳୟରେ ପଶି ତୁମୁଳକାଣ୍ଡ ଭିଆଇଛନ୍ତି ଶତାଧିକ ବିଜେପି କର୍ମୀ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ସହ କମ୍ପ୍ୟୁଟର, ଲାପ୍‌ଟପ୍, ଟିଭି, ପ୍ରିଣ୍ଟର ଓ ସିସିଟିଭି ହାର୍ଡଡିସ୍କ ଆଦି ନଷ୍ଟ କରିଛନ୍ତି। ସରକାରୀ କାଗଜପତ୍ର ନଷ୍ଟ କରିଛନ୍ତି ଓ ଉପସ୍ଥିତ ଥିବା ଅଧ୍ୟକ୍ଷଙ୍କ ଭାଇ ଶୁଭେନ୍ଦୁ ପଣ୍ଡାଙ୍କୁ ମାଡ଼ମାରି ଲହୁଲୁହାଣ କରିଛନ୍ତି। ଏହା ସହିତ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସଂଲଗ୍ନ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ୧୫୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି ଓ ୩୫ ଜଣଙ୍କୁ ଚିହ୍ନଟ କରାଯାଇଛି ।



**୧୫୦ରୁ ଊର୍ଦ୍ଧ୍ୱଙ୍କ ନାମରେ ଏତଲା; ଗିରଫ ଦାବିରେ ବିଜେଡିର ପ୍ରତିବାଦ**

ବୁଧବାର ପୂର୍ବାହ୍ଣ ପ୍ରାୟ ୧୧ଟା ୩୦ରେ କିଛି ବିଜେପି କର୍ମୀ ବିଧାୟକଙ୍କ ସପକ୍ଷରେ ସ୍ଲୋଗାନ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଧସେଇ ପଶିଥିଲେ। ସେତେବେଳେ ଅଧ୍ୟକ୍ଷ ଉପସ୍ଥିତ ନ ଥିଲେ ଓ ବିଜେପି କର୍ମୀମାନେ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଆଲମାରିରେ ଥିବା ସରକାରୀ କାଗଜପତ୍ର ଓ ବହିପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ଏହି ଅପ୍ରୀତିକର ପରିସ୍ଥିତିରେ ଅନ୍ୟ ଅଧିକାରୀମାନେ ଭୟଭୀତ ହୋଇପଡ଼ିଥିଲେ। ଘଟଣା ସମୟରେ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ଭାଇ ଶୁଭେନ୍ଦୁ ପଣ୍ଡା ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତାଙ୍କ ମୁହଁ ଓ ନାକରୁ ରକ୍ତ ବାହାରିବାରୁ ତାଙ୍କୁ କିଛି ସହଯୋଗୀ ଡ଼ାକ୍ତରଖାନା ନେଇ ଯାଇଥିଲେ। ଖବର ପାଇ ଅଧ୍ୟକ୍ଷ ଶ୍ରୀ ପଣ୍ଡା କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ ବିଧାୟକଙ୍କ ସହଯୋଗୀ ବିଜେପି କର୍ମୀମାନେ ଚାଲି ଯାଇଥିଲେ। ଏହାକୁ ନେଇ ବ୍ଲକ୍ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଛନ୍ତି ଓ ନ୍ୟାୟ ନ ମିଳିଲେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆତ୍ମାହୁତି ଦେବେ ବୋଲ ଚେତାବନୀ ଦେଇଛନ୍ତି।

ଖବର ପାଇର୍ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ମହାରଥୀ ଓ ବିଜେଡି ନେତା ସୁବ୍ରତ ଛାଟୋଇ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିବା ସହ ଭଙ୍ଗାରୁଜାକୁ ତୀବ୍ର ନିନ୍ଦା କରିଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏହି ଘଟଣାକୁ ବିଜେପି ସରକାରଙ୍କ ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିବାବେଳେ ଶ୍ରୀ ମହାରଥୀ ସତ୍ୟବାଦୀ ଭଳି ମାଟିରେ ଅଶାନ୍ତିର ବୀଜ ପୋତାଯାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଉମାକାନ୍ତ ସାମନ୍ତରାୟ ଏହି ଘଟଣା ପଛରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ହାତ ଥିବା ଅଭିଯୋଗ ଆଣିଛନ୍ତି। ସନ୍ଧ୍ୟାରେ ତୁରନ୍ତ ନ୍ୟାୟ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ ଓ ଧାରଣା ଦିଆଯାଇଛି। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍‌ପ୍ରକାଶ ପରିଡ଼ା, ପହଞ୍ଚିଛନ୍ତି । ଘଟଣା ସମ୍ପର୍କରେ ବ୍ଲକ୍ ଅଧ୍ୟକ୍ଷ ଓ ବିଡିଓ ପୃଥକ୍ ଭାବେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି।

ଥାନା ଅଧିକାରୀଙ୍କ ସୂଚନାନୁଯାୟୀ, ୪୦୭/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଶଙ୍କର୍ଷଣ ପ୍ରଧାନ, ମିଲୁ ଶତପଥୀ, ମଣ୍ଟୁ ଷଡ଼ଙ୍ଗୀ, ବୁଟେଇ ପ୍ରଧାନ, ପ୍ରଜ୍ଞାସ ପାତ୍ର, ନବୀନ ମହାପାତ୍ର ଓ ସୁମନ୍ତ ମହାପାତ୍ରଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ନାମ ଅଭିଯୋଗରେ ରହିଛି ଓ ୪ ଜଣଙ୍କୁ ଅଟକ ରଖାଯଇଛି ବୋଲି ସେ କହିଛନ୍ତି ।

## ରାଜ୍ୟରେ ଅରାଜକତା ସୀମା ଟପୁଛି: ନବୀନ

ଭୁବନେଶ୍ୱର,୧୪।୧୦(ସମିସ): ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଅରାଜକତା ପାଇଁ ଓଡ଼ିଶା ଏବେ ବିଶ୍ୱ ଦରବାରରେ ନିନ୍ଦିତ ହେଉଛି। ସରକାର ନିଦାବିଷ୍ଟ ସାଜି କାହିଁକି ଏହାକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ରାଜ୍ୟରେ ଅରାଜକତା ସୀମା ଟପୁଛି, ସତ୍ୟବାଦୀ ବ୍ଲକ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପିର କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହାକୁ ଦୃଢ଼ତାର ସହ ନିନ୍ଦା କରୁଛି। ଏପରି ଅରାଜକତାକୁ ସରକାର କାହିଁକି ବାରମ୍ବାର ପ୍ରଶ୍ରୟ ଦେଉଛନ୍ତି? ସରକାରରେ ଅଛନ୍ତି ବୋଲି କ'ଣ ବିଜେପିର କର୍ମୀମାନେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ହିଂସା ଘଟାଇବେ? ଲୋକଙ୍କ ସମ୍ପତ୍ତି ଭଙ୍ଗାରୁଜା କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜେପି ସରକାରକୁ ଆସିବା ପରେ ଭୁବନେଶ୍ୱରର ବିଏମସି କାର୍ଯ୍ୟାଳୟଠୁ ନେଇ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ଆଠଗଡ଼ ଓ ଜଟଣୀରେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପି କର୍ମୀମାନେ ଘଟାଇଥିବା କାଣ୍ଡକୁ ଓଡ଼ିଶାବାସୀ ଭୁଲି ନାହାନ୍ତି। ହେଲେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ? ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ। ଓଡ଼ିଶାବାସୀ ନିଶ୍ଚୟ ଏହାର ଉଚିତ୍ ଜବାବ ଦେବେ ବୋଲି ସେ ସତର୍କବାଣୀ ଶୁଣାଇଛନ୍ତି।

# କଲେଜ ନିର୍ବାଚନ ପୂର୍ବରୁ ପୁରୀ ଯାଉଥିବା ୨ ବସ୍ ଅଟକ

## ଛାତ୍ରଛାତ୍ରୀଙ୍କୁ ଅଭିଭାବକଙ୍କ ଜିମାଦେଲା ପୁଲିସ

ବାରିପଦା,୧୪।୧୦(ସମିସ): କଲେଜ ଛାତ୍ର ସଂସଦ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଚିତ୍ରଡ଼ା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବସ୍ ଯୋଗେ ପୁରୀ ଯିବା ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସନ୍ଦେହଜନକ ଭାବେ ଯାତ୍ରା କରୁଥିବା ଦୁଇଟି ବସ୍‌କୁ ପୁଲିସ ଅଟକାଇ ୭୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିବା ପରେ ପୁନର୍ବାର ଚିତ୍ରଡ଼ା ଫେରାଇ ଆଣି ଅଭିଭାବକଙ୍କ ଜିମା ଦେଇଛି।



ମିଳିଥିବା ସୂଚନା ମୁତାବକ, ବୁଧବାର ଚିତ୍ରଡ଼ା ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ କେତେକ ଅଭିଭାବକଙ୍କ ସହ ଦୁଇଟି ଘରୋଇ ବସ୍ ଯୋଗେ ଶ୍ରୀଜଗନ୍ନାଥ ଦର୍ଶନ ତଥା ବୁଲାବୁଲି ଉଦ୍ଦେଶ୍ୟରେ ପୁରୀ ଅଭିମୁଖେ ବାହାରିଥିଲେ। ତେବେ ଗୁରୁବାର କଲେଜ ନିର୍ବାଚନ ଥିବାବେଳେ ଠିକ୍ ପୂର୍ବଦିନ ଏତେ ସଂଖ୍ୟାରେ ଛାତ୍ରଛାତ୍ରୀ ଏକତ୍ର ପୁରୀ ଯିବାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏହି ଆଧାରରେ ଜାତୀୟ ରାଜପଥ ୧୮ ନମ୍ବର ଦାନ୍ତିଆମୁହାଁ ନିକଟରେ ପୁଲିସ ବସ୍ ଦୁଇଟିକୁ ଅଟକାଇ ଥାନାକୁ ନେଇଥିଲା। ସେଠାରେ ଛାତ୍ରଛାତ୍ରୀ ଓ ସାଙ୍ଗରେ ଥିବା ଅଭିଭାବକଙ୍କୁ ପଚରାଉଚରା କରାଯାଇଥିଲା। ତେବେ ଛାତ୍ରଛାତ୍ରୀ ନିଜ ଇଚ୍ଛାରେ ପୁରୀ ବୁଲିବାକୁ ଯାଉଥିବା କହିବା ସହ ପୁଲିସ ସେମାନଙ୍କୁ ଥାନାରେ ୨ ଘଣ୍ଟା ଅଟକାଇ ହଇରାଣ କରିଥିବା ଅଭିଯୋଗ କରିଥିଲେ। ଅପରପକ୍ଷରେ ନିର୍ବାଚନ ପୂର୍ବରୁ ବିନା ସୂଚନାରେ ଏଭଳି ଯାତ୍ରାରେ କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବ, ସେ ନେଇ ପୁଲିସ ପ୍ରଶ୍ନ କରିଥିଲା। ପରବର୍ତ୍ତୀ ସମୟରେ ପୁଲିସ ବୁଝାସୁଝା କରି ଉଭୟ ବସ୍‌କୁ ଚିତ୍ରଡ଼ା ଫେରାଇ ଆଣି ଅଭିଭାବକଙ୍କୁ ଡକାଇ ପିଲାମାନଙ୍କୁ ସେମାନଙ୍କ ହାତରେ ସୁରକ୍ଷିତ ଭାବେ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କଲେଜ ପକ୍ଷରୁ କୌଣସି ଛାତ୍ରଛାତ୍ରୀଙ୍କୁ ବୁଲିବାକୁ ପଠାଯାଇ ନାହିଁ। ପୁଲିସ ପକ୍ଷରୁ ଖବର ପାଇବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନ କହିଛନ୍ତି ଯେ, କଲେଜ ନିର୍ବାଚନ ପୂର୍ବରୁ ଗୋଟିଏ କଲେଜରୁ ପ୍ରାୟ ୭୫ ଜଣ ଛାତ୍ରଛାତ୍ରୀ ଦୁଇଟି ବସ୍‌ରେ କୌଣସି ପ୍ରଶାସନିକ ଅନୁମତି ନ ନେଇ ଯାଉଥିବାରୁ ସନ୍ଦେହରେ ବସ୍ ଅଟକା ଯାଇଥିଲା। ପରେ ସମସ୍ତ ପିଲାଙ୍କୁ ଅଭିଭାବକଙ୍କ ଜରିଆରେ ଘରକୁ ପଠାଯାଇଛି। ଘଟଣାରେ ୨ଜଣଙ୍କୁ ମଧ୍ୟ ଅଟକ ରଖାଯାଇଛି। କଲେଜ ନିର୍ବାଚନରେ କୌଣସି ରାଜନୈତିକ ଦଳର ପ୍ରତ୍ୟକ୍ଷ ସମ୍ପୃକ୍ତି ନ ଥିଲେ ମଧ୍ୟ ଭୋଟ୍ ପୂର୍ବରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପୁରୀ ଯାତ୍ରା ପଛରେ ବିରୋଧୀଙ୍କ ନିର୍ବାଚନୀ ରଣନୀତି ପ୍ରତିହତ ପାଇଁ ପୁଲିସ ପ୍ରାଣପଣେ ଉଦ୍ୟମ କରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ବାଇଗଣବାଡିଆ କଲେଜ ପରିସରରେ ଉତ୍ତେଜନା

# ଧସ୍ତାଧସ୍ତିରେ ସଭାପତି ପ୍ରାର୍ଥୀ ଅଚେତ, ଡାକ୍ତରଖାନାରେ ଭର୍ତ୍ତି



କୁଳିଅଣା,୧୪।୧୦(ସମିସ): କୁଳିଅଣା ବ୍ଲକ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ କଲେଜ ବାହାରେ ଛାତ୍ର ଅଶାନ୍ତିକୁ କେନ୍ଦ୍ର କରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ ଜଣେ ସଭାପତି ପ୍ରାର୍ଥୀ ଏକ ଦାମୀ କାର୍‌ରେ କଲେଜ ପରିସରକୁ ପ୍ରବେଶ କରୁଥିବା ବେଳେ ଅନ୍ୟ ଛାତ୍ର ଗୋଷ୍ଠୀଙ୍କ ସହ ଧସ୍ତାଧସ୍ତି ଘଟିଥିଲା। ଏହି ଉତ୍ତେଜନାମୂଳକ ପରିସ୍ଥିତି ଏବଂ ହାଇ-ଭୋଲ୍ଟେଜ୍ ଫାଷ୍ଟ ମିଟିଂ ଦୌଡ଼ରେ ଉକ୍ତ ସଭାପତି ପ୍ରାର୍ଥୀ ଜଣକ ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଘଟଣାସ୍ଥଳରୁ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କଲେଜ ପରିସରରେ ଅପ୍ରୀତିକର ପରିସ୍ଥିତିକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଇଛି।

# ବିରୋଧୀଙ୍କ ଚାପ ଯୋଗୁଁ ଆସିପାରିଲେନି ବିସିଜେଡି ସଭାପତି ପ୍ରାର୍ଥୀ



ବାରିପଦା,୧୪।୧୦(ସମିସ): ଉଦଳା କଲେଜ ଛାତ୍ର ସଂସଦ ନିର୍ବାଚନ ମାହୋଲ ସରଗରମ ଥିବା ବେଳେ ବୁଧବାର କଲେଜ ପରିସରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଆୟୋଜିତ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ବୈଠକରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ସଭାପତି ପ୍ରାର୍ଥୀ ଶୁଭଲକ୍ଷ୍ମୀ ହାତୀ ଅନୁପସ୍ଥିତ ରହିବା ଏବଂ ବିରୋଧୀଙ୍କ ଚାପ ଯୋଗୁଁ ତାଙ୍କୁ ଅଟକାଇ ରଖାଯାଇଥିବା ଅଭିଯୋଗ ନେଇ କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ସୂଚନା ଅନୁଯାୟୀ, ଉଦଳା କଲେଜ ନିର୍ବାଚନରେ ବିସିଜେଡି ପକ୍ଷରୁ ଶୁଭଲକ୍ଷ୍ମୀ ହାତୀ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହୋଇଥିବା ପ୍ରାର୍ଥୀ ପରିଚିତି ବୈଠକରେ ସେ ଯୋଗ ଦେଇପାରି ନ ଥିଲେ। ତାଙ୍କ ଅନୁପସ୍ଥିତିର କାରଣ ସମ୍ପର୍କରେ ତାଙ୍କ ଦ୍ୱାରା ପ୍ରେରିତ ଏକ ଭିଡିଓ ବାର୍ତ୍ତା କଲେଜରେ ପ୍ରଦର୍ଶନ କରିବାକୁ ବିସିଜେଡିର ଅନ୍ୟ ସମର୍ଥିତ ପ୍ରାର୍ଥୀମାନେ ଅନୁମତି ମାଗିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ଅନୁମତି ଦେଇ ନ ଥିଲେ। ଉକ୍ତ ଭିଡିଓରେ ସଭାପତି ପ୍ରାର୍ଥୀ ଶୁଭଲକ୍ଷ୍ମୀ ଏବଂ ତାଙ୍କ ପରିବାର ଉପରେ ବିରୋଧୀ ରାଜନୈତିକ ଦଳ ପକ୍ଷରୁ ପ୍ରବଳ ଚାପ ପକାଯିବା ସହ ତାଙ୍କୁ ଲୁଚାଇ ରଖାଯାଇଥିବା କହିଛନ୍ତି। ଏହାକୁ ପରୋକ୍ଷ ଭାବେ ଅପହରଣ ଦର୍ଶାଇ କଲେଜର ଅନ୍ୟ ସମର୍ଥିତ ପ୍ରାର୍ଥୀ ଏବଂ ଛାତ୍ରଛାତ୍ରୀ ପ୍ରାର୍ଥୀଙ୍କ ଫଟୋ ଧରି କଲେଜ ଗେଟ୍ ସମ୍ମୁଖରେ ଧାରଣାରେ ବସି ରହି ବିକ୍ଷୋଭ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୁଲିସ ପ୍ରଶାସନ ତୁରନ୍ତ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତଥାପି ଏହି ଘଟଣାକୁ ନେଇ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

**ଉଦଳା କଲେଜ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ**

# ଆଜି ଛାତ୍ରସଂସଦ ନିର୍ବାଚନ

# ରାସ୍ତାରୁ ମଞ୍ଚ ଯାଏଁ ଶକ୍ତି ପ୍ରଦର୍ଶନ












## ପ୍ରାର୍ଥୀ ନିଖୋଜ!

**ଯାଜପୁର:** ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବିଶ୍ୱିଜତ୍ ସାହୁ ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ଆଜି ଅନୁଷ୍ଠିତ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ମିଟିଂରେ ଆସିଷ୍ଟାଣ୍ଟ ସେକ୍ରେଟାରି ଅଫ ବଏଜ କମନରୁମ ପ୍ରାର୍ଥୀ ହୋଇଥିବା ବିଶ୍ୱଜିତ୍ ସାହୁ ଅନୁପସ୍ଥିତ ଥିଲେ। ସେ ଗତ କାଲି ଠାରୁ ହଷ୍ଟେଲରୁ ନିଖୋଜ ଥିବା ନେଇ ଛାତ୍ରଛାତ୍ରୀ କଲେଜ୍ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ସେ ଏବିଭିପିର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ଏ ନେଇ ତାଙ୍କ ପରିବାର ବର୍ଗ ପକ୍ଷରୁ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସେପଟେ ନିଖୋଜ କୁହାଯାଉଥିବା ବିଶ୍ୱଜିତ୍ ଠିକ୍ ଅଛନ୍ତି ବୋଲି କହି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାରୁ ଏହା କୌଣସି ଅପହରଣ କିମ୍ବା ନିଖୋଜ ନୁହେଁ ବୋଲି ଚର୍ଚ୍ଚା ହେଉଛି।

ଯାଜପୁର,୧୪।୧୦(ସମିସ): ସରିଲା ପ୍ରଚାର 'ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟି'। ରାତି ପାହିଲେ ହେବ ଭୋଟ। ଏଥିପାଇଁ ପ୍ରତ୍ୟେକ କଲେଜ ହୋଇଛି ଚଳଚଞ୍ଚଳ। ଯାଜପୁରର ସର୍ବ ପୁରାତନ ନରସିଂହ ଚୌଧୁରୀ ମହାବିଦ୍ୟାଳୟ କ୍ୟାମ୍ପସ ଆଜି କମ୍ପି ଉଠିଥିଲା। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଜୁ ଛାତ୍ର ଜନତା ଦଳ ଓ ଏଭିବିପିର ପ୍ରାର୍ଥୀମାନେ ବିଶାଳ ରାଲି କରି କଲେଜ କ୍ୟାମ୍ପସକୁ ପ୍ରବେଶ କରିଥିଲେ। ବାଣ ବାଜା ସହିତ ବିଶାଳ ଶୋଭାଯାତ୍ରାରେ ନିଜର ଦମ୍ ଦେଖାଇଥିଲେ। ଉଭୟ ଏବିଭିପି ଏବଂ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କ୍ୟାମ୍ପସ ବାହାରୁ ବିରାଟ ଶୋଭାଯାତ୍ରାରେ ଆସିଥିଲେ। କିନ୍ତୁ ଏବିଭିପିର ଶୋଭାଯାତ୍ରା କ୍ୟାମ୍ପସ ଭିତରେ ପହଞ୍ଚିବା ବେଳକୁ ହାତଗଣତି ସମର୍ଥକ ରହିଥିଲେ। କିନ୍ତୁ ବିଜୁ ଛାତ୍ର ଜନତା ଦଳର ବିଶାଳ ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ସାମିଲ ହୋଇ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ପ୍ରଚାର କରିବା ସହିତ ଭୋଟରଙ୍କୁ ନିଜ ଆଡକୁ ଆକର୍ଷିତ କରିଥିଲେ। ଏଥି ସହିତ କଲେଜରେ ରହିଥିବା ବିଭିନ୍ନ ସମସ୍ୟାଙ୍କୁ ମଧ୍ୟ କେତେକ ପ୍ରାର୍ଥୀ ଉପସ୍ଥାପନ ମାଧ୍ୟମରେ ଭୋଟ ସଂଗ୍ରହ କରିବାକୁ ଉଦ୍ୟମ କରିଥିଲେ।

**ମଙ୍ଗଳପୁର/କୟାଁଗୋଲା:** ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ କଲେଜ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନର ଉଷ୍ମତା ଏଥର ଭିନ୍ନ ରୂପରେ ଅନୁଭୂତ ହୋଇଛି। ନିର୍ବାଚନୀ ମଇଦାନରେ ନିଜ ନିଜର ଦବ୍‌ଦବା ଜାହିର କରିବାକୁ ତିନି ପ୍ରମୁଖ ଛାତ୍ର ସଂଗଠନ ରାସ୍ତାରୁ ମଞ୍ଚ ଯାଏଁ ଶକ୍ତି ପ୍ରଦର୍ଶନ କରିଛନ୍ତି। ସୁସଜ୍ଜିତ ଖୋଲା ଗାଡ଼ିର ଶୋଭାଯାତ୍ରା, ସିଂହବାଜାର ଗର୍ଜନ, ବାଣଫୁଟା ଓ ନାରା ବାଜିର ଶବ୍ଦରେ ଉତ୍ସବମୁଖର ହୋଇଉଠିଥିଲା କଲେଜ ପରିସର। ତେବେ ଏହି ଆଡ଼ମ୍ବରପୂର୍ଣ୍ଣ ଶକ୍ତି ପ୍ରଦର୍ଶନ ଭିତରେ ଆଜିର ମୁଖ୍ୟ ଆକର୍ଷଣ ଥିଲା "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' କାର୍ଯ୍ୟକ୍ରମ। ଏଠାରେ ପ୍ରାର୍ଥୀମାନେ କେବଳ ନିଜ ପରିଚୟ ଦେଇନଥିଲେ, ବରଂ କାହିଁକି ନିର୍ବାଚନ ଲଢୁଛନ୍ତି ଏବଂ ଜିତିଲେ ଛାତ୍ରଛାତ୍ରୀଙ୍କ ପାଇଁ କ'ଣ କରିବେ, ସେ ନେଇ ନିଜ ନିଜର ଆଭିମୁଖ୍ୟ ରଖିଥିଲେ। କଲେଜ ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଉତ୍କଣ୍ଠା ଆଜି ପ୍ରାର୍ଥୀ ଓ ସମର୍ଥକଙ୍କ ଉତ୍ସାହରେ ପ୍ରତିଫଳିତ ହୋଇଥିଲା। ନିଜ ନିଜ ସଂଗଠନର ପତାକା, ସ୍ଲୋଗାନ ଓ ଶୋଭାଯାତ୍ରା ମାଧ୍ୟମରେ ସମର୍ଥକମାନେ ପ୍ରାର୍ଥୀଙ୍କ ପକ୍ଷରେ ପରିବେଶ ସୃଷ୍ଟି କରିଥିଲେ। ରାସ୍ତାରେ ଶକ୍ତି ପ୍ରଦର୍ଶନ ପରେ ମଞ୍ଚରେ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ ପ୍ରାର୍ଥୀ। ଫଳରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା କେବଳ ସଂଗଠନର ଶକ୍ତି ପ୍ରଦର୍ଶନରେ ସୀମିତ ନରହି ପ୍ରାର୍ଥୀଙ୍କ ଚିନ୍ତାଧାରା ଓ ଛାତ୍ର ସମସ୍ୟା ପ୍ରତି ଆଭିମୁଖ୍ୟ ଆଡ଼କୁ ମଧ୍ୟ ମୁହାଁଇଥିଲା। ମୁଁ କାହିଁକି ପ୍ରାର୍ଥୀ ଏହି ପ୍ରଶ୍ନର ଉତ୍ତରରେ ବିଭିନ୍ନ ସଂଗଠନର ପ୍ରାର୍ଥୀମାନେ ନିଜ ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା, କଲେଜର ସମସ୍ୟା ସମାଧାନ, ଶିକ୍ଷାର ମାନ ବୃଦ୍ଧି ଓ ଛାତ୍ରଙ୍କ ଅଧିକାର ପାଇଁ ସ୍ୱର ଉଠାଇବା ଭଳି ପ୍ରସଙ୍ଗକୁ ନେଇ ସେମାନେ ନିଜ ନିଜର ମତ ରଖିଥିଲେ। ନିର୍ବାଚନରେ ବିଜୟୀ ହେଲେ ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ କାମ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବିସିଜେଡିର ସଭାପତି ଓ ସାଧାରଣ ସମ୍ପାଦକ ପ୍ରାର୍ଥୀ ଦେବାଶିଷ ଦାସ ଓ ପ୍ରଜ୍ଞା ପାରମିତା ପତି। ଅନ୍ୟ ସେହିପରି ଏନ୍‌ଏସୟୁଆଇର ସଭାପତି ଓ ସାଧାରଣ ସମ୍ପାଦକ ପ୍ରାର୍ଥୀ ରାଜଲକ୍ଷ୍ମୀ ଦାଶ ଓ ରଶ୍ମିକାନ୍ତ ଦାସ ଓ ଅନ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ, ଏବିଭିପିର ସଭାପତି ପ୍ରାର୍ଥୀ କେ. ଦେବାଶିଷ ନାୟକ, ସାଧାରଣ ସମ୍ପାଦକ ପ୍ରାର୍ଥୀ ତ୍ରିପନ୍ନା ପାଣିଗ୍ରାହୀ, ଅର୍ପିତା ନାୟକ, ପବିତ୍ର ବେହେରା, ସୁଭଦ୍ରା ପୃଷ୍ଟି, ଜୟପ୍ରକାଶ ସୂତାର ପ୍ରମୁଖ ନିର୍ବାଚିତ ହେଲେ କ'ଣ କ'ଣ କରିବେ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷ

## କ୍ୟାମ୍ପସରେ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ବର୍ଷା

ତଥା ନିର୍ବାଚନ ଅଧିକାରୀ ଜିତେନ୍ଦ୍ର କୁମାର ଦାଶ ସମନ୍ୱୟ ରଖି ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ ଓ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀ, ଏସଆଇ ଅନିତା ପ୍ରଧାନ ଉପସ୍ଥିତି ରହି ଶାନ୍ତିଶୃଙ୍ଖଳା ବଜାଇ ରଖିଥିଲେ।

**ବଡ଼ଚଣା:** ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ଗତକାଲି ପ୍ରଚାର କାର୍ଯ୍ୟ ସରିବା ପରେ ଆଜି 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧ୍ୟକ୍ଷ ଡ. ପ୍ରିୟବ୍ରତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏବିଭିପି, ବିସିଜେଡି ଓ ଛାତ୍ର କଂଗ୍ରେସ ସମର୍ଥିତ ପ୍ରାର୍ଥୀ ମାନେ ନିଜ ନିଜ ସପକ୍ଷରେ ଭୋଟ ନେବା ପାଇଁ ପ୍ରତିଶ୍ରୁତିର ପାହାଡ଼ ଠିଆ କରିଥିଲେ। ତିନି ଦଳର ପ୍ରାର୍ଥୀ ନିଜ ନିଜ ସମର୍ଥକ ମାନଙ୍କ ଗହଣ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାର୍ଥୀ ମାନେ କଲେଜର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ, ଅଣ ଛାତ୍ରମାନଙ୍କ ପାଇଁ କଟକଣା, ପାନୀୟ ଜଳବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଖେଳ ପଡିଆର ଉନ୍ନତୀ, ମୁକ୍ତ ପାଠାଗାର, କଲେଜ୍ ପରିସର ଆଲୋକୀକରଣ, ସୁରକ୍ଷା ବଳୟରେ ଛାତ୍ରୀ ନିବାସ, ପରିବେଶ ସୁରକ୍ଷା, କଲେଜ୍ ଭିତ୍ତିଭୂମିର ବିକାଶ, ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା, ମୁକ୍ତାକାଶ ଅଡିଟରିୟମ୍, ଉନ୍ନତ କମନ୍ ରୁମ୍ ସୁବିଧା, ଛାତ୍ର ଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହାୟତା କେନ୍ଦ୍ର ଖୋଲିବା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକତା ଓ ସହଭାଗିତା ବୃଦ୍ଧି, ଖାଲି ପଡ଼ିଥିବା ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ପଦବୀ ପୂରଣ, ଛାତ୍ରଛାତ୍ରୀଙ୍କ ସାମଗ୍ରୀକ କ୍ୟାରିଅର ବିକାଶ ଆଦି ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ଉପାଧ୍ୟକ୍ଷା ରଞ୍ଜୁଲତା ସାହୁ, ନିର୍ବାଚନ ଅଧିକାରୀ ମଥୁରି ବେହେରା, ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**ବରୀ:** ବରୀ ବ୍ଲକର ସର୍ବପୁରାତନ କଲେଜ୍ ଭାବେ ପରିଚିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି। ସୁଚନା ଅନୁସାରେ ଉକ୍ତ ଛାତ୍ର ସଂସଦ ନିର୍ବାଚନରେ ଜାତୀୟ କଂଗ୍ରେସ ଦଳ ପ୍ରାର୍ଥୀ ଦେଇନଥିବା ବେଳେ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ବିଭିନ୍ନ ପଦ ପଦବୀ ପାଇଁ ସେମାନେ ନିଜ ନିଜର ସମର୍ଥିତ ପ୍ରାର୍ଥୀ ଓ ପ୍ରାର୍ଥନୀଙ୍କୁ ସମର୍ଥନ ଦେଇ ବିଜୟ କରିବା କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳିଛି। ବିଶେଷ କରି ବରୀ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲିକଙ୍କ ନିଜସ୍ୱ ପଞ୍ଚାୟତରେ ଥିବା ଏହି ମହାବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀଙ୍କ ବିଜୟ ତାଙ୍କ ଲୋକପ୍ରିୟତାକୁ ପ୍ରମାଣିତ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପର ପକ୍ଷରେ ଏବିଭିପିର ସଂଗଠନ ବରୀରେ ନ ଥିବା ବେଳେ ଶାସକ ବିଜେପି ଦଳ ତରଫରୁ ତାଙ୍କ ସମର୍ଥିତ ପ୍ରାର୍ଥୀ ମଧ୍ୟ ଦିଆଯାଇଛି। କିନ୍ତୁ ବରୀ ବିଜେପିରେ ଗୋଷ୍ଠୀ କନ୍ଦଳ ସେମାନଙ୍କ ପ୍ରାର୍ଥୀଙ୍କୁ ଅକଳରେ ପକାଇ ଦେଇଛି। ତେବେ କେବଳ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଉମେଶ ଜେନା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବାହାରିଥିବା ବେଳେ ସଂଗଠନ କରୁଥିବା ଅନ୍ୟ ଦୁଇ ବିଜେପି ନେତାଙ୍କ ଅନୁପସ୍ଥିତ ଦଳୀୟ ପ୍ରାର୍ଥର୍ୀଙ୍କ ପାଇଁ ଅଡୁଆ ହୋଇପଡ଼ିଛି।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକର ଯୁଣଭଦ୍ରା ମହାବିଦ୍ୟାଳୟରେ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ପରେ ଏବେ ଅନ୍ୟ ଦୁଇ ପ୍ରମୁଖ ମହାବିଦ୍ୟାଳୟ ବରୁଣେଶ୍ୱର ଓ ଖରସ୍ରୋତାରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଗୁରୁବାର ଉଭୟ ମହାବିଦ୍ୟାଳୟରେ ମତଦାନ ହେବାକୁ ଥିବା ବେଳେ ବିଜୟ ହାସଲ ପାଇଁ ପ୍ରାର୍ଥୀ ଓ ସମର୍ଥକଙ୍କ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି। ବୁଧବାର ଉଭୟ ମହାବିଦ୍ୟାଳୟରେ "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାର୍ଥୀମାନେ ନିଜ ନିଜର ମତ, ଆଭିମୁଖ୍ୟ ଓ ଲକ୍ଷ୍ୟ ଉପସ୍ଥାପନ କରୁଛନ୍ତି। ଅନ୍ୟପକ୍ଷରେ ଭୋଟରଙ୍କ ସମର୍ଥନ ହାସଲ କରିବା ପାଇଁ ପ୍ରାର୍ଥୀମାନେ କଲେଜ ପରିସରରେ ସମର୍ଥକଙ୍କ ସହ ପ୍ରଚାର ଚଳାଇଛନ୍ତି। କଲେଜ ବାହାରେ ମଧ୍ୟ ବିଭିନ୍ନ ଦଳର ନେତାମାନେ ନିଜ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ବରୁଣେଶ୍ୱର ମହାବିଦ୍ୟାଳୟରେ ସଭାପତି ପଦ ପାଇଁ ତ୍ରିମୁଖୀ ଲଢ଼େଇ ହେଉଥିବା ବେଳେ ଅନ୍ୟ ପଦବିଗୁଡ଼ିକ ପାଇଁ ମଧ୍ୟ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଛି। ସେହିପରି ଖରସ୍ରୋତା ମହାବିଦ୍ୟାଳୟରେ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ମହାବିଦ୍ୟାଳୟର ସଭାପତି ଆସନ ଦଖଲ କରିବା ପାଇଁ ବିଜେଡି ନେତା ଓ କର୍ମୀମାନେ ଜୋରଦାର ରଣନୀତି ଆପଣାଇଛନ୍ତି।

**ସିଂହପୁର:** ରାତି ପାହିଲେ ଛାତ୍ର ସଂସଦ ନିର୍ବାଚନ। ନିର୍ବାଚନ ବୈତରଣୀ ପାର ହେବାକୁ ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କ ଛକାପଞ୍ଝା ଦେଖିବାକୁ ମିଳିଛି ଖରସ୍ରୋତା ମହାବିଦ୍ୟାଳୟରେ। ଆଜି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' କାର୍ଯ୍ୟକ୍ରମରେ ପ୍ରାର୍ଥୀମାନେ ନିଜ ନିଜର ଆଭିମୁଖ୍ୟ ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ଦାସ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ବିସିଜେଡି ପାଇଁ ବିଞ୍ଝାରପୁର ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, ଯୁବ ସଭାପତି ଦିଲ୍ଲୀପ କୁମାର ରାଉଳ, ଛାତ୍ର ସଭାପତି ଲେଲିନ୍ କୁମାର ଦାସ, ସଞ୍ଜୟ ପଢ଼ିହାରୀ ଉପସ୍ଥିତ ରହି ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ରଣକୌଶଳ କରୁଛନ୍ତି।

## ● ସିଂହପୁରରୁ କଲିକତା ଯାଉଥିବା ବସ୍
## ଭଡ଼ା ଓ ଅତ୍ୟଧିକ ଯାତ୍ରୀ ପରିବହନକୁ ନେଇ ଅସନ୍ତୋଷ

ସିଂହପୁର,୧୪।୧୦(ସମିସ): ବିଞ୍ଝାରପୁର ବ୍ଲକ ସିଂହପୁର ଅଞ୍ଚଳରୁ ପ୍ରତିଦିନ କଟକ, ଭୁବନେଶ୍ୱର, ସୁକିନ୍ଦା, ଯାଜପୁର ରୋଡ୍, ରାଉରକେଲା ଏବଂ କଲିକତା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବସ୍ ଚଳାଚଳ କରୁଛି। ଏହି ବସ୍‌ଗୁଡ଼ିକ ଉପରେ ନିର୍ଭର କରି ପ୍ରତିଦିନ ଅନେକ ସ୍ଥାନୀୟ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଯାତାୟାତ କରିଥାଆନ୍ତି। ବିଶେଷକରି ପାର୍ବଣ ଋତୁରେ କଲିକତା ଯାଉଥିବା ଘରୋଇ ବସ୍, ସ୍ଲିପର ବସ୍ ଓ ଏସି ବସ୍ ଗୁଡ଼ିକରେ ଯାତ୍ରୀଙ୍କଠାରୁ ମନମାନି ଭଡ଼ା ଆଦାୟ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଅନ୍ୟପଟେ ସ୍ଲିପର ବସ୍‌ଗୁଡ଼ିକରେ ନିର୍ଦ୍ଧାରିତ ସିଟ୍ ଅପେକ୍ଷା ଅଧିକ ଯାତ୍ରୀଙ୍କୁ ନିଆଯାଉଥିବା ଅଭିଯୋଗ ଯାତ୍ରୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଅଭିଯୋଗ ଅନୁଯାୟୀ ଗୋଟିଏ ସ୍ଲିପର ବର୍ଥରେ ଚାରି ଜଣ ଯାତ୍ରୀଙ୍କୁ ନେବା ସହ ଦୁଇଟି ସିଟ୍‌ରେ ତିନି ଜଣଙ୍କୁ ବସାଇ ଯାତ୍ରା କରାଯାଉଛି। ଫଳରେ ଦୀର୍ଘ ଦୂରତା ଯାତ୍ରା ସମୟରେ ଯାତ୍ରୀମାନେ ଅକଥନୀୟ ଶାରୀରିକ ଅସୁବିଧା ଏବଂ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାର୍ବଣ ସମୟରେ ପରିବାର ନିକଟକୁ କିମ୍ବା ଘରକୁ ଫେରିବାକୁ ଚାହୁଁଥିବା ସାଧାରଣ ଯାତ୍ରୀଙ୍କ ପାଇଁ ଏହା ଏକ ବଡ଼ ଚିନ୍ତାର କାରଣ ପାଲଟିଛି। ସେହିପରି ବସ୍ ଭଡ଼ା ନିର୍ଦ୍ଧାରଣ, ପରମିଟ୍ ନିୟମ ଏବଂ ଯାତ୍ରୀ ପରିବହନ କ୍ଷମତାର କଡ଼ା ଯାଞ୍ଚ କରିବା ସହ ସମଗ୍ର ଘଟଣାର ତଦନ୍ତ କରିବାକୁ ପରିବହନ ବିଭାଗ ନିକଟରେ ସାଧାରଣରେ ଦାବି ହେଉଛି। ଯାତ୍ରୀମାନେ ଯେପରି ସରକାରୀ ନିର୍ଦ୍ଧାରିତ ଭଡ଼ାରେ ଏକ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା କରିପାରିବେ ସେଥିପ୍ରତି ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଇଛି।

## ସ୍ୱଚ୍ଛ ଭାରତ ମିଶନର ବାସ୍ତବ ସେବକ ସନାତନ

ପ୍ରୀତିପୁର,୧୪।୧୦(ସମିସ): ସର୍ବସାଧାରଣ ସ୍ଥାନ, ଦେବାଳୟ ବା ସରକାରୀ କାର୍ଯ୍ୟାଳୟ ନିକଟରେ ଅଳିଆ ଆବର୍ଜନା ଦେଖିଲେ ହାତରେ ଝାଡୁ ଓ ଆନୁସଙ୍ଗିକ ସରଞ୍ଜାମ ଧରି ଅଳିଆ ପରିଷ୍କାର କରିବାକୁ ଆଗେଇ ଯାଆନ୍ତି ସନାତନ। ସ୍ଥାନଟିକୁ ପରିଷ୍କାର କରିବା ପରେ ଶାନ୍ତିରେ ନିଶ୍ୱାସଟିଏ ମାରିଥାନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର କଲ୍ୟାଣପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମଲପୁର ଗ୍ରାମର ସନାତନ ଯେନା ଜଣେ ସାଧାରଣ ମଣିଷ ୨୦୧୪ ମସିହାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସ୍ୱଚ୍ଛ ଭାରତ ମିଶନର ଆହ୍ୱାନ ତାଙ୍କୁ ପ୍ରଭାବିତ କରିଥିଲା। ସେ ବିନା ଦଳ ଓ ବଳରେ ନିଜର ବ୍ୟକ୍ତିଗତ ପ୍ରଚେଷ୍ଟାରେ ବିଭିନ୍ନ ରାସ୍ତା, ଦେବାଳୟ, ବିଦ୍ୟାଳୟ, ସର୍ବସାାରଣ ସ୍ଥାନ ମାନଙ୍କରେ ପହଞ୍ଚି ସେଗୁଡିକ ସ୍ଥାନରେ ଥିବା ଅଳିଆଆବର୍ଜନାକୁ ପରିଷ୍କାର କରିବାରେ ଲାଗି ପଡୁଥିଲେ। ବିନା ସ୍ୱାର୍ଥରେ, କିଛି ପାଇବାର ଲୋଭ ନରଖି ସେ ନିସ୍ୱାର୍ଥପର ଭାବେ କରିଚାଲୁଥିବା



ସେବା ନିମନ୍ତେ ବିଭିନ୍ନ ଅନୁଷ୍ଠାନ ତରଫରୁ ସନାତନ ପ୍ରଶଂସିତ ହୋଇଥିବା ବେଳେ ତାଙ୍କୁ ସମ୍ବର୍ଦ୍ଧନା ମଧ୍ୟ ମିଳିଛି। ବିଞ୍ଝାରପୁର ବ୍ଲକରଦୁଇ ଜଣ ପୂର୍ବତନ ବିଡିଓ ଯଥାକ୍ରମେ ସ୍ୱର୍ଗତଃ ବନମାଳୀ ତରେଇ ଓ ସ୍ୱର୍ଗତଃ ଦାମୋଦର ଖୁଣ୍ଟିଆ ସନାତନ ଯେନାଙ୍କୁ ତାଙ୍କର ସ୍ୱେଚ୍ଛାକୃତ ସେବା ଓ ସ୍ୱଚ୍ଛ ଭାରତ ର ଆଗୁଆ ସେବକ ଭାବରେ ଅତୀତରେ ଜିଲ୍ଲା ପ୍ରଶାସନକୁ ସୁପାରିଶ କରିଥିବା ଦେଖିବାକୁ ମିଳିଛି। ମାତ୍ର ଯାଜପୁର ଜିଲ୍ଲା ପ୍ରଶାସନ ନିକଟରେ ଏଭଳି ଜଣେ ସ୍ୱଚ୍ଛ ଯୋଦ୍ଧାଙ୍କ ଖବର ନପହଞ୍ଚିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମିଶନକୁ ବ୍ୟକ୍ତିଗତ ଭାବରେ ଶ୍ରମଦାନ କରି ସାଫଲ୍ୟ ମଣ୍ଡିତ କରିବାକୁ ଉଦ୍ୟମରତ ଏହି ଯୋଦ୍ଧାଙ୍କୁ ଜିଲ୍ଲା ପ୍ରଶାସନର ସୁପାରିଶ କ୍ରମେ ସରକାର ତାଙ୍କର ଏହି ସେବାକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ଚୋରି ପାଇଁ ପ୍ରସ୍ତୁତି ବେଳେ ଚଢ଼ଉ; ୨ ଗିରଫ

ବରୁଆଁ,୧୪।୧୦(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁଛକ ନିକଟରେ ଥିବା ମା' ତାରା ଦେବୀ ପୀଠ ପଛପଟେ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପାଟ୍ରୋଲିଂ କରୁଥିବା ପୁଲିସ ହାତରେ ଧରାପଡିଛନ୍ତି ଏକ ଡକାୟତି ଗ୍ୟାଙ୍ଗ। ଏକ ୫ ଜଣିଆ ଡକାୟତ ଦଳ ବେରୁଦା ପଞ୍ଚାୟତର ଜହଳ ଗ୍ରାମରୁ ଚୋରି କରିବା ପାଇଁ ପ୍ରସ୍ତୁତ ହେଉଥିବାର ଖବର କୌଣସି ସୂତ୍ରରୁ ପୁଲିସ ନିକଟରେ ପହଞ୍ଚିଥିଲା। ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ସୁବାସ



ଚନ୍ଦ୍ର ମୁଦୁଲି ପାଟ୍ରୋଲିଂ ବେଳେ ଚତୁରତାର ସହ ଚଢ଼ଉ କରି ୫ ଜଣିଆ ଡକାୟତ ଦଳରୁ ୨ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଅନ୍ୟ ୩ ଜଣ ରାତ୍ରି ଅନ୍ଧାରର ସୁଯୋଗରେ ଘଟଣାସ୍ଥଳରୁ ପଳାଇଥିଲେ। ପୁଲିସ ହାତରେ ଧରା ପଡ଼ିଥିବା ୨ ଜଣ ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର କୁଶ ପ୍ରଧାନଙ୍କ ପୁତ୍ର ବିଜୟ ପ୍ରଧାନ (୨୯) ଓ ନାଗେଶ୍ୱର ପ୍ରଧାନଙ୍କ ପୁତ୍ର ରାଙ୍ଗା ପ୍ରଧାନ (୪୮)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସଦର ଥାନା ପକ୍ଷରୁ କେଶ୍ ନମ୍ବର୍ ୩୨୦/୨୬ରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଚୋରି ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୁକ୍ତମାନଙ୍କ ପାଖରୁ ଗୋଟିଏ ୟାମା ଫେଜର ଓ ଗୋଟିଏ ହୋଣ୍ଡା ସାଇନ୍, ଦୁଇଟି ମୋବାଇଲ, ଗୋଟିଏ କୋଦାଳ ବେଣ୍ଟ, ଗୋଟିଏ ଲୁହାରଡ, ଗୋଟିଏ ଖଣ୍ଡା, କିଛି ଲଙ୍କାଗୁଣ୍ଡ, ମଦ ବୋତଲ ସହ କିଛି ତମାଖୁ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି। ଅପରପକ୍ଷରେ ଚଢ଼ଉ ସ୍ଥାନରୁ ପୁଲିସ ହାତରୁ ଖସିଯାଇଥିବ ସଂଜୟ ପ୍ରଧାନ, ଗାଙ୍ଗୁଲି ପ୍ରଧାନ ଓ ଉମେଶ ପ୍ରଧାନଙ୍କୁ ପୁଲିସ ଖୋଜି ବାହାର କରିବା ପାଇଁ ଚେଷ୍ଟା ଜାରିରିରହିଛି। ଏହି ଡକାୟତମାନଙ୍କ ନାମରେ ଜିଲ୍ଲା ଓ ଜିଲ୍ଲା ବାହାରେ ଏକାଧିକ ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଚାରିନଙ୍ଗଳର ଦୁଇ ଯୁବକଙ୍କର ବିୟୋଗ

କୁନ୍ଦଲ,୧୪।୧୦(ସମିସ):





ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ପଞ୍ଚାୟତ ଚାରିନଙ୍ଗଳ ଗ୍ରାମର ଆଜାଦନଗର ଓ ଧାଉଡ଼ିଆପଦା ଗ୍ରାମର ଜଣେ ଯୁବକଙ୍କର ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ଆଜାଦନଗରର ସ୍ୱର୍ଗତ ମନୱାରଙ୍କ ପୁଅ ସେକ୍ ଅବୁତାର (୨୮) ଗତ ଶନିବାର ଚଣ୍ଡିଖୋଲରୁ ଏକ ସ୍କୁଟି ଯୋଗେ ନିଜ ଘର ଆଜାଦନଗର ଆସୁଥିବା ସମୟରେ ଏନ୍‌ଏଚ ୫୩ର କୁନ୍ଦଲ ଛକ ଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଅବୁତାର ସେଠାରେ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକମାନେ ପୁଲିସ ଓ ତାଙ୍କ ଘରକୁ ଖବର ଦେବା ସହ ତାଙ୍କୁ ବଡ଼ଚଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଦୁଇଦିନ ହେବ ଡାକ୍ତରଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଜି ମରଶରୀର ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆଜି ମୁସଲିମ ରିତିନୀତି ଅନୁଯାୟୀ ତାଙ୍କୁ କବର ଦିଆଯାଇଥିଲା। ଘରେ ତାଙ୍କର ଦୁଇଟି ଛୋଟ ପିଲା ସହିତ ସ୍ତ୍ରୀ ଅଛନ୍ତି। ସେହିପରି ଧାଉଡ଼ିଆପଦା ଗ୍ରାମର ରାମ ଚନ୍ଦ୍ର ଦାସଙ୍କ ପୁଅ ତପନ କୁମାର ଦାସ (୩୬) ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ସେ ଅବିବାହିତ ଥିବା ବେଳେ ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଚାରିନଙ୍ଗଳ ପଞ୍ଚାୟତରେ ଦୁଇ ଯୁବକଙ୍କର ଗୋଟିଏ ଦିନରେ ମୃତ୍ୟୁ ନେଇ ଚାରିନଙ୍ଗଳ ତଥା ଆଖପାଖ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଦୁଇ ଜଣଙ୍କ ପରଲୋକଗତ ଖବର ପାଇ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଚାରିନଙ୍ଗଳ ସରପଞ୍ଚଙ୍କ ପ୍ରତିନିଧି ଗୋଲାମ କିବିରିଆ ଖାଁ, ପୂର୍ବତନ ସରପଞ୍ଚ ସେକ୍ ରିଆସତ ଅଲ୍ଲି, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ବଟକୃଷ୍ଣ ଦାସ, ଚାନ୍ଦ ଖାଁ, ଶରତ ଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସେମାନଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଅଧିକାରୀଙ୍କ ଅନୁପସ୍ଥିତିରେ ଘୁଞ୍ଚୁନି ଫାଇଲ କାମ

ଯାଜପୁର ଟାଉନ,୧୪।୧୦(ସମିସ): ଯାଜପୁର ମାଇନର ଇରିଗେସନ୍ କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିୟମିତ ଅନୁପସ୍ଥିତି ଯୋଗୁଁ କାର୍ଯ୍ୟାଳୟର କାମ ପ୍ରଭାବିତ ହେଉଥିବା ନେଇ କିଛି ଠିକାଦାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯାଜପୁର ଓ ଢେଙ୍କାନାଳର ଦାୟିତ୍ୱରେ ଥିବା ଅଧିକାରୀ ସଞ୍ଜୟ କୁମାର ବେହେରା ମାସର ଅଧାରୁ ଅଧିକ ଦିନ ଢେଙ୍କାନାଳରେ ରହୁଥିବାରୁ ଯାଜପୁର କାର୍ଯ୍ୟାଳୟର କାମ ବାଧାପ୍ରାପ୍ତ ହେଉଛି। କିଛି ଆବଶ୍ୟକୀୟ ଫାଇଲ ଦସ୍ତଖତ ଦରକାର ପଡିଲେ କିରାଣିଙ୍କୁ ଢେଙ୍କାନାଳ ଯିବାକୁ ପଡୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ଦୃଷ୍ଟି ଦେବାକୁ ଠିକାଦାର ମାନେ ଅନୁରୋଧ କରିଛନ୍ତି। ଠିକାଦାରମାନଙ୍କ ଦାବି ଅନୁସାରେ, ବିଭିନ୍ନ ଜରୁରୀ ଫାଇଲରେ ଦସ୍ତଖତ ହୋଇପାରୁନାହିଁ ଏବଂ ଫାଇଲଗୁଡ଼ିକ ଦୀର୍ଘଦିନ ଧରି ପଡ଼ିରହୁଛି। ଏହା ଫଳରେ ସରକାରୀ କାର୍ଯ୍ୟରେ ବିଳମ୍ବ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାସହ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ କାର୍ଯ୍ୟାଳୟରେ ଅନୈତିକ କାର୍ଯ୍ୟ ଚାଲୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରି, ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନସମ୍ମତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ସହ କାର୍ଯ୍ୟାଳୟରେ ଅଧିକାରୀଙ୍କ ନିୟମିତ ଉପସ୍ଥିତି ଓ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ଦାବି ହୋଇଛି।

### ● ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ପ୍ରତିବାଦ

## ମେସ୍କୋ ଷ୍ଟିଲ ଖୋଲିବାକୁ ପ୍ରଫୁଲଙ୍କ ଦାବି

ଦାନଗଦି,୧୪।୧୦(ସମିସ): ଆଜି ମୁଖ୍ୟମନ୍ତ୍ରୀ କଳିଙ୍ଗନଗର ଗସ୍ତରେ ଆସି ୧୪ ଜିଲ୍ଲାର ୪୬ଟି ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ କରିଛନ୍ତି। ତେବେ ଦୀର୍ଘ ୭ ବର୍ଷ ଧରିବ ବନ୍ଦ ଥିବା ମେସ୍କୋ ଷ୍ଟିଲ୍ ପ୍ରକଳ୍ପ କେବେ ଖୋଲିବ ବୋଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଘଡ଼ାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଓଡ଼ିଶା ସମେତ କଳିଙ୍ଗନଗରକୁ ଯେଉଁ ଶିଳ୍ପସଂସ୍ଥା ମାନେ ପୁଞ୍ଜି ନିବେଶ ପାଇଁ ଆଗେଇ ଆସିବେ ସେମାନଙ୍କୁ ଡବଲ ଇଂଜିନ ସରକାର ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି କହିଲେ ହେଲେ କଳିଙ୍ଗନଗର ସ୍ଥାପିତ ପ୍ରଥମ ଇସ୍ପାତ କାରଖାନା ମେସ୍କୋ ଷ୍ଟିଲ ଦୀର୍ଘ ୭ ବର୍ଷ ଧରି ବନ୍ଦ ହୋଇ ପଡ଼ିରହିଛି, ଯାହା ଫଳରେ ୫ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ୨୦୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। ୨୬୦ ବିସ୍ଥାପିତ ପରିବାର ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଖାନା ଚାଲୁ କରିବା ପାଇଁ ବହୁବାର ଶ୍ରମିକ ସଂଗଠନ ଆନ୍ଦୋଳନ କରିଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିଛନ୍ତି ହେଲେ ଆଜି ମୁଖ୍ୟମନ୍ତ୍ରୀ କଳିଙ୍ଗନଗର ଆସିଲେ; କିନ୍ତୁ ସେମାନଙ୍କ କଥା ଭୁଲିଗଲେ। ପଦେବି କହିଲେ ନାହିଁ। ଯାହାକି କେତେ ଯେ କଳିଙ୍ଗନଗର ବାସୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ତାହା ଆଜି ଶିଳ୍ପାଞ୍ଚଳରେ ମୁଖ୍ୟ ଆଲୋଚନା ର ବିଷୟ ପାଲଟିଛି। ଖାଲି ନୂଆ ଶିଳ୍ପ ଶିଳାନ୍ୟାସ କରିବାରେ ବ୍ୟସ୍ତ ରହିଲେ କ'ଣ ହବ ପୁରୁଣା ଶିଳ୍ପକୁ ଚାଲୁ କରିବା ପାଇଁ ଉଦ୍ୟମ କରିବା ଦରକାର ବୋଲି ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଛନ୍ତି।

### ଓଜେସି ନେତା ଗିରଫ




ଦାନଗଦି: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଳିଙ୍ଗନଗର ଗସ୍ତରେ ଆସିଥିବାବେଳେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ୫ ଦଫା ଦାବିକୁ ନେଇ ଲୋକେ ତାଙ୍କର ସଭାସ୍ଥଳିକୁ ଯିବା ସମୟରେ ମିଲିଟାରୀ ଛକ ଠାରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଯାଜପୁର ରୋଡ ଆଇଆଇସି ଆଶିଷ କୁମାର ସାହୁଙ୍କ ଉପସ୍ଥିତିରେ ବହୁ ପୁଲିସ ମୁତୟନ ଥିଲେ। ସେମାନେ ବାରିକେଟ ଦ୍ୱାରା ଓଜେସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି, ଯୁବ ଓଜେସି ନେତା ସେକ ବଦ୍ରିଉଦ୍ଦିନ, ପ୍ରଦୀପ ସେଠୀ, ବିଦ୍ୟାଧର ଯେନା ଓ ନିନା ଖାନ ସମେତ ୧୫ ଜଣଙ୍କୁ ଗିରଫ କରି ଦଲାଠାରେ ଥିବା ଗୋଦାମ ଘରେ ରଖିଥିଲେ। ୫ ଦଫା ଦାବି ମଧ୍ୟରେ ବିଶେଷ କରି ଡୁବୁରି ଠାରୁ ଯାଜପୁର ରୋଡ୍ ଓ ମିଲିଟାରୀ ଛକ ଠାରୁ ଥାନା ଗୋଲାଇ ଛକ ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ରାସ୍ତାର ସ୍ଥାୟୀ ନିର୍ମାଣ, ଅସୁରକ୍ଷିତ ମାନପୁର ଓଭରବ୍ରିଜର ସ୍ଥାୟୀ ନିର୍ମାଣ, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅଣଓଡ଼ିଆ ନିଯୁକ୍ତି ବନ୍ଦ କରି ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବା ଓ ସମଗ୍ର କଳିଙ୍ଗନଗରକୁ ପଦୂଷଣ ମୁକ୍ତ କରିବା ଦାବି ଉପର ଓଜେସି ଆଗାମୀ ଦିନରେ ଲଢେଇ ଜାରି ରଖିବ ବୋଲି ଶ୍ରୀ ମହାନ୍ତି ବିଭିନ୍ନ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ।

### ● ନାବାଳିକାକୁ ବଳାତ୍କାର ଉଦ୍ୟମ ଅଭିଯୋଗ

## ବଳାତ୍କାରୀକୁ ୫ବର୍ଷ ଜେଲ୍, ୧୦ହଜାର ଜରିମାନା

ଯାଜପୁର, ୧୪।୧୦(ସମିସ): ଜନୈକା ୧୦ ବର୍ଷିୟା ନାବାଳିକାକୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ବୁଧବାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ପେଶାଲ ପୋକ୍ସୋ ଜଜ୍ ଅଭିଳାସ ସେନାପତି ଅଭିଯୁକ୍ତକୁ ୫ବର୍ଷ ଜେଲ୍ ସହ ୧୦ହଜାର ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ, ଗତ ୨୦୨୪ ମସିହା ମଇ ମାସ ୯ ତାରିଖରେ ବିଞ୍ଝାରପୁର ଥାନା ଅଞ୍ଚଳର ଜନୈକା ୧୦ବର୍ଷିୟା ନାବାଳିକା ଆମ୍ବ ଗୋଟେଇବା ପାଇଁ ବାଡ଼ିକୁ ଯାଇଥିବା ବେଳେ ସେହି ଗ୍ରାମର ୨୭ ବର୍ଷିୟ ହାଡୁଆ ମଲିକ ଜୋର ଜବରଦସ୍ତ ତାକୁ ଭିଡି ବଳାତ୍କାର କରିବା ପାଇଁ ଚେଷ୍ଟା କରିଥିବା ବେଳେ ନାବାଳିକା ଜଣକ ଜୋରରେ ପାଟି କରିବାରୁ ଗ୍ରାମର କିଛି ଲୋକ ଘଟଣାସ୍ଥଳକୁ ଆସିଥିଲେ। ଏହା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡି ପଳାଇଯାଇଥିଲା। ନାବାଳିକାର ବାପା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଥାନା କେସ୍ ନଂ ୨୮ ୬/୨୪ ମୁତାବକ କେସ୍ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଚୂଡ଼ାନ୍ତ ଶୁଣାଣି କରି ୮ ଜଣ ସାକ୍ଷୀଙ୍କ ସାକ୍ଷ ଓ ପ୍ରମାଣକୁ ଭିତିକରି ଅଭିଯୁକ୍ତକୁ ୫ବର୍ଷ ଜେଲ୍ ଦଣ୍ଡାଦେଶ ସହ ୧୦ହଜାର ଜରିମାନା କରିଛନ୍ତି। ଏହି ଜରିମାନା ଅନାଦେୟରେ ଅଧିକ ୬ମାସ ଜେଲ ଭୋଗିବେ ବୋଲି ଏହି ରାୟରେ ପ୍ରକାଶିତ ହୋଇଛି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ପ୍ରତାପ କୁମାର ରାୟ ପରିଚାଳନା କରିଥିଲେ।

### ● ଡ୍ରପଆଉଟ ହ୍ରାସ ପାଇଁ ଶିକ୍ଷା ବିଭାଗ ପ୍ରୟାସ

## ସୁକିନ୍ଦାରେ ୪୦ ପିଲା ବିଦ୍ୟାଳୟ ଫେରିଲେ

ଯାଜପୁର,୧୪।୧୦(ସମିସ): ଜିଲ୍ଲାର ଦାନଗଦି ଓ ସୁକିନ୍ଦାରେ ଶହଶହ ପିଲାମାନେ ବିଦ୍ୟାଳୟ ଛାଡ଼ି ଶିଶୁଶ୍ରମିକ ଓ ବାଲ୍ୟବିବାହକୁ ଆପଣାଉଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ନିମନ୍ତେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଗତ ୩ ତାରିଖ ଆମରଣ ଅନଶନ ବସିଥିଲେ। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରୀ ଦାନଗଦୀ ଓ ସୁକିନ୍ଦାର ଡ୍ରପଆଉଟ ହ୍ରାସ ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଦାନଗଦୀ ଓ ସୁକିନ୍ଦା ପାଇଁ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ଟିମ ଗଠନ କରଯାଇଥିଲା। ଏହି କ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ନେତୃତ୍ୱରେ ଏକ ଚାରିଜଣିଆ ଟିମ କଂସ ପଞ୍ଚାୟତର ଟିକରପଡା, ବିଟସାହି ପ୍ରମୁଖ ସ୍ଥାନ ଓ ପ୍ରାଥମିକ ବିଦ୍ୟାଳୟ ପରିଭ୍ରମଣ କରି ଡ୍ରପଆଉଟ ପିଲାମାନଙ୍କୁ ଚିହ୍ନଟ କରିଥିଲେ। ଏହି ଟିମ ବିଭିନ୍ନ ଗ୍ରାମରୁ ମୋଟ ୪୦ ଜଣ ଡ୍ରପଆଉଟ ଛାତ୍ରଛାତ୍ରୀ ଚିହ୍ନଟ କରିଛନ୍ତି। ଏହି ପିଲାମାନଙ୍କୁ ତୁରନ୍ତ ନିକଟସ୍ଥ ବିଦ୍ୟାଳୟରେ ଆଡମିସନ କରାଯିବା ସହ ଡ୍ରପଆଉଟ ହ୍ରାସ ପାଇଁ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଅରୁଣ ମହାନ୍ତ ଓ ସିଆରସିସି ସଂଜୟ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଏହି ପିଲାମାନେ ଗୋଟିଏ ପଞ୍ଚାୟତର, ତେଣୁ ସଂପୂର୍ଣ୍ଣ ସୁକିନ୍ଦା ବ୍ଲକରେ କେତେ ସଂଖ୍ୟକ ଡ୍ରପଆଉଟ ପିଲାଥିଲେ ତାହା ଅନୁମାନ କରିବା କଷ୍ଟକର।

### ରାଜପଥ ପାଲଟିଛି ଗୋରୁ ଗୁହାଳ

# ବୁଲା ଗାଈଗୋରୁ ଯୋଗୁଁ ବଢୁଛି ଦୁର୍ଘଟଣା

କବାଟବନ୍ଧ,୧୪।୧୦(ସମିସ):





ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନି ହେଉଛି। ମାତ୍ର ଏହାର ପ୍ରତିକାର ତଥା ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନୀରବତା ମଧ୍ୟ ଜନ ସାଧାରଣଙ୍କ ଜୀବନ ଏବଂ ସୁରକ୍ଷାକୁ ବିପଦକୁ ଠେଲୁଛି। ଏହି ରାଜପଥର ଚଣ୍ଡିଖୋଲଠାରୁ ଡୁବୁରି ପର୍ଯ୍ୟନ୍ତ ପ୍ରାୟ ୩୯ କିଲୋମିଟର ମଧ୍ୟରେ ଦୈନିକ କେଉଁଠି ନା କେଉଁଠି ବୁଲା ଗାଈ ଗୋରୁଙ୍କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ଦେଖିବାକୁ ମିଳୁଛି। ଏହି ଦୁର୍ଘଟଣା ଦିନ ଅପେକ୍ଷା ରାତି ସମୟରେ ଅଧିକ ହେଉଥିବା ଜଣାପଡିଛି। ଚଣ୍ଡିଖୋଲ କଲେଜ ଛକ ଫ୍ଲାଏଓଭର ବ୍ରିଜ ଠାରୁ କଳିଙ୍ଗ ନଗରର ଅନେକ ସ୍ଥାନରେ ଏବେ ବୁଲା ଗାଈଗୋରୁଙ୍କ କବଜାରେ ରହିଥିବା ଦେଖିବାକୁ ମିଳିଛି। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ପ୍ରାୟ ୩୯ କିଲୋମିଟର ଲମ୍ବା ରାସ୍ତାରେ ଧର୍ମଶାଳା, ସୁକିନ୍ଦା, ବଡ଼ଚଣା ଆଦି ତିନି ଗୋଟି ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ବେଳେ ଅନେକ ସମୟରେ ଏହି ରାଜପଥ ଉପରେ ଦୁର୍ଘଟଣା ଘଟୁଛି। ଦିନରାତି ଯେ କୌଣସି ସମୟରେ ଦେଖିବେ ରାଜପଥ ଉପରେ ଗାଈ, ଗୋରୁ, ଷଣ୍ଢ ଆଦି ବୁଲାବୁଲି କିମ୍ବା ଶୋଇ ରହୁଛନ୍ତି। ରାଜପଥରେ ଅଲୋକୀକରଣ ହୋଇ ନ ଥିବାରୁ ରାତି ସମୟରେ ଦୁର୍ଘଟଣା ଘଟି ଅନେକ ଗାଈଗୋରୁ ମୃତ୍ୟୁବରଣ କରୁଥିବା ବେଳେ ମୋଟର ସାଇକଲ କିମ୍ବା କାର୍ ଚାଳକ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହା ଦ୍ୱାରା ଅନେକ ଲୋକ ଦୁର୍ଘଟଣାରେ ସମ୍ମୁଖୀନ ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି। ଦଳଗାଁ, କୁସୁନପୁର, ବାଲିସାହି, ତାରିଣୀ ଛକ, ଚଢ଼େଇଧରା, ବରଡ଼ା, ଓସରା, ମାଣ୍ଡିଆ ଆରୁହା, ଆଦି ଛକ ଗୁଡ଼ିକରେ ବୁଲା ଗାଈ ଗୋରୁ ରାସ୍ତା ଅବରୋଧ କରି ଶୋଇ ରହୁଛନ୍ତି। ଜାତୀୟ ରାଜପଥ ହୋଇଥିବାରୁ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଛନ୍ତି। ଏହି ରାଜପଥ ଉପରେ ବୁଲା ଗାଈଗୋରୁଙ୍କ ଅବାଧ ଚଳାଚଳ ଦୁର୍ଘଟଣାର ପ୍ରମୁଖ କାରଣ ସାଜିଛି। ଯାହା ଫଳରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣାପଡିଛି। ପଞ୍ଝା ପଞ୍ଝା ଗାଈ ଗୋରୁ ରାସ୍ତା ଉପରେ ଶୋଇ ରହୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଧନଜୀବନ ବିପନ୍ନ ହେବା ସହିତ ଜନସାଧାରଣ ଏବଂ ଗାଈ ଗୋରୁ ଦୁର୍ଘଟଣା ଘଟି ମୃତ୍ୟୁବରଣ କରୁଛନ୍ତି। ଡୁବୁରୀ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ଅନେକ ସ୍ଥାନରେ ଗାଈ ଗୋରୁ ମରି ପଡ଼ ରହୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଦୁର୍ଘଟଣା ଘଟୁଥିବା ସ୍ଥାନ ନିକଟରେ ରହିଥିବା ସ୍ଥାନୀୟ ଜନସାଧାରଣ କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସ୍ତା ସଫା କରାଯିବା ସହିତ ସେମାନଙ୍କ ଶବ ସତ୍କାର କରାଯାଉଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଗଲେ ଏବଂ ଏହି ଗୋରୁ ମାନଙ୍କୁ ଗୋଶାଳାରେ ଛାଡିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ରାଜପଥରେ ଅଲୋକୀକରଣ ସହିତ ଗୋଶାଳାରେ ଗାଈ ଗୋରୁଙ୍କୁ ଛାଡିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।

### ● ଅଭିଯୋଗର ୨ ମାସ ପରେ ବି

## ନିଶାସକ୍ତ ଶିକ୍ଷକଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

ବଡ଼ଚଣା,୧୪।୧୦(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଚାରିନଙ୍ଗଳ ପଞ୍ଚାୟତ ସ୍ଥିତ ଚାରିନଙ୍ଗଳ ଠାରେ ଥିବା ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଦୁଇ ଶିକ୍ଷକ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟକୁ ଆସୁଥିବା ଏବଂ ନିଶାସକ୍ତ ଅବସ୍ଥାରେ ଶିକ୍ଷାଦାନ ମଧ୍ୟ କରୁଥିବା ନେଇ ଚାରିନଙ୍ଗଳ ଓ ନଳୀପୁର ପଞ୍ଚାୟତର ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆର୍‌ସିସି, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଏଯାବତ୍ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନା ଦୁଇ ଶିକ୍ଷକ ଦୁଇ ମାସ ଧରି ବିଦ୍ୟାଳୟକୁ ଆସୁନାହାନ୍ତି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅବଦୁଲ ମୁସ୍ତାକିନ ଖାଁଙ୍କୁ ପଚାରିବାରୁ ଦୁଇ ଶିକ୍ଷକ ଛୁଟିରେ ଅଛନ୍ତି। ମେଡିକାଲ ଆପଲାଏ କରିଛନ୍ତି। କିନ୍ତୁ ଏକ ମାସର ଦରମା ପାଇଥିବା କହିଥିଲେ। ବିଇଓ କିମ୍ବା ଡିଇଓ ଏ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସିନାହାନ୍ତି। ତଦନ୍ତ କରାଯିବ ବୋଲି କହିଥିଲେ। ପାଠପଢ଼ା ସଂପର୍କରେ ପଚାରିବାରୁ ସମସ୍ତ ଶିକ୍ଷକ ସେମାନଙ୍କ ପାଠକୁ ପଢାଉଥିବା କହିଥିଲେ। ଏ ନେଇ ମୁଁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଛି। ତେଣୁ ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉଭୟ ଶିକ୍ଷକଙ୍କ ବିରୋଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଭାବକମାନେ ଦାବି କରିଛନ୍ତି। ଅପରପକ୍ଷେ କେନ୍ଦ୍ରପଡା ଜିଲ୍ଲା ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଆମ୍ବୁରା ପ୍ରାଥମିକ ବିଦ୍ୟାଳୟର ମଦ୍ୟପାନ କରୁଥିବା ଶିକ୍ଷକ ସୁନାକର ନାଏକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ କାହା ସ୍ୱାର୍ଥରେ ଓ କାହା ଚାପରେ ଏ ପର୍ଯ୍ୟନ୍ତ ଉଭୟ ନିଶାସକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଉନାହିଁ ତାହାର ଏକ ବିଧିବଦ୍ଧ ତଦନ୍ତ କରିବାକୁ ଦାବି ହୋଇଛି।

### ବେଆଇନ ବାଲି ଉଠାଣକୁ ବିରୋଧ

## ରାସ୍ତା ମଝିରେ ସାମ୍ବାଦିକ ସମ୍ମିଳନୀ



ବିଞ୍ଝାରପୁର,୧୪।୧୦(ସମିସ): ବେଆଇନ ବାଲି ଉଠାଣ ଯୋଗୁଁ ଜଣେ ନିରୀହ ନାବାଳକଙ୍କ ଜୀବନ ଯିବା ଘଟଣାକୁ ନେଇ ବିଞ୍ଝାରପୁରରେ ଧୀରେ ଧୀରେ ତୀବ୍ର ହେଉଛି ପ୍ରତିବାଦର ସ୍ୱର। ଏହି ଘଟଣାରେ ମୃତ ନାବାଳକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ବେଆଇନ ବାଲି ଉଠାଣ ବନ୍ଦ କରିବା ଦାବିରେ ଆଜି ଗୟାସୁଦ୍ଦିନ ଛକରେ ରାସ୍ତା ମଝିରେ ସାମ୍ବାଦିକ ସମ୍ମିଳନୀ କରି ପ୍ରଶାସନ ଉପରେ ବର୍ଷିଛନ୍ତି ସମାଜସେବୀ ପଦ୍ମାକର ଗୁରୁ। ଏହି ସାମ୍ବାଦିକ ସମ୍ମିଳନୀରେ ମୃତ ନାବାଳକଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ନ୍ୟାୟ ଦାବି କରିଥିଲେ। ନାବାଳକଙ୍କ ମୃତ୍ୟୁ ପାଇଁ ଖଣି ବିଭାଗ ଓ ରାଜସ୍ୱ ବିଭାଗର ଅବହେଳାକୁ ଦାୟୀ କରିବା ସହ ବେଆଇନ ବାଲି ଉଠାଣ ଉପରେ ରୋକ୍ ଲଗାଇବାକୁ ସେ ଦାବି କରିଥିଲେ। ପଦ୍ମାକରଙ୍କ ଅଭିଯୋଗ ଅନୁଯାୟୀ, ଖଣି ଓ ରାଜସ୍ୱ ବିଭାଗର ନିଷ୍କ୍ରିୟତା ଯୋଗୁଁ ଅଞ୍ଚଳରେ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ବେଆଇନ ଭାବେ ଚାଲାଣ ହେଉଛି। ଛତୁ ଫୁଟିଲା ପରି ବାଲି ସୈରାତ ଗଢ଼ି ଉଠୁଥିବା ବେଳେ ଏହା ଉପରେ ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେଉନାହିଁ। ଫଳରେ ବେଆଇନ ବାଲି ଉଠାଣ ଯୋଗୁଁ ନିରୀହ ଲୋକଙ୍କ ଜୀବନ ବିପଦରେ ପଡୁଥିବା ସେ କହିଛନ୍ତି। ଏହି ଘଟଣାକୁ ନେଇ ପଦ୍ମାକର ଗୁରୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଖୋଲା ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣାର ନିରପେକ୍ଷ ତଦନ୍ତ କରାଇ ମୃତ ନାବାଳକଙ୍କ ପରିବାରକୁ ନ୍ୟାୟ ଦିଅନ୍ତୁ ଏବଂ ଅବାଧରେ ଚାଲିଥିବା ବେଆଇନ ବାଲି ଉଠାଣକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ବିଞ୍ଝାରପୁରରେ ଅସନ୍ତୋଷ ବଢୁଥିବା ବେଳେ ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି ଏବଂ ପୀଡ଼ିତ ପରିବାରକୁ କେବେ ନ୍ୟାୟ ମିଳୁଛି, ତାହା ଏବେ ଅଞ୍ଚଳବାସୀଙ୍କ ଅପେକ୍ଷାର ବିଷୟ ପାଲଟିଛି।

## ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ 'ସୁରଭି'

କୁଆଖିଆ,୧୪।୧୦(ସମିସ): ଯାଜପୁର ରସୁଲପୁର ବ୍ଲକ ଅନ୍ତର୍ଗତ ବନଦୁର୍ଗା କ୍ଲଷ୍ଟର ସ୍ତରୀୟ ସୁରଭି କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟ କୋଲଥଳଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିତା ପରିଡାଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରସୁଲପୁର ମଣ୍ଡଳ ସହ ମଣ୍ଡଳ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ସହ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଭଞ୍ଜନ ପତି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ କୁମାର ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ସାହୁ ଓ ସାଧନକର୍ମୀ ଦେବକୀ ପାତ୍ର ଯୋଗ ଦେଇଥିଲେ। ବନଦୁର୍ଗା କ୍ଲଷ୍ଟର ଅଧୀନ ୧୪ଟି ବିଦ୍ୟାଳୟରୁ ୨୦୦ଜଣ ଛାତ୍ରଛାତ୍ରୀ ଏହି ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀମାନେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ଗଣିତ ଦୌଡ଼, ଦଳଗତ ନୃତ୍ୟ ଶ୍ରୁତଲିଖନ, ହସ୍ତଶିଳ୍ପ, ଚିତ୍ର କଳା ଆଦି ବିଭାଗରେ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଉକ୍ତ ସଭାକାର୍ଯ୍ୟକୁ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରକାଶ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁବାସ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ଜ୍ୟୋସ୍ନାରାଣୀ ତରାଇ, ଇତିଶ୍ରୀ ନାଥ, ସ୍ମୃତିରେଖା ମହନ୍ତ, ନିରୁପମା ପାଣିଗ୍ରାହୀ, ମିତାଲି ଶତପଥୀ, ଶୁଭ୍ରଦୀପ ସାହୁ, ଗୋପାଳ ଚନ୍ଦ୍ର ପତି, ସୁବାସ ଚନ୍ଦ୍ର ଦାସ, ବିଭୁତି ଭୂଷଣ ସାହୁ, ରମେଶ ଚନ୍ଦ୍ର ବିଶୋଇ, ଦିଲ୍ଲୀପ ବେହେରା, ମମତା ରଣା, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ରଣା ପ୍ରମୁଖ ସହଯୋଗ କରିଥିଲେ।



### ● ଧାନ ଅମଳ ପୂର୍ବରୁ ରୋଗ ପୋକ

## କୃଷି ବିଭାଗ ପକ୍ଷରୁ କ୍ଷେତ ପରିଦର୍ଶନ

କବାଟବନ୍ଧ,୧୪।୧୦(ସମିସ): ଧର୍ମଶାଳା ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀ ମାନେ ଧାନ କ୍ଷେତ ପରିଦର୍ଶନ କରିଥିବା ଜଣାପଡିଛି। ମଙ୍ଗଳବାର ପୂର୍ବାହ୍ନରେ ବ୍ଲକର ଜେନାପୁର, ବୃନ୍ଦାଦେଇପୁର, ଏରଶଣ୍ଡା, କୁସୁନପୁର, କବାଟବନ୍ଧ, ତାଳଜଙ୍ଗ, ଏଣ୍ଡଲବା ଆଦି ବିଭିନ୍ନ ପଞ୍ଚାୟତ ଏବଂ ଗାଁକୁ ପରିଦର୍ଶନ କରି ଲାଗିଥିବା ରୋଗ ପୋକ ନିୟନ୍ତ୍ରଣ ପାଇଁ ଚାଷୀ ମାନଙ୍କୁ ପ୍ରତିକାର ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଖରିପ ଧାନ ଅମଳ ସମୟ ହୋଇଥିବାରୁ ଅନେକ ସ୍ଥାନରେ ଚାଷୀ ମାନେ ଆଗୁଆ ବୁଣିଥିବା ଧାନ ଅମଳ କରୁଥିବା ବେଳେ ପଛରେ ବୁଣା ଯାଇଥିବା ଧାନ ଆଉ ଅଳ୍ପ ଦିନ ଭିତରେ ଅମଳ ଉପଯୋଗୀ ହେବ। ଏହି ସମୟର ଧାନରେ ମହୁଆ ପୋକ, ଗଣ୍ଡି ପୋକ, ମଞ୍ଜି ଗିଳା ପୋକ ପ୍ରଭୃତିଙ୍କ ପ୍ରାଦୁର୍ଭାବ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଦୀର୍ଘ ୪ ମାସର ପରିଶ୍ରମ ପରେ ଚାଷୀ ମାନେ ଧାର କରଜ କରି ବିହନ, ସାର, ଔଷଧ ଓ କୀଟନାଶକ ବାବଦରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଭଲ ଅମଳ ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି। ମାତ୍ର ଲଗାଣ ବର୍ଷା ପରେ ବିଭିନ୍ନ ରୋଗ ପୋକ ଭଲ ଅମଳକୁ ନଷ୍ଟ କରୁଛନ୍ତି। ଧାନ ପାଚିବା ସମୟରେ ମହୁଆ ପୋକ ଲାଗି ଅଗାଡ଼ି କରିବା ଓ ଗଣ୍ଡି ପୋକ/ ମଞ୍ଜି ଗିଳା ପୋକ ଧାନ ପତ୍ରକୁ ନାଲି ଓ ହଳଦିଆ କରି ଦେଇଛନ୍ତି। ଫଳରେ ଚାଷୀଙ୍କ ଭଲ ଅମଳ ଆଶା ମଉଳିଛି। ବ୍ଲକର ଏହି ସମସ୍ୟା ଶହ ଶହ ହେକ୍ଟର ଜମିରେ ହୋଇଥିବା ଚାଷୀ ମାନେ ପ୍ରକାଶ କରିଛନ୍ତି। ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଏଗ୍ରୀକଲଚର ଓଭରସିୟର ସଞ୍ଜୟ କୁମାର ସାମଲ ଓ ଶୁଭେନ୍ଦୁ ମଲ୍ଲିକ ବିଭିନ୍ନ କ୍ଷେତ ପରିଦର୍ଶନ କରି ଚାଷୀ ମାନଙ୍କ ସହିତ ଆଲୋଚନା କରି ରୋଗ ପୋକ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେବା ସହିତ ଏହାର ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

### ● ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା ପ୍ରସଙ୍ଗ

## ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ବିଭାଗୀୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ

ଯାଜପୁର,୧୪।୧୦(ସମିସ): ଯାଜପୁର ଜିଲ୍ଲାର ବଡ଼ଚଣା, ସୁକିନ୍ଦା ଓ ଧର୍ମଶାଳା ବ୍ଲକରେ ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା ଓ ପରିଚାଳନାଗତ ଅବହେଳା ଅଭିଯୋଗକୁ ଗୁରୁତ୍ୱର ସହ ନେଇଛି ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ। ଏହି ଘଟଣାର ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲ୍ଲାପାଳଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ବିଭାଗର ନିର୍ଦ୍ଦେଶକ ପାରୁଲ ପଟୱାରୀ, ଜାରି କରିଥିବା ଚିଠିରେ ଅଭିଯୋଗଗୁଡ଼ିକର ତଦନ୍ତ କରି ତଥ୍ୟ ଓ ପ୍ରମାଣ ଆଧାରରେ ରିପୋର୍ଟ ଦେବାକୁ କହିଛନ୍ତି। ଏହି ଅଭିଯୋଗ ଦିବ୍ୟାଙ୍ଗ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ପକ୍ଷରୁ ୩୧ ଅଗଷ୍ଟ ୨୦୨୬ରେ ଦାଖଲ ହୋଇଥିବା ଅଭିଯୋଗ ପତ୍ର ଆଧାରରେ ବିଚାରକୁ ନିଆଯାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଶିବିରଗୁଡ଼ିକରେ ବ୍ୟାଙ୍କ ଅଧିକାରୀ ଓ ଅଗ୍ରଣୀ ଜିଲ୍ଲା ପରିଚାଳକ, ପରିବହନ ବିଭାଗ, ରେଳବାଇ, ସ୍ୱାସ୍ଥ୍ୟ ବିଭାଗ ଓ ରାଜସ୍ୱ ବିଭାଗର ପ୍ରତିନିଧିଙ୍କ ଅନୁପସ୍ଥିତି ଯୋଗୁଁ ହିତାଧିକାରୀମାନେ ବିଭିନ୍ନ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ବସ୍ ଓ ରେଳଯାତ୍ରାରେ ରିହାତି, ବ୍ୟାଙ୍କ ସଂଯୋଗ, କ୍ୟାମ୍ପରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନନକରିବା , ୟୁଡିଆଇଡି କାର୍ଡ ଏବଂ ଆୟ ଓ ବାସସ୍ଥାନ ପ୍ରମାଣପତ୍ର ପରି ଆବଶ୍ୟକ ସେବା ଉପଲବ୍ଧ କରାଇବାରେ ସମସ୍ୟା ହୋଇଥିବା ଦର୍ଶାଯାଇଛି। ଏହା ସହିତ ଶିବିରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସୁଗମ୍ୟ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟଙ୍କ ଅଂଶଗ୍ରହଣ, ଶିବିର ପୂର୍ବରୁ ସଚେତନତା କାର୍ଯ୍ୟକ୍ରମ ଏବଂ ଦିବ୍ୟାଙ୍ଗ ଅଧିକାର ଆଇନ, ୨୦୧୬ର ଅଧ୍ୟାୟ ୧୬ର ପ୍ରାସଙ୍ଗିକ ବ୍ୟବସ୍ଥା ପ୍ରଦର୍ଶନ କରାଯିବାରେ ମଧ୍ୟ ଅବହେଳା ହୋଇଥିବା ଅଭିଯୋଗ ରହିଛି। ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳ ଅଭିଯୋଗର ପ୍ରତ୍ୟେକ ବିଷୟକୁ ଆଧାର କରି ତଦନ୍ତ କରିବେ। ଅଭିଯୋଗର ସତ୍ୟତା ପ୍ରମାଣିତ ହେଲେ ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ପରବର୍ତ୍ତୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତ୍ୟନ୍ତ ପ୍ରାଥମିକତା ଦେବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

# ବରୀରେ ବନ୍ୟାଞ୍ଚଳ ଗଣମୁକ୍ତି ଅଭିଯାନର ଖୋଲାମଞ୍ଚ

ବରୀ,୧୪।୧୦(ସମିସ):



ଯାଜପୁର ଓ କେନ୍ଦ୍ରାପଡ଼ାର ଜିଲ୍ଲାର ବନ୍ୟା ପ୍ରଭାବିତ ୯ଟି ବ୍ଲକ୍‌ର ୮୫ ପଞ୍ଚାୟତର ଅଧିବାସୀଙ୍କୁ ନେଇ ଗଠନ ହୋଇଥିବା ବନ୍ୟାଞ୍ଚଳ ଗଣମୁକ୍ତି ଅଭିଯାନ ପକ୍ଷରୁ ବରୀ ବ୍ଲକ ଚନ୍ଦନପୁର ପଞ୍ଚାୟତ ଅଜାଣବନଠାରେ ଏକ ବିଶାଳ ଖୋଲାମଞ୍ଚ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଦଳମତ ନିର୍ବିଶେଷରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ, ସାମ୍ବାଦିକ, ମହିଳା ଓ ଯୁବଛାତ୍ର ଏକାଠି ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅଭିଯାନର ଆବାହକ ନିମାଇଁ ରାୟଙ୍କ ସଭାପିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଶତ୍ରୁଘ୍ନ ଦାସ, ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ବରୀର ବନ୍ୟା ଏବଂ ଏହାକୁ ଘେରି ରହିଥିବା ଅନ୍ୟ ଅଞ୍ଚଳର ସ୍ଥାୟୀ ନିରାକରଣ ପାଇଁ ଏକ ସ୍ୱତନ୍ତ୍ର ଅଥରିଟି ଗଠନ ପ୍ରସ୍ତାବ ଉପରେ ଦାବି ଉପସ୍ଥାପନା କରିଥିଲେ। ଏହା ସହ ବୈଷୟିକ ଜ୍ଞାନକୌଶଳ ଜରିଆରେ ଏହି ଅଞ୍ଚଳର ମ୍ୟାପିଂ କରାଯାଇ ବନ୍ୟାର ସ୍ଥାୟୀ ନିରାକରଣ ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇପାରିବ। ସରକାର ଚାହିଁଲେ ଏଥିପାଇଁ ଏକ ସ୍ୱତନ୍ତ୍ର ଅଥରିଟି ଜରିଆରେ ଏହି କାର୍ଯ୍ୟକୁ ହାତକୁ ନେଇପାରିବେ ବୋଲି କହିଥିଲେ। ତେଣୁ ସରକାରଙ୍କ ପାଖରେ ଏହି ଅଞ୍ଚଳବାସୀଙ୍କ ଦାବି ବା ପ୍ରସ୍ତାବ ପତ୍ରଟିକୁ ଉପଯୁକ୍ତ ଭାବରେ ରଖାଯିବାର ଆବଶ୍ୟକତା ଅଛି। ବନ୍ୟାଜଳ ନିଷ୍କାସନ ଜରିଆରେ ହିଁ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ କହିଥିଲେ। ସ୍ୱାଧୀନତା ପରଠୁ ବର୍ଷ ବର୍ଷ ଧରି ସରକାର ଅଛନ୍ତି, ବନ୍ୟା ଅଛି। କିନ୍ତୁ ସ୍ଥାୟୀ ନିରାକରଣ ହୋଇପାରୁନାହିଁ। ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଲେ ମଧ୍ୟ ଦୁର୍ଗତଙ୍କ ଦୁର୍ଦ୍ଦଶା ଯେମିତି ଥିଲା ସେମିତି ରହିଛି। ଏହି କାର୍ଯ୍ୟକ୍ରମରେ ବରୀ ଅଞ୍ଚଳର ଅନେକ ବରିଷ୍ଠ ବ୍ୟକ୍ତିତ୍ୱ, ଶିକ୍ଷାବିତ, ବୁଦ୍ଧିଜୀବୀ, ସାମ୍ବାଦିକମାନେ ଯୋଗଦେଇଥିଲେ। ଏହି ଖୋଲାମଞ୍ଚରେ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକର ୮୫ଟି ପଞ୍ଚାୟତର ଜନସାଧାରଣ ଯୋଗଦେଇ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଅଞ୍ଚଳବାସୀଙ୍କ ବନ୍ୟାର ସ୍ଥାୟୀ ନିରାକରଣ ଲାଗି ସ୍ୱତନ୍ତ୍ର ଅଥରିଟି ଗଠନ, ବୈଷୟିକ କମିଟିର ଅନୁଧ୍ୟାନ, ସ୍ୱତନ୍ତ୍ର ପ୍ରତିକାର ବ୍ୟବସ୍ଥା ଆଦି ସଂପର୍କରେ ମତାମତ ପ୍ରଦାନ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ବାକ୍ ସ୍ୱାଧୀନତା ପ୍ରତ୍ୟାହାର କରି ନିଆଯାଏ, ତେବେ ଜନତା କେବଳ ବଳି ପାଇଁ ଉଦ୍ଦିଷ୍ଟ ପଶୁ ସମାନ ବୋଲି ଧରାଯିବ।

-ଜର୍ଜ ୱାଶିଂଟନ୍

## ଶୃଙ୍ଖଳା ବନାମ ଅଧିକାର

ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ଶାସନ/ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତି, ନିଷ୍ପତ୍ତି କିମ୍ବା କୌଣସି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଯେତେବେଳେ ଏଭଳି ପ୍ରତିବାଦକୁ ଆଇନଶୃଙ୍ଖଳା ଭଙ୍ଗ ଆଳରେ ଭଣ୍ଡୁର କରିବାକୁ ଉଦ୍ୟମ ହୁଏ, ସେତେବେଳେ ଶୃଙ୍ଖଳା ବନାମ ଅଧିକାରର ଲକ୍ଷ୍ମଣରେଖା ଭଳି ପ୍ରଶ୍ନ ଉଠେ। ଏଭଳି ପ୍ରଶ୍ନ ଏବେ ଦିଲ୍ଲୀର ଯନ୍ତରମନ୍ତର ପ୍ରସଙ୍ଗରେ ଉଠିଛି। ଯନ୍ତରମନ୍ତରରେ ଆନ୍ଦୋଳନ ଅନୁମତିକୁ ସ୍ଥାନୀୟ ପୁଲିସ ପ୍ରଶାସନ ପ୍ରତ୍ୟାହାର କରି ନେବା ପରେ ବିବାଦ ଉଠିଛି। ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବାରୁ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଦୁଇଜଣ ଆଗଧାଡ଼ିର ନେତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣା ପ୍ରତିବାଦର ସ୍ୱରକୁ ଆହୁରି ତୀବ୍ର କରିଛି। ଅହିଂସ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଗିରଫ କରିବା ବେଆଇନ ଏବଂ ମନମୁଖି ଶାସନର ପରିଚାୟକ ବୋଲି ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରତିବାଦର ବୈଧତା ଓ ପୁଲିସ କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ସମ୍ପର୍କରେ କିଞ୍ଚିତ ଆଲୋଚନା ଆବଶ୍ୟକ।

ଭାରତୀୟ ସମ୍ବିଧାନର ଧାରା ୧୯(୧)(କ) ନାଗରିକଙ୍କୁ ମତପ୍ରକାଶର ସ୍ୱାଧୀନତା ଦେଇଥିବା ବେଳେ ଧାରା ୧୯(୧)(ଖ) ଶାନ୍ତିପୂର୍ଣ୍ଣ ଓ ଅହିଂସ ସମାବେଶର ଅଧିକାର ସୁନିଶ୍ଚିତ କରିଛି। ତେବେ ଏହି ଅଧିକାର ଅସୀମ ନୁହେଁ। ଜନଶୃଙ୍ଖଳା, ରାଷ୍ଟ୍ରର ସୁରକ୍ଷା ଓ ଜନସମୁଦାୟଙ୍କ ଅଧିକାରର ସୁରକ୍ଷା ପାଇଁ ଆଇନ ଅନୁଯାୟୀ ଯୁକ୍ତିଯୁକ୍ତ କଟକଣା ଲାଗୁ କରାଯାଇପାରେ। କିନ୍ତୁ କଟକଣା ଲଗାଇବାର କ୍ଷମତାକୁ ଅସନ୍ତୋଷର ସ୍ୱର ଦମନ କରିବାର ଅସ୍ତ୍ରରେ ପରିଣତ କରିବା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ। ପୁଲିସର ପ୍ରଥମ ଦାୟିତ୍ୱ ହେଉଛି ଲୋକଙ୍କ ଧନ ଓ ଜୀବନର ସୁରକ୍ଷା। କୌଣସି ଆନ୍ଦୋଳନ/ବିକ୍ଷୋଭ ହିଂସା ସୃଷ୍ଟି କରିବାର ଆଶଙ୍କା ଥିଲେ କିମ୍ବା ସ୍ୱାଭାବିକ ଜନଜୀବନ ବାଧାପ୍ରାପ୍ତ ଅନୁମାନ କରାଯାଉଥିଲେ ପୁଲିସପ୍ରଶାସନ ପ୍ରତିକାରମୂଳକ ପଦକ୍ଷେପ ନେଇପାରେ। କିନ୍ତୁ କେବଳ ଅନୁମାନ, ରାଜନୈତିକ ଚାପ କିମ୍ବା ପ୍ରଶାସନର ଅସୁବିଧା ଅଭିଯୋଗରେ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଅଟକାଇବା ଗ୍ରହଣୀୟ ନୁହେଁ।

ପ୍ରତିବାଦକାରୀଙ୍କ ଦାବି ଶାସନ ପ୍ରଶାସନ ପାଇଁ ସବୁବେଳେ ଅପ୍ରିୟ ଓ ଅଗ୍ରାହ୍ୟ ହେବା ସ୍ୱାଭାବିକ। କିନ୍ତୁ ଏହି ଆଧାରରେ ଅହିଂସ ଆନ୍ଦୋଳନ/ପ୍ରତିବାଦକୁ ଆଇନଶୃଙ୍ଖଳା ପାଇଁ ବିପଦ ବୋଲି ଧରା ଯାଇପାରିବ ନାହିଁ। ଶାସକଙ୍କ ପ୍ରତି ସମାଲୋଚନାକୁ ନିରୁତ୍ସାହିତ କରିବା ବଦଳରେ ସମ୍ଭାବ୍ୟ ହିଂସାକୁ ପ୍ରତିହତ କରିବା ଆଇନ ଶାସନର ମୂଳ ଉଦ୍ଦେଶ୍ୟ। ସେହିପରି ସମ୍ଭାବ୍ୟ ହିଂସା ସୃଷ୍ଟିକାରୀ ପ୍ରତିବାଦକୁ ଅନୁମତି ନ ଦେବା, ମୂଳରୁ ଅଟକାଇବା ବା ପ୍ରତିହତ କରିବା ପାଇଁ ପୁଲିସ୍‌କୁ ଆଇନ କେତେକ ବଳ ଦେଇଛି। ସଭା ଉପରେ କଟକଣା, ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯାତାୟାତ ନିୟନ୍ତ୍ରଣ କିମ୍ବା ଆଇନସମ୍ମତ ଭାବେ ଅଟକ ରଖିବା ଭଳି ବ୍ୟବସ୍ଥା ଆଇନରେ ରହିଛି। କିନ୍ତୁ ସ୍ଥିତି ଓ ପରିସ୍ଥିତି ଅନୁଯାୟୀ ଆଇନଗତ ଆଧାର, ଆବଶ୍ୟକତା ଓ ପ୍ରତିଷେଧକମୂଳକ ପଦକ୍ଷେପର ଯଥାର୍ଥତା ରହିବା ଦରକାର। ଅତୀତରେ ବିଭିନ୍ନ ମାମଲାରେ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ମୌଳିକ ଅଧିକାର ଉପରେ କଟକଣା ଯୁକ୍ତିଯୁକ୍ତ ଓ ଆଇନସମ୍ମତ ହେବା ଆବଶ୍ୟକ। ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଜ୍ଞା ଜାରି କରିବା, ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ ବିନାକାରଣରେ ଅଟକ ରଖିବା କିମ୍ବା ଅତ୍ୟଧିକ ବଳ ପ୍ରୟୋଗ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରେ। ଯେଉଁଠି ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ, ସେଠାରେ ଦମନମୂଳକ ପଦକ୍ଷେପ ଅନାବଶ୍ୟକ ଉତ୍ତେଜନା ସୃଷ୍ଟି କରିପାରେ।

ପୁଲିସ ପ୍ରଶାସନ ଭୁଲିଯିବା ଉଚିତ ନୁହେଁ ଯେ ଗଣତାନ୍ତ୍ରିକ ଶାସନରେ ସେ ରାଜନୈତିକ ଦଳର ସୁରକ୍ଷା ବାହିନୀ ନୁହେଁ, ବରଂ ଆଇନର ରକ୍ଷକ। ଶାସକ ଦଳର କାର୍ଯ୍ୟକ୍ରମକୁ ଅନୁମତି ଦେଇ ବିରୋଧୀ ଦଳର କାର୍ଯ୍ୟକ୍ରମରେ କଟକଣା ଜାରି କରିବା କିମ୍ବା ଗୋଟିଏ ଗୋଷ୍ଠୀ ପ୍ରତି ନରମ ଓ ଅନ୍ୟ ଗୋଷ୍ଠୀ ପ୍ରତି କଠୋର ଆଚରଣ କରିବା ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରେ। ପୁଲିସର କାର୍ଯ୍ୟାନୁଷ୍ଠାନରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ରହିବା ଜରୁରୀ। ଗିରଫର କାରଣ ସ୍ପଷ୍ଟ କରିବା, ଆଇନ ଅନୁଯାୟୀ ଅଟକ ବ୍ୟକ୍ତିଙ୍କ ଅଧିକାର ସୁରକ୍ଷା କରିବା, ବଳ ପ୍ରୟୋଗର ଆବଶ୍ୟକତା ଓ ମାତ୍ରାର ଯାଞ୍ଚ କରିବା ଏବଂ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ପ୍ରଶାସନର କର୍ତ୍ତବ୍ୟ। ଭୁଲ୍ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ଅଧିକାରୀଙ୍କୁ ଉତ୍ତରଦାୟୀ କରାଗଲେ ହିଁ ଆଇନ ପ୍ରତି ଜନସାଧାରଣଙ୍କ ଆସ୍ଥା ବଢ଼ିବ।

ବିକ୍ଷୋଭ/ଆନ୍ଦୋଳନର ମାର୍ଗ ନିର୍ଦ୍ଧାରଣ, ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା ଏବଂ ସମ୍ବେଦନଶୀଳ ସ୍ଥାନରେ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା କରାଗଲେ ଅଧିକାଂଶ ସମସ୍ୟାର ସମାଧାନ ହୋଇପାରିବ। ନିଷେଧାଜ୍ଞା କିମ୍ବା ବଳ ପ୍ରୟୋଗକୁ ପ୍ରଥମ ପଦକ୍ଷେପ ନକରି ଶେଷ ବିକଳ୍ପ ଭାବେ ବିଚାର କରିବା ଉଚିତ। ସରକାର ମଧ୍ୟ ବୁଝିବା ଆବଶ୍ୟକ ଯେ ପ୍ରତିବାଦ ହେଉଛି ଜନମତର ଏକ ମାଧ୍ୟମ। ଅସନ୍ତୋଷର କାରଣକୁ ଦୂର କରିବା ପରିବର୍ତ୍ତେ ପ୍ରତିବାଦକୁ ଦମନ କଲେ ସମସ୍ୟାର ସମାଧାନ ହୁଏ ନାହିଁ; ବରଂ ଅସନ୍ତୋଷ ଆହୁରି ଗଭୀର ହୁଏ। ଜନସାଧାରଣଙ୍କ କଥା ଶୁଣିବା, ଦାବିର ଯୁକ୍ତିଯୁକ୍ତତା ବିଚାର କରିବା ଏବଂ ଆବଶ୍ୟକ ସଂସ୍କାର ଆଣିବା ଏକ ଉତ୍ତରଦାୟୀ ସରକାରର ପରିଚୟ। ଆଇନଶୃଙ୍ଖଳା ଓ ନାଗରିକ ସ୍ୱାଧୀନତା ପରସ୍ପରର ବିରୋଧୀ ନୁହନ୍ତି। ଉଭୟର ସୁରକ୍ଷା ହିଁ ଏକ ସୁସ୍ଥ ଗଣତନ୍ତ୍ରର ଲକ୍ଷ୍ୟ। ଶାନ୍ତିର ଅର୍ଥ ନୀରବତା ନୁହେଁ ଏବଂ ଶୃଙ୍ଖଳାର ଅର୍ଥ ଭିନ୍ନମତର ଅନୁପସ୍ଥିତି ନୁହେଁ। ଯେଉଁ ଗଣତନ୍ତ୍ରରେ ନାଗରିକ ନିର୍ଭୟରେ ନିଜ ମତ ପ୍ରକାଶ କରିପାରନ୍ତି ଏବଂ ପୁଲିସ ନିରପେକ୍ଷ ଭାବେ ଆଇନର ସୁରକ୍ଷା କରେ, ସେହି ଗଣତନ୍ତ୍ର ହିଁ ପ୍ରକୃତ ଅର୍ଥରେ ସୁଦୃଢ଼। ●

# ପୁନଶ୍ଚ ନିର୍ବାଚନ: ଛାତ୍ରଛାତ୍ରୀମାନଙ୍କୁ ପଦେ

**ଡ. ଶଚୀନ୍ଦ୍ର ରାଉଳ**

ବିଗତ ୮ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନକୁ ବାତିଲ କରାଯିବା ଫଳରେ ଯଦି ରାଜନୈତିକ ପ୍ରଚ୍ଛଦପଟରେ ଉନ୍ନତମାନର ରାଜନେତା ତିଆରି କରିବାରେ ବାଧା ସୃଷ୍ଟି ହୋଇଛି, ଯଦି ଛାତ୍ରଛାତ୍ରୀମାନଙ୍କର ରାଜନୈତିକ ସଚେତନତାର ଅବକ୍ଷୟ ଘଟିଛି, ଯଦି ଯେଉଁସବୁ କାରଣ ପାଇଁ ଛାତ୍ରସଂସଦ ନିର୍ବାଚନ ବାତିଲ ହୋଇଥିଲା, ସେସବୁ ପରିସ୍ଥିତିର ସୁଧାର ଘଟିଛି; ତେବେ ସରକାର ମହୋଦୟ ପୁନଶ୍ଚ ଛାତ୍ରସଂସଦ ନିର୍ବାଚନ କରାଇବାରେ ଯଥାର୍ଥତା ଅଛି। ଏବେ କ୍ୟାମ୍ପସମାନଙ୍କରେ ଯେଉଁ ଉଦ୍ଦୀପନା, ଉତ୍ସାହ ଓ ଆନନ୍ଦ ଛାତ୍ରଛାତ୍ରୀଙ୍କ ମହଲରେ ପ୍ରକାଶ ପାଉଛି, ତାହା ସୂଚାଇ ଦେଉଛି ଯେ ନିର୍ବାଚନ ହେବ ହିଁ ହେବ ପରିଣାମ ଯାହା ହେଉ ପଛେ। ଏହି ପରିପ୍ରେକ୍ଷୀରେ ମହାନ ଦାର୍ଶନିକ ଓ ବିଜ୍ଞାନୀ ଆରିଷ୍ଟୋଟଲ ରାଜନୈତିକ ବ୍ୟବସ୍ଥା ଉପରେ ଯାହା ମତ ରଖିଥିଲେ, ତାହା ପ୍ରଣିଧାନସାପେକ୍ଷ।

ତାଙ୍କ ମତରେ ଉତ୍ତମ ରାଜନୈତିକ ବ୍ୟବସ୍ଥା ତିନିପ୍ରକାର ହୋଇପାରେ - (୧) ମନାର୍କି (ରାଜତନ୍ତ୍ର), (୨) ଆରିଷ୍ଟୋକ୍ରାସି (ଆଭିଜାତ ତନ୍ତ୍ର) ଓ (୩) ଟାଇମୋକ୍ରାସି (ସାମ୍ବିଧାନିକ ପ୍ରଜାତନ୍ତ୍ର)। ତିନୋଟିଯାକ ବ୍ୟବସ୍ଥାର ଖରାପ ବା ନକାରାତ୍ମକ ବ୍ୟବସ୍ଥା ରହିଛି। ତାହା ହେଲା (୧) ଟାଇରାନି (ଏକଛତ୍ରବାଦ), (୨) ଅଲିଗର୍କି (ଅଳ୍ପତନ୍ତ୍ର) ଓ (୩) ଡେମୋକ୍ରାସି (ଗଣତନ୍ତ୍ର)। ରାଜା ପ୍ରଜାବତ୍ସଳ ହୋଇପାରେ ବା ଏକଛତ୍ରବାଦୀ ହୋଇପାରେ। ଅଳ୍ପ କିଛି ଆଭିଜାତ୍ୟସମ୍ପନ୍ନ ଲୋକ ପ୍ରଜାମାନଙ୍କୁ ସୁଶାସନ ଦେଇପାରନ୍ତି ବା ସ୍ୱାର୍ଥକେନ୍ଦ୍ରିକ ହୋଇ ଅନ୍ୟମାନଙ୍କୁ ଲୁଟି ପାରନ୍ତି। ସବୁଲୋକ ଏକ ସାମ୍ବିଧାନିକ ବ୍ୟବସ୍ଥାରେ ପରସ୍ପରକୁ ଭଲ ପାଇବା ଓ ସମ୍ମାନବୋଧ ଭିତରେ ନ୍ୟାୟସଙ୍ଗତ ଭାବରେ ସମସ୍ତଙ୍କର ସମ୍ପତ୍ତି ଆବଶ୍ୟକତାକୁ ନିର୍ଦ୍ଧାରଣ କରିପାରନ୍ତି ବା ଭଲମନ୍ଦ ବିଚାର ନକରି ବହୁମତ ନିୟମରେ ସମସ୍ତଙ୍କୁ ସୁହାଇଲା ପରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିପାରନ୍ତି। ତେବେ ଆରିଷ୍ଟୋଟଲ୍‌ଙ୍କ ସିଦ୍ଧାନ୍ତ ହେଉଛି ଏହି ତିନୋଟି ରାଜନୈତିକ ବ୍ୟବସ୍ଥାରେ ମୋନାର୍କି ସବୁଠୁ ଉତ୍ତମ, ଆରିଷ୍ଟୋକ୍ରାସି ମଧ୍ୟମ ଓ ଟିମୋକ୍ରାସି ବା ଡେମୋକ୍ରାସି ନିମ୍ନ। ତାଙ୍କ ମତରେ ଜଣେ ପ୍ରଜାବତ୍ସଳ ରାଜା ଯେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାଠାରୁ ଊର୍ଦ୍ଧ୍ୱରେ।

ସମୟ ଥିଲା ସବୁଠୁ ଭଲ ଛାତ୍ରଛାତ୍ରୀମାନେ ନେତୃତ୍ୱର ଡୋର ବେକରେ ପିନ୍ଧୁଥିଲେ। ସେମାନେ ସରକାରୀ ଚାକିରିଆ ହେଉଥିଲେ, ରାଜ୍ୟର ମୁଖ୍ୟମନ୍ତ୍ରୀ ବି ହେଉଥିଲେ। ଆଉ କିଛି ଛାତ୍ରଛାତ୍ରୀ ଅତି ନିମ୍ନମାନର ରାଜନୀତି କରିବା ପାଇଁ ଅଧ୍ୟୟନ କରୁଥିଲେ। ସାମ୍ପ୍ରତିକ ପରିସ୍ଥିତିରେ, ଯେମିତି ଜଗତୀକରଣ, କୃତ୍ରିମ ବୁଦ୍ଧିମତ୍ତା, ଶିଳ୍ପାୟନ ସାଙ୍ଗକୁ ପରିବେଶ ସୁରକ୍ଷା ଓ ପୋଷଣୀୟତା ପ୍ରଭୃତି ଜ୍ଞାନର ଆବଶ୍ୟକତା ପଡ଼ିଲାଣି। ସେ ଛାତ୍ରନେତା ହୁଅନ୍ତୁ ବା ରାଜନେତା ହୁଅନ୍ତୁ, ପ୍ରଥମେ ଜଣେ ଜ୍ଞାନୀ ଲୋକ ହେବା ଦରକାର। ପ୍ଲାଟୋ କିନ୍ତୁ ଖାଲି ସାଧାରଣ ଜ୍ଞାନ କଥା କହୁ ନଥିଲେ। ତାଙ୍କ ମତରେ ଜଣେ ଶାସକ 'ଫିଲସଫର କିଙ୍ଗ୍' ବା 'ଆତ୍ମଜ୍ଞାନୀ' ହେବା ଦରକାର। ଯିଏ ଜୀବନ କ'ଣ, ବ୍ୟକ୍ତି ଓ ସମାଜ ମଧ୍ୟରେ ସମ୍ପର୍କ କ'ଣ ବା ମଣିଷ ଜୀବନର ମହତ୍ତ୍ୱ କିପରି ପ୍ରତିପାଦିତ ହୁଏ ଜାଣି ନାହିଁ, ସେ ଶାସକ ହୋଇପାରିବ ନାହିଁ। ଶାସକ ବା ରାଜା ହେବାକୁ ହେଲେ ଆଗ ଦାର୍ଶନିକ ହେବା ଦରକାର। ଏହି ମୂଳଦୁଆ ଯଦି ଛାତ୍ରଜୀବନରୁ ପଡ଼ିନାହିଁ, ତେବେ ସେ ଶାସକ ବା ରାଜା ହୋଇ ପାରିବ ନାହିଁ।

ମୂଳ କଥା ହେଉଛି ମୁଁ କାହା ପାଇଁ ଓ କିପରି ବଞ୍ଚିବି? ବ୍ୟକ୍ତି ପାଇଁ ନା ଜାତି ପାଇଁ? ବ୍ୟକ୍ତି ସୁଦୃଢ଼ ହେବା ଦରକାର। କିନ୍ତୁ ବ୍ୟକ୍ତିସର୍ବସ୍ୱ ହେବା ଜୀବନର ଲକ୍ଷ୍ୟ ନୁହଁ। ବ୍ୟକ୍ତିସର୍ବସ୍ୱ ବ୍ୟକ୍ତିତ୍ୱ ଛାତ୍ରନେତା ବା ରାଜନେତା ହୋଇପାରିବ ନାହିଁ। ନିଜକୁ ପ୍ରଶ୍ନ କରିବା କଥା, ମୁଁ କେତେଦୂର ଜାତୀୟତାବାଦୀ? ମୁଁ ଯାହା ମୋ ପାଇଁ କରୁଛି ତାହା ଜାତିର କ୍ଷତି କରୁ ନାହିଁ ତ? ସକ୍ରେଟିସ୍ ହେମଲକ୍ ଫୁଲର ରସ ପିଇ ପ୍ରାଣତ୍ୟାଗ କଲେ। ତାଙ୍କ ବିରୁଦ୍ଧରେ ଯେଉଁ ତିନୋଟି ମିଥ୍ୟା ଅଭିଯୋଗ ଉତ୍ଥାପନ କରାଯାଇଥିଲା, ତନ୍ମଧ୍ୟରୁ ସେ ଏଥେନ୍ସର ଯୁବକଯୁବତୀମାନଙ୍କୁ ବିପଥଗାମୀ କରୁଥିବା ଅନ୍ୟତମ। ତାଙ୍କ ମତରେ ବୟସ୍କମାନେ ତିଆରି ହୋଇ ସାରିଛନ୍ତି। ସେମାନଙ୍କର ମାନସିକତାକୁ ବଦଳାଇବା ସହଜ ନୁହେଁ। ତେଣୁ ସେ ଯୁବାମାନଙ୍କ ସହିତ କଥା ହୁଅନ୍ତି। ପ୍ରଶ୍ନ ମାଧ୍ୟମରେ ଆଲୋଚନା କରନ୍ତି। ସେମାନଙ୍କ ମନରେ ସତ୍ୟ ଓ ନ୍ୟାୟର ବୀଜ ବପନ କରନ୍ତି। ଆଜି ଯେଉଁ ଯୁବକଯୁବତୀମାନେ କ୍ଷଣିକ ଉଦ୍ଦୀପନାରେ ବିଭୋର, ସେମାନେ ନିଜକୁ ପ୍ରଶ୍ନ କରିବା କଥା, ଏପରି ମହାନ୍ କର୍ତ୍ତବ୍ୟ ପାଇଁ ମୁଁ ନିଜକୁ ଠିକ୍ ଭାବରେ ପ୍ରସ୍ତୁତ କରିଛି ତ?

ଯୁବଶକ୍ତି ବା ଛାତ୍ରଶକ୍ତି ଏକ ମହାନ ଶକ୍ତି। ବର୍ତ୍ତମାନର ଛାତ୍ରଛାତ୍ରୀମାନେ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗୋଟିଏ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ କାହିଁକି, ସାମଗ୍ରିକ ବିଶ୍ୱର ଢେଉକୁ ଆକଳନ କରି ପାରୁଛନ୍ତି। ତେଣୁ ତାଙ୍କର ଅସୀମ ଶକ୍ତି କ୍ଷୁଦ୍ର ଦଳକୈନ୍ଦ୍ରିକ ରାଜନୀତି ଦ୍ୱାରା ବିଭାଜିତ ନ ହେଉ। ସେମାନେ ରାଜନୈତିକ ଦଳର ପୃଷ୍ଠପୋଷକତାରେ ପରିଚାଳିତ ନ ହୋଇ ନିଜର ସ୍ୱାଧୀନ ବୁଦ୍ଧିମତ୍ତାର ପରିଚୟ ଦିଅନ୍ତୁ। ରାଜନୈତିକ ଦଳ ଛାତ୍ରଶକ୍ତିଠାରୁ ଊର୍ଦ୍ଧ୍ୱରେ ନୁହେଁ। ସେମାନେ ଛାତ୍ରଶକ୍ତିଠାରୁ ଦୁର୍ବଳ ବୋଲି ଛାତ୍ରମାନଙ୍କୁ ଆପଣେଇବା ପାଇଁ ଛାତ୍ରଶକ୍ତିକୁ ବିଭାଜନ କରି ଛାତ୍ରଏକତାକୁ ନଷ୍ଟଭ୍ରଷ୍ଟ କରୁଛନ୍ତି। ଛାତ୍ରଶକ୍ତି ନିଜସ୍ୱ ବୁଦ୍ଧିରେ ନିର୍ବାଚନ ଲଢ଼ି ନିର୍ବାଚିତ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୈତିକ ଦଳମାନଙ୍କର ଶାସନର ଦୋଷତ୍ରୁଟିକୁ ବିରୋଧ କରି ଏକ ତ୍ରୁଟିଶୂନ୍ୟ ସରକାର ଗଠନରେ ସାହାଯ୍ୟ କରିପାରନ୍ତେ। ଛାତ୍ରଛାତ୍ରୀମାନେ ରାଜନେତାମାନଙ୍କର ହାତବାରିଶ ନ ହୋଇ ସେମାନଙ୍କର ସମାଲୋଚକ ହୋଇପାରିଲେ ଛାତ୍ର ନିର୍ବାଚନର ଯଥାର୍ଥତା ପ୍ରତିପାଦିତ ହୁଅନ୍ତା।

ଛାତ୍ରଶକ୍ତି ସରକାରଙ୍କୁ ଗାଦିଚ୍ୟୁତ କରିପାରେ। ଏହାର ଉଦାହରଣ ଓଡ଼ିଶାରେ ଅଛି। ୧୯୬୪ର ଛାତ୍ର ଆନ୍ଦୋଳନ ବିରେନ ମିତ୍ରଙ୍କ ସରକାରଙ୍କୁ ଗାଦିଚ୍ୟୁତ କରିଥିଲା। 'ଆସାମ ଗଣ ସଂଗ୍ରାମ ପରିଷଦ' ଏକ ଛାତ୍ର ସଂଗଠନର ରାଜନୈତିକ ଦଳ ଥିଲା। 'ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିଅନ୍' ୧୯୭୯ରୁ ୧୯୮୫ ପର୍ଯ୍ୟନ୍ତ ଦୀର୍ଘ ଛଅବର୍ଷ ବେଆଇନ ପ୍ରବାସନ ବିରୁଦ୍ଧରେ ସଂଗ୍ରାମ କରି ୧୯୮୫ରେ ନିର୍ବାଚନ ଜିତି ସରକାର ଗଠନ କରିବା ସମ୍ଭବ ହୋଇଥିଲା। ଛାତ୍ର ଏକତା ବିନା ଏହା ସମ୍ଭବ ହୋଇ ନଥା'ନ୍ତା। ଛାତ୍ରଛାତ୍ରୀମାନେ ନିର୍ବାଚନ ଜିତିବା ପରେ ଭାବିବା ଦରକାର ଯେ ସେମାନେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କର ନେତା ବା ନେତ୍ରୀ। ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଭବିଷ୍ୟତରେ ସରକାରଙ୍କୁ ଦିଗ୍‌ଦର୍ଶନ ଦେବାର ସ୍ୱପ୍ନ ଦେଖନ୍ତୁ। ନିଷ୍ପାପ, ନିଷ୍କପଟ, ନିଷ୍କଳଙ୍କ ଛାତ୍ରଛାତ୍ରୀମାନେ ସେମାନଙ୍କର ଅସୀମ ଶକ୍ତିକୁ ସ୍ୱାର୍ଥାନ୍ୱେଷୀ ରାଜନୈତିକ ଦଳମାନଙ୍କ ପ୍ରରୋଚନାରେ ପଡ଼ି ଜଳାଞ୍ଜଳି ଦିଅନ୍ତୁ ନାହିଁ। ଅସ୍ଥିରତା, ଗଣ୍ଡଗୋଳ, ସାଇନ୍ ଡାଏ ପ୍ରଭୃତିକୁ ଲକ୍ଷ୍ୟ କରି ନିଜର ସ୍ୱାଧୀନ ଚିନ୍ତାବ୍ୟକ୍ତ କରନ୍ତୁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ଛାତ୍ର ଆଗ ନିଜର ପାରଦର୍ଶିତାକୁ ପ୍ରତିଷ୍ଠା କରି, ନିଜେ ପ୍ରତିଷ୍ଠିତ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ସାମାଜିକ ବା ରାଜନୈତିକ ଜୀବନରେ ଅବତୀର୍ଣ୍ଣ ହେବା କଥା। ଆଗ ଅନୁଭୂତି, ତା' ପରେ ପ୍ରଗତି ବା ପ୍ରତିଷ୍ଠା। ଅନେକ ଗୁଣୀ ଓ ଦୂରଦର୍ଶୀ ବ୍ୟକ୍ତି ରାଜନୀତିରେ ଅବତୀର୍ଣ୍ଣ କଲେ ପରିସ୍ଥିତିର ପରିବର୍ତ୍ତନ ନିଶ୍ଚିତ ଘଟନ୍ତା। ଛାତ୍ରଛାତ୍ରୀମାନେ ସଙ୍କୀର୍ଣ୍ଣ ରାଜନୀତିଠାରୁ ଦୂରରେ ରହି ନିଜକୁ ସୁଦୃଢ଼ କରି ଦେଶମାତୃକାର ସେବା କରିବା ପାଇଁ ସ୍ୱପ୍ନ ଦେଖନ୍ତୁ। ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଭୁବନେଶ୍ୱର, ମୋ: ୯୪୩୭୬୦୪୦୭୭

# ସମୃଦ୍ଧ ଆମେରିକାରେ ଭୋକିଲା ଶୈଶବ

**ପ୍ରଜେଶ ନନ୍ଦିନୀ ଦାଶ**

ବିପୁଳ ପ୍ରାକୃତିକ ସମ୍ପଦ, ବିଶାଳ ଭୂଖଣ୍ଡ, ଉନ୍ନତ ଅର୍ଥନୀତି, ଅନୁକୂଳ ଭୌଗୋଳିକ ସ୍ଥିତି ଓ ବୈଶ୍ୱିକ ପ୍ରଭାବ ଯୁକ୍ତରାଷ୍ଟ୍ର ଆମେରିକାକୁ ପୃଥିବୀର ସର୍ବଶକ୍ତିମାନ ଓ ସମୃଦ୍ଧ ଦେଶ ରୂପେ ଗଢ଼ିତୋଳିଛି। ଅନୁରୂପ ଏହି ଦେଶର ନାଗରିକମାନେ ବିଶ୍ୱର ଧନାଢ଼୍ୟ, ଅତ୍ୟାଧୁନିକ ରୂପେ ପରିଗଣିତ ହୋଇଆସୁଛନ୍ତି। ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ସହିତ ସାଧାରଣ ନାଗରିକଙ୍କ ଜୀବନମାନ ବିକାଶ ପାଇଁ ବହୁବିଧ ପଦକ୍ଷେପ ନିଆଯାଇଥିଲା। ସାମାଜିକ ସୁରକ୍ଷା, ପେନ୍‌ସନ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ସହାୟତା ଯୋଜନାକୁ ସୁବ୍ୟବସ୍ଥିତ ଓ ବିକଶିତ କରିବାକୁ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ ହୋଇଥିଲା। ଫଳସ୍ୱରୂପ ଆଜି ବିଶ୍ୱଦୃଷ୍ଟିରେ ଆମେରିକା ଓ ଆମେରିକାବାସୀ ପୃଥିବୀରେ ସବୁଠାରୁ ବିତ୍ତଶାଳୀ।

ବିଡ଼ମ୍ବନା ହେଉଛି ଆମେରିକାର ଏହି ବାହ୍ୟ ସମୃଦ୍ଧି ଓ ଆଭ୍ୟନ୍ତରୀୟ ସାମାଜିକ ବାସ୍ତବତା ଭିତରେ ଅବଶିଷ୍ଟ ବିଶ୍ୱର ଏକ ଭ୍ରମ ଧାରଣା ରହିଯାଇଛି। ଆମ ସମାଜରେ ମଧ୍ୟ ଏକ ଭୁଲ ଧାରଣ ପ୍ରଚଳିତ ଅଛି ଯେ ଆମେରିକାର କୃଷ୍ଣକାୟମାନେ ଗରୀବ; ଶ୍ୱେତାଙ୍ଗମାନେ ଧନୀ। କିନ୍ତୁ ଏହା ଆଦୌ ସତ୍ୟ ନୁହେଁ। ବାସ୍ତବରେ ସେଠାରେ ଉଭୟ କୃଷ୍ଣକାୟ ଓ ଶ୍ୱେତାଙ୍ଗ ସଂପ୍ରଦାୟର ଅନେକ ନାଗରିକ ନିମ୍ନଆୟ ବର୍ଗର ପରିସୀମା ଭିତରେ ରହିଛନ୍ତି। ଆଜି ମଧ୍ୟ ଆମେରିକାରେ ଏମିତି ଅନେକ ପରିବାର ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କୁ ଘରେ ପ୍ରତିଦିନ ଖାଦ୍ୟ ଯୋଗାଇପାରନ୍ତି ନାହିଁ। କେତେକ ପିଲାଙ୍କ ପାଇଁ ସ୍କୁଲରେ ମିଳୁଥିବା ଭୋଜନ ହିଁ ସେହିଦିନର ଏକମାତ୍ର ଖାଦ୍ୟ ସମ୍ବଳ।

ଦ୍ୱିତୀୟବିଶ୍ୱଯୁଦ୍ଧ ପରେ ଆମେରିକାରେ ଯେଉଁସବୁ ସାମାଜିକ ସଂସ୍କାର ଆରମ୍ଭ ହୋଇଥିଲା ସେଥିମଧ୍ୟରୁ ଅନ୍ୟତମ ଥିଲା ନିମ୍ନ ଆୟବର୍ଗର ପିଲାମାନଙ୍କୁ ସେଠାକାର ସରକାରୀ ବିଦ୍ୟାଳୟମାନଙ୍କରେ ମାଗଣା ଭୋଜନ ବ୍ୟବସ୍ଥା(ଭାରତରେ ପ୍ରଚଳିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଅନୁରୂପ)। ଏହାର ମୂଳ ଉଦ୍ଦେଶ୍ୟ ଥିଲା ପରିବାରର ଆର୍ଥିକ ଅବସ୍ଥା ଯେପରି ଶିଶୁର ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ପ୍ରଭାବିତ ନ କରେ। ଏହାବ୍ୟତୀତ ଦେଶର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ଅତିରିକ୍ତ ଖାଦ୍ୟଶସ୍ୟର ଯଥୋଚିତ ବ୍ୟବହାର ପାଇଁ ୧୯୪୬ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ହ୍ୟାରି ଟ୍ରୁମ୍ୟାନ 'ନ୍ୟାଶନାଲ୍ ସ୍କୁଲ ଲଞ୍ଚ ଆକ୍ଟ' ନାମକ ଆଇନ ପ୍ରଣୟନ କରିଥିଲେ।

ପ୍ରାୟ ୪୫ ବର୍ଷ ଆମେରିକାରେ ରହିବା ସତ୍ତ୍ୱେ ଏହି ନିଷ୍ଠୁର ବାସ୍ତବତା ଉପରେ ମୋର ମଧ୍ୟ ସ୍ପଷ୍ଟ ଧାରଣ ନଥିଲା। ଏହାର ପ୍ରଧାନ କାରଣ ଥିଲା ଆମର କର୍ମଜୀବନରେ ଆମେସବୁ ସ୍କୁଲ ବ୍ୟବସ୍ଥାଠାରୁ ବହୁ ଦୂରରେ ରହିଛୁ। ତେଣୁ ସ୍କୁଲରେ ମିଳୁଥିବା ମାଗଣାଭୋଜନ କିମ୍ବା ନିମ୍ନ ଆୟବର୍ଗର ପରିବାରମାନଙ୍କର ଖାଦ୍ୟାଭାବ ସମସ୍ୟା ବିଷୟରେ ମୁଁ ଅବଗତ ନ ଥିଲି। ଗୋଟିଏ ଘଟଣା ମୋର ଧାରଣାକୁ ସଂପୂର୍ଣ୍ଣ ବଦଳାଇ ଦେଲା -

ଗୋଟିଏ ବର୍ଷ ଖ୍ରୀଷ୍ଟମାସ ସମୟରେ ମୁଁ ଓ ମୋର ଜଣେ ବାନ୍ଧବୀ ଉପହାର ନେବାକୁ ତିନୋଟି ଗରିବ ପରିବାରକୁ ଚୟନ କଲୁ। ସେହି ପରିବାରଗୁଡ଼ିକର ନାମ ଓ ଠିକଣା ଆମକୁ ସ୍ଥାନୀୟ ଚର୍ଚ୍ଚ କର୍ତ୍ତୃପକ୍ଷ ଆଗରୁ ଜଣାଇ ଦେଇଥିଲେ। ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଏକ ବଡ଼ ପ୍ୟାକେଟରେ ରଖି ଜଣଙ୍କ ଘରକୁ ଗଲୁ। ଘରଟି ଥିଲା ବହୁତ ପୁରୁଣା। ଆସବାବପତ୍ରରୁ ଘରପରିବାର ଯେ ଅତ୍ୟନ୍ତ ଗରୀବ ସେକଥା ଠଉରାଇ ହେଉଥିଲା। ସେଇ ପରିବାରରେ ଦୁଇଟି ଛୋଟପିଲା ଅଛନ୍ତି ଜାଣି ମୁଁ ଏକ ଗ୍ୟାଲନ ଚକୋଲେଟ ସ୍ୱାଦଯୁକ୍ତ କ୍ଷୀରବୋତଲ ସେ ପ୍ୟାକେଟ୍‌ରେ ରଖିଥିଲି। ସେମାନେ ଆମକୁ ଆନ୍ତରିକତା ସହିତ ସ୍ୱାଗତ କଲେ। ଏତେବଡ଼ ପ୍ୟାକେଟ ଦେଖି ପିଲାମାନେ ଖୁବ୍ ଖୁସି ହୋଇ ଆନନ୍ଦରେ ଖୋଲିବାକୁ ଲାଗିଲେ। ହଠାତ୍ ପାଞ୍ଚବର୍ଷର ଶ୍ୱେତାଙ୍ଗୀ ଝିଅଟିଏ ପ୍ୟାକେଟ ଭିତରକୁ ଉଙ୍କି ମାରି ଆନନ୍ଦରେ ଚିତ୍କାର କରି ଉଠିଲା। 'ଓଃ ମାଆ, ସେମାନେ ଆମ ପାଇଁ ଚକୋଲେଟ୍ ମିଲ୍କ ଆଣିଛନ୍ତି' କହି ସେ ତା'ମାଆକୁ କୁଣ୍ଢାଇ ପକାଇଲା।

ପରେ ଜାଣିବାକୁ ପାଇଲି ସେମାନଙ୍କର ରେଫ୍ରିଜରେଟର ନଥିଲା। ତେଣୁ ଏକାସାଙ୍ଗରେ ଗୋଟେ ଗ୍ୟାଲେନ ମିଲ୍କର ବଡ଼ବୋତଲ ସେମାନେ କେବେ କିଣନ୍ତି ନାହିଁ। ତାହା ସେମାନଙ୍କର ସାଧାରଣ ଖାଦ୍ୟ ନୁହେଁ, ଏକ ଉପହାର। ସେମାନେ ସ୍କୁଲରେ ମାଗଣା ଭୋଜନ ସହିତ ମାତ୍ର ଗୋଟେ ଗ୍ଲାସ କ୍ଷୀର ପିଇବାକୁ ପାଉଥିଲେ। ଛୁଟିଦିନମାନଙ୍କରେ ସ୍କୁଲ ବନ୍ଦ ଥିଲେ ସେମାନେ କିଛି ଶସ୍ତା ଖାଦ୍ୟ ଖାଇ ଭୋକ ମେଣ୍ଟାନ୍ତି। ଏମିତି ପରିବାର ଆମେରିକାରେ ଅଛନ୍ତି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି।

ଆହୁରି ମଧ୍ୟ ଜାଣିବାକୁ ପାଇଲି ଯେ, ସେମାନଙ୍କ ସହିତ ଆହୁରି ଅନେକ ପରିବାର ରିହାତି ପାଇବା ସତ୍ତ୍ୱେ ଅନେକ ସମୟରେ ମଧ୍ୟାହ୍ନ ଭୋଜନ ପଇସା ବର୍ଷ ଶେଷରେ ସ୍କୁଲକୁ ଫେରାଇ ପାରନ୍ତି ନାହିଁ। କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ, ପ୍ରଧାନତଃ କାଫେଟେରିଆର କର୍ମଚାରୀମାନେ ସେ ପିଲାମାନଙ୍କୁ ଉପାସରେ ରହିବାକୁ ନ ଦେଇ ଗୋଟିଏ ବାକି ଖାତା କରି ହିସାବ ଲେଖି ରଖନ୍ତି। ପ୍ରତି ପନ୍ଦରଦିନରେ ଅଭିଭାବକମାନଙ୍କ ପାଖକୁ ଚିଠିଯାଏ ଲଞ୍ଚ ବାବଦରେ ପାଉଣା ଫେରାଇ ଦେବାକୁ। ହେଲେ ଅନେକ ସମୟରେ ସେମାନେ ସେ ପାଉଣା ଫେରାଇ ପାରନ୍ତି ନାହିଁ। କେତୋଟି ପରିବାରରେ ଦୁଇ/ତିନୋଟି ପିଲାଙ୍କ ନାମରେ ଏପରି ବାକି ଖାତା ଗଢ଼ିଚାଲେ। କିନ୍ତୁ କେତେକ ସ୍ଥାନରେ ବଡ଼ ପିଲାମାନେ ମାଗଣା ଖାଦ୍ୟ ଖାଇବାକୁ ଲଜ୍ଜା ବୋଧ କରି ଓପାସ ରହିଯାଆନ୍ତି।

ଅନେକ କ୍ଷେତ୍ରରେ ଏ ପିଲାମାନେ ଏକକ ଅଭିଭାବକ, ବିଶେଷତଃ ମାଆମାନଙ୍କ ତତ୍ତ୍ୱାବଧାନରେ ବଢ଼ିଥା'ନ୍ତି। ବିବାହ ବିଚ୍ଛେଦ, ଦାମ୍ପତ୍ୟ କଳହ, ଘରୋଇ ହିଂସା ଓ ମହିଳା ନିର୍ଯାତନା, ପରିବାର ମୁରବିଙ୍କ ଅକାଳ ମୃତ୍ୟୁ, ବିବାହ ବିନା ସନ୍ତାନ ଜନ୍ମ, ନିଶା ଦ୍ରବ୍ୟର କୁପ୍ରଭାବ ଯୋଗୁଁ ପିଲାମାନେ ଘୋର ଆର୍ଥିକ ଅନଟନରେ ଜୀବନ ଜିଇଁବାକୁ ବାଧ୍ୟ ହୁଅନ୍ତି। ଆମେରିକାର ବାହ୍ୟ ଚାକଚକ୍ୟ, ଭୋଗବିଳାସ ପଛରେ ଲୁଚି ରହିଛି ଏଭଳି ଅନେକ ନିଷ୍ଠୁର ଦୁନିଆ ଯେଉଁଠାରେ ଏକ ଗ୍ୟାଲନ୍ କ୍ଷୀର ମଧ୍ୟ ଆଶୀର୍ବାଦ ପରି ଲାଗେ ଏବଂ ମଧ୍ୟାହ୍ନ ଭୋଜନରେ ହିଁ ଅନେକ ଶୈଶବ ବଞ୍ଚିବାକୁ ବିବଶ ହୁଏ। ●

୧୬୧୩, ଡାଇମଣ୍ଡ ଡ୍ରାଇଭ୍, ଫ୍ରାଙ୍କଲିନ୍ ଟିଏନ୍-୩୭୦୬୪(ଆମେରିକା)
ମୋ: ୬୧୫-୭୮୮-୫୭୨୩

# ବିଶ୍ୱ-ବେଦନା-ସଂଭୂତ ଅତୀନ୍ଦ୍ରିୟ ସାନ୍ତ୍ୱନା: ଶାନ୍ତନୁ ଆଚାର୍ଯ୍ୟ

ସାହିତ୍ୟ ସରିତ୍

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସମକାଳୀନ ସମାଜର ବୀଭତ୍ସତାକୁ ଅନାସକ୍ତ ଭାବରେ ବର୍ଣ୍ଣନା କରିବା ଯଦି କଥାଶିଳ୍ପୀର ଏକମାତ୍ର ଲକ୍ଷ୍ୟ ହୁଅନ୍ତା, ତା' ହେଲେ ମଣିଷ ପାଇଁ ଉତ୍ତରିତ ଚେତନାର ଦ୍ୱାର ଅବରୁଦ୍ଧ ହୋଇ ରହିଯାଆନ୍ତା ଚିରକାଳ। ସାହିତ୍ୟର ଏହି ସର୍ବମୂଳ ଓ ଚିର କଲ୍ୟାଣକର ସତ୍ୟ ପ୍ରତି ସଦା ଉନ୍ମୁଖ ଓ ଦୃଢ଼ ଆସ୍ଥାଶୀଳ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପ ଉପନ୍ୟାସ ସେ ଦୃଷ୍ଟିରୁ ବିଗତ ଓ ଚଳିତ ଶତାବ୍ଦୀ ନିମିତ୍ତ ଏକ ଶ୍ରେଷ୍ଠ ଆହ୍ୱାନ - ଅସାମାନ୍ୟ ସାନ୍ତ୍ୱନା - ଏକ ହୃଦୟସ୍ପର୍ଶୀ ପ୍ରଚ୍ଛନ୍ନ ପ୍ରାର୍ଥନା - ଆଉ ମଣିଷ ପ୍ରତି ଗଭୀରରୁ ଗଭୀରତର ସମ୍ବେଦନା।

ଶାନ୍ତନୁ-କଥା-ଜଗତ ଏକ ବିଚିତ୍ର ବିସ୍ମୟ। ସମାଜକୁ ଆକଣ୍ଠ ଗ୍ରାସ କରିଥିବା ରାଜନୈତିକ ବର୍ବରତା, ଦୁର୍ନୀତିର ଦୌରାତ୍ମ୍ୟ, ଆଦିମ କ୍ଷୁଧାର ଲେଲିହାନ ଶିଖା, ଘୃଣା ଓ ହିଂସାର ଆତଙ୍କ, ସାମ୍ପ୍ରଦାୟିକ ଉତ୍ତେଜନାର କୁତ୍ସିତ ରୂପ, ମାନବୀୟ ସହାନୁଭୂତିର ଶୋଚନୀୟ ଅବକ୍ଷୟ - ଏସବୁକୁ ଅବିକଳ ଉପସ୍ଥାପନ କରିବାରେ ତାଙ୍କ ସାମର୍ଥ୍ୟ ପ୍ରଶ୍ନାତୀତ। ପ୍ରାଚ୍ୟ-ପାଶ୍ଚାତ୍ୟ ଜଗତର ବିଭିନ୍ନ ଦର୍ଶନ, କଳା ଓ ସାହିତ୍ୟ ଜଗତର ନାନାବିଧ ମତବାଦ, ଧର୍ମଗ୍ରନ୍ଥଗୁଡ଼ିକର ଅନ୍ତର୍ନିହିତ ତତ୍ତ୍ୱ, ଇତିହାସର ଉଦ୍‌ଘାଟିତ ଓ ଅନୁଦ୍‌ଘାଟିତ ଅସଂଖ୍ୟ ଉପାଦାନ, ମନସ୍ତତ୍ତ୍ୱର ଜଟିଳ ବୃତ୍ତ, ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନର ଚମତ୍କାରିତା, ଆଧ୍ୟାତ୍ମିକ ଜଗତର ନିଗୂଢ଼ ରହସ୍ୟ ସହିତ ତାଙ୍କର ଆତ୍ମିକ ସମ୍ପୃକ୍ତି ଅଚିନ୍ତନୀୟ। ଓଡ଼ିଆ କଥା ସାହିତ୍ୟରେ ନବଚେତନାର ପ୍ରବର୍ତ୍ତକ ଭାବେ ଶ୍ରେଷ୍ଠ ସମ୍ମାନ ଅର୍ପିତ ହୋଇଛି ତାଙ୍କ ପ୍ରତି। କିନ୍ତୁ ଯାହା ନୈରାଶ୍ୟଜନକ ନିଷ୍ଠୁର ବାସ୍ତବତା ତାହା ହିଁ ପ୍ରଦର୍ଶନ କରିଦେବା ପାଇଁ ସେ କ'ଣ ଲେଖନୀ ଧାରଣ କରିଥିଲେ? ପୁଣି କ'ଣ ଦାର୍ଶନିକ ପ୍ରଜ୍ଞାର ପରିପ୍ରକାଶ ନିମିତ୍ତ ସେ ପଦାର୍ପଣ କରିଛନ୍ତି ଏହି ଉଜୁଡ଼ି ଯାଉଥିବା ପୃଥିବୀରେ?

ତାଙ୍କ ପ୍ରତିଭାର ପରିସୀମାକୁ ଏତିକିରେ ନିର୍ଦ୍ଧାରିତ କରିଦେବା ଏକ ଅବିଚାର ହେବ ନିଶ୍ଚୟ। ସ୍ୱରଚିତ ଉପନ୍ୟାସଗୁଡ଼ିକରେ ସେ ଯେଉଁ କଳଙ୍କିତ କାଳର ଚିତ୍ରାୟନ କରିଛନ୍ତି ତାହାର ପଶ୍ଚାତଭାଗରେ ଅବଦମିତ ରହିଛି ବ୍ୟାକୁଳ-ବକ୍ଷ-ବିଦାରକ ଆର୍ତ୍ତନାଦ। ଧ୍ୱସ୍ତବିଧ୍ୱସ୍ତ ଧରିତ୍ରୀର ଅନ୍ତର୍ଦାହ, ବିଦୀର୍ଣ୍ଣ ହୋଇଯାଉଥିବା ମାନବତାର ମର୍ମଭେଦୀ କରୁଣ କ୍ରନ୍ଦନ ପାଠକର କଳିଜାକୁ କ'ଣ ଖଣ୍ଡବିଖଣ୍ଡିତ କରି ଦେଉନାହିଁ? ଶାନ୍ତନୁ ଆଚାର୍ଯ୍ୟଙ୍କ ଏହି ଅନ୍ତଃରୂପ ଦର୍ଶନ କରିପାରିଲେ ହିଁ ତାଙ୍କ ସମ୍ବେଦନଶୀଳ ଶିଳ୍ପୀପ୍ରାଣର କାରୁଣ୍ୟକୁ ବୁଝିହୁଏ। ତେଣୁ ସେ ମଣିଷର ଦୁଃସହ ଦୁଃଖ ଓ ବେଦନା ପାଇଁ ଅଶ୍ରୁ ବିସର୍ଜନ ନ କରି ରହିପାରିଥା'ନ୍ତେ କିପରି? ପୁଣି ଯେଉଁ ଭାଷାରେ ଲେଖକ ନିର୍ମମ ବାସ୍ତବତାକୁ ବର୍ଣ୍ଣନା କରିଛନ୍ତି, ତାହାରି ଭିତରେ ସକଳ ଛଦ୍ମତା, ଅନ୍ୟାୟ, ଅତ୍ୟାଚାର, ଶୋଷଣ, ପୀଡ଼ନ, ପ୍ରତାରଣାର ପ୍ରଦୂଷଣ ବିରୁଦ୍ଧରେ ପ୍ରତିବାଦର ଅଗ୍ନିକଣା ସଂଯୋଗ କରି ଦେଇଛନ୍ତି। ପାଉଁଶ ତଳର ନିଆଁ ଭଳି ତାହା ଆଜି ମଧ୍ୟ ପ୍ରଜ୍ୱଳିତ, ପରିବ୍ୟାପ୍ତ।

ଉଚ୍ଚକୋଟୀର ଶିଳ୍ପୀ ସିଏ, ଯିଏ ମାନବତାର ହତ୍ୟା ଦେଖି ନିଜେ ରକ୍ତାକ୍ତ ହୁଏ। ତେଣୁ ଅମାନୁଷିକତା ବିରୁଦ୍ଧରେ ତାଙ୍କର ସ୍ୱର ଅତି ତୀକ୍ଷ୍ଣ। ମାତ୍ର ଏହାରି ମଧ୍ୟରେ କଥାସାହିତ୍ୟର କଳା ଓ କାରିଗରୀକୁ ଅକ୍ଷୁଣ୍ଣ ରଖିବାକୁ ଆଉ ଏ ପୃଥିବୀର ପୁନର୍ସଜ୍ଜା ପାଇଁ ସେ ପ୍ରସ୍ତୁତ କରିଦେଇଛନ୍ତି ସୁପ୍ରଶସ୍ତ ପଥ। ଭବିଷ୍ୟତରେ ମନୁଷ୍ୟ ଜାତିର ବାସ୍ତବ ନେତୃତ୍ୱର ବ୍ୟକ୍ତିତ୍ୱ ନିର୍ମାଣ କରିବାର ଯେଉଁ ଐଶ୍ୱରୀୟ ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ, ସେଥିରୁ ଗୋଟିଏ ମୁହୂର୍ତ୍ତ ବି ବିସ୍ମୃତ ହୋଇଯାଇ ନ ପାରନ୍ତି ଶାନ୍ତନୁ ଆଚାର୍ଯ୍ୟଙ୍କ ପରି କଥାଶିଳ୍ପୀ। 'ନର କିନ୍ନର' ଠାରୁ ଆରମ୍ଭକରି 'ଶତାବ୍ଦୀର ନଚିକେତା', 'ଶକୁନ୍ତଳା', 'ଦକ୍ଷିଣାବର୍ତ୍ତ', 'ଅନୁ ହଜିଯିବା ପରେ' ଆଦି ଯେକୌଣସି ଉପନ୍ୟାସ ଅଥବା 'ମନମର୍ମର', 'ଦୁର୍ବାର', 'ଅରଣ୍ୟର ଚୂଳ', 'ଅଦିନ ବଉଳ', 'କରଞ୍ଜିଆ ଡାଏରୀ', 'ସର୍ପଯାନ' ପ୍ରଭୃତି ଗଳ୍ପ ସଂକଳନରେ ତାଙ୍କ ସାମାଜିକ ଅଙ୍ଗୀକାରବଦ୍ଧତାର ପ୍ରତିଫଳନ ସେହି କାରଣରୁ ହୋଇପାରିଛି ଅତ୍ୟନ୍ତ ପ୍ରଭାବଶାଳୀ। 'ପରକୀୟା' ଶୀର୍ଷକ ଗଳ୍ପଟି ପାଠ କରିଦେବା ମାତ୍ରକେ ସ୍ୱକୀୟା-ପରକୀୟା ପ୍ରୀତିର ଗତାନୁଗତିକ ପୂର୍ବବର୍ତ୍ତୀ ଧାରଣା ଧୂଳିସାତ ହୋଇଯିବ କ୍ଷଣକରେ। ପାଠକ-ମାନସ ଆଧୁନିକ ଚେତନାରେ ହୋଇଉଠିବ ଉଦ୍ଭାସିତ। ଯେଉଁମାନେ ଅସହାୟ, ଅଭାବଗ୍ରସ୍ତ ସେମାନଙ୍କ ସକାଶେ ଯିଏ ହୋଇପାରେ ସମର୍ପିତ, ମୁକ୍ତହସ୍ତ, ତାହାର ସଂପ୍ରୀତି ହିଁ ପରକୀୟା ପ୍ରୀତିର ମାନ୍ୟତା ଲାଭ ସକାଶେ ଉପଯୁକ୍ତ।

ଶାନ୍ତନୁ ଆଚାର୍ଯ୍ୟ ଏପରି କେବଳ ଲେଖୁଥିଲେ ନା ବାସ୍ତବ ସମସ୍ୟା ବେଳେ ଅନ୍ୟମାନଙ୍କ ପ୍ରତି ଅନୁରୂପ ଆତ୍ମୀୟତା ପ୍ରକଟ କରିଛନ୍ତି? ତାଙ୍କ ସହଧର୍ମିଣୀ ତଥା ସ୍ୱନାମଧନ୍ୟ ସାହିତ୍ୟସାଧିକା ଉଚ୍ଚକୋଟୀର ଅନୁବାଦିକା ଶ୍ରୀମତୀ ନିରୁପମା ଆଚାର୍ଯ୍ୟ ଉଲ୍ଲେଖ କରିଛନ୍ତି ଶାନ୍ତନୁ ଆଚାର୍ଯ୍ୟ ସାହିତ୍ୟ ସାଧନା ପାଇଁ ପୁରସ୍କାର ଭାବରେ ପାଇଥିବା ଅର୍ଥକୁ ଖବରକାଗଜରେ ପ୍ରକାଶିତ ଏକ ସମ୍ବାଦ ପଢ଼ି ଜଣେ ଅସହାୟ ଛାତ୍ରକୁ କିପରି ପ୍ରଦାନ କରିଛନ୍ତି। 'ଚଳନ୍ତି ଠାକୁର' ଗଳ୍ପରେ ମିସ୍କୁନ ଭଳି ନିଷ୍ପାପ ଶିଶୁକଣ୍ଠ ମାଧ୍ୟମରେ ତେଣୁ ଉଦ୍‌ଘୋଷିତ ହୋଇଯାଏ 'ଆଇ ଆମ ନଟ ଏ ଡେଡ ଗଡ଼।'

ମହାପୁରୁଷମାନେ ପ୍ରତିଟି ଯୁଗରେ ଚଳନ୍ତିଠାକୁର। ଆଉ ଏହି ପବିତ୍ର ପ୍ରତ୍ୟୟ ଯେଉଁ ଶିଳ୍ପୀ ଆମ ଭିତରେ ପ୍ରୋଥିତ କରିଦେବାରେ ନେଇପାରନ୍ତି ଅଗ୍ରଣୀ ଭୂମିକା ସିଏ ମଧ୍ୟ ଆମ ସାହିତ୍ୟ ଜଗତର ଦ୍ୱିତୀୟ ଈଶ୍ୱର। ଅବିବେକୀ ସମାଜ ମଧ୍ୟରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଚଳନ୍ତିଠାକୁରଙ୍କ ମଙ୍ଗଳମୟ ଆଶୀର୍ବାଦ। 'ଜେଜେ ମଲାପରେ' ବି ତାଙ୍କ ସୂକ୍ଷ୍ମ ଅସ୍ତିତ୍ୱ ସହ ସଂଯୋଗସୂତ୍ର ସେ ହିଁ ସ୍ଥାପନ କରିଦେଇ ପାରନ୍ତି। ବାସ୍ତବରେ ତାଙ୍କ ଜୀବନ ଆଉ ଏକ ଉପନ୍ୟାସ। ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ପରିବେଶକୁ ଭାରାକ୍ରାନ୍ତ କରି ରଖିଥିବା ଅବ୍ୟକ୍ତ ବେଦନା ମଧ୍ୟରୁ ଉତଥିତ ସେ ଏକ ଅଲୌକିକ ଅତୀନ୍ଦ୍ରିୟ ସାନ୍ତ୍ୱନା। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦକ୍ଷତା ବିକାଶକୁ ନେଇ ବିଜେପି ସରକାରଙ୍କୁ ବିଜେଡିର ତୀବ୍ର ସମାଲୋଚନା

# ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ଶିଳ୍ପ ଉପଯୋଗୀ ପ୍ରଶିକ୍ଷଣ ଓ ନିଯୁକ୍ତି ସୁଯୋଗ ଦାବି

ଭୁବନେଶ୍ୱର,୧୪।୧୦(ସମିସ): ଓଡ଼ିଶାରେ ବିଜେପି ସରକାରଙ୍କ ଦକ୍ଷତା ବିକାଶ ପଦକ୍ଷେପ ଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ବୁଧବାର ବିଜୁ ଜନତା ଦଳ ଗଭୀର ଉଦବେଗ ପ୍ରକାଶ କରିଛି। ଆଧୁନିକ ଶିଳ୍ପ, ନୂତନ ଜ୍ଞାନକୌଶଳ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ ନିଯୁକ୍ତି ସୁଯୋଗର ଆବଶ୍ୟକତା ଅନୁଯାୟୀ ରାଜ୍ୟରେ ଥିବା ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥା ଯୁବକଯୁବତୀଙ୍କୁ ପ୍ରସ୍ତୁତ କରିବାରେ କେତେଦୂର ସଫଳ ହେଉଛି, ସେ ନେଇ ଦଳ ପ୍ରଶ୍ନ ଉଠାଇଛି।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ ଯେ ଦକ୍ଷତା ବିକାଶ କେବଳ ଘୋଷଣା, ଭିତ୍ତିଭୂମି ନିର୍ମାଣ ଓ ପ୍ରଚାରପ୍ରସାର ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ। ଯେକୌଣସି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରକୃତ ସଫଳତା ହେଉଛି ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣର ଗୁଣବତ୍ତା, ପ୍ରଶିକ୍ଷଣପ୍ରାପ୍ତ ପ୍ରାର୍ଥୀଙ୍କ ନିଯୁକ୍ତି ଉପଯୋଗିତା ଏବଂ ସେମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ନିଯୁକ୍ତି ସୁଯୋଗର ଉପଲବ୍ଧତା। ଦକ୍ଷତା ବିକାଶ ପ୍ରତିଷ୍ଠାନଗୁଡ଼ିକର ଭିତ୍ତିଭୂମିକୁ ନିରନ୍ତର ଆଧୁନିକୀକରଣ କରିବା, ପ୍ରଶିକ୍ଷଣ ସୁବିଧାର ଉନ୍ନତିକରଣ କରିବା ଏବଂ ପରିବର୍ତ୍ତିତ ଶିଳ୍ପ ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ସଂଶୋଧନ ଅଣାଯିବା ଆବଶ୍ୟକ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଶିକ୍ଷା, ବୈଷୟିକ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କ୍ଷେତ୍ରରେ ଦିଆଯାଇଥିବା ଗୁରୁତ୍ୱକୁ ସ୍ମରଣ କରି ଶ୍ରୀ ଘଡ଼ାଇ କହିଛନ୍ତି ଯେ ଓଡ଼ିଶାରେ ଏକ ସାମଗ୍ରିକ ଓ ଦୂରଦର୍ଶୀ ଦକ୍ଷତା ବିକାଶ ନୀତିର ଆବଶ୍ୟକତା ରହିଛି। ଏହି ନୀତି ଶିକ୍ଷାକୁ ଶିଳ୍ପର ଆବଶ୍ୟକତା ସହ ଯୋଡ଼ିବା ସହ ପ୍ରଶିକ୍ଷଣରୁ ନିଯୁକ୍ତି ପର୍ଯ୍ୟନ୍ତ ସ୍ପଷ୍ଟ ମାର୍ଗ ସୃଷ୍ଟି କରିବା ଉଚିତ୍। ଦକ୍ଷତା ବିକାଶକୁ ଆର୍ଥିକ ଅଭିବୃଦ୍ଧି, ଶିଳ୍ପ ସମ୍ପ୍ରସାରଣ, ନବସୃଜନ ଏବଂ ଜୀବିକା ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ବିବେଚନା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜେପି ସରକାରଙ୍କ ଦକ୍ଷତା ବିକାଶ ସମ୍ପର୍କିତ ବହୁ ପ୍ରଚାରିତ ଦାବିଗୁଡ଼ିକ ଛାତ୍ରଛାତ୍ରୀ ଓ ନିଯୁକ୍ତି ଆଶାୟୀଙ୍କୁ ପ୍ରକୃତ ସୁଫଳ ପ୍ରଦାନ କରୁଛି କି ନାହିଁ, ସେ ନେଇ ମଧ୍ୟ ଶ୍ରୀ ଘଡ଼ାଇ ପ୍ରଶ୍ନ ଉଠାଇଛନ୍ତି। ନାମଲେଖା, ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା, ନିଯୁକ୍ତି ହାର, ନିଯୁକ୍ତିରେ ସ୍ଥାୟିତ୍ୱ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ପ୍ରକୃତ ଶିଳ୍ପ ଚାହିଦା ସହ କେତେଦୂର ସମନ୍ୱିତ, ସେ ସମ୍ପର୍କରେ ସ୍ୱଚ୍ଛ ଓ ଭରଷାଯୋଗ୍ୟ ତଥ୍ୟ ସାର୍ବଜନୀନ କରିବାକୁ ଦଳ ସରକାରଙ୍କୁ ଆହ୍ୱାନ ଦେଉଛୁ। ବିଜେପିର ତଥାକଥିତ ଡବଲ୍ ଇଞ୍ଜିନ୍ ସରକାର ଦକ୍ଷତା ପ୍ରଶିକ୍ଷଣ ଓ ନିଯୁକ୍ତିର ଆବଶ୍ୟକତା ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବାରେ ପର୍ଯ୍ୟାପ୍ତ ସଫଳତା ପାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

**ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ**




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଜାରରେ ଦରବୃଦ୍ଧ...

କହିଛନ୍ତି ଯେ ଏହା ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ହୋଇଛି। ବୁଧବାର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ବର୍ଷ ବର୍ଷ ଧରି ୧୧.୩୯%କୁ ବୃଦ୍ଧି ପାଇଛି, ଯାହା ଅଗଷ୍ଟରେ ୯.୯୨% ଥିଲା। ଏହା ଇନ୍ଧନ ଏବଂ ବିଦ୍ୟୁତ୍, ଖାଦ୍ୟ ସାମଗ୍ରୀ ଏବଂ ଉତ୍ପାଦିତ ଉତ୍ପାଦର ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁଁ ହୋଇଥିଲା। ଏହାଛଡା ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୪ ବର୍ଷ ପରେ ପାଇକାରୀ ମୁଦ୍ରାସ୍ଫୀତି ୧୦% ଅତିକ୍ରମ କରିଛି। ଶେଷ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ୨୦୨୨ ସେପ୍ଟେମ୍ବରରେ ୧୦.୭୦% ରେକର୍ଡ କରାଯାଇଥିଲା। ଏହାର ଅର୍ଥ ହେଉଛି ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଚାରି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅନ୍ୟପକ୍ଷରେ, ଏହା ଲଗାତାର ଦ୍ୱିତୀୟ ମାସ ଯେଉଁଥିରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଏହା ପୂର୍ବରୁ, ୨୦୨୫ ନଭେମ୍ବରରୁ ୨୦୨୬ ଜୁନ୍ ପର୍ଯ୍ୟନ୍ତ ପାଇକାରୀ ମୁଦ୍ରାସ୍ଫୀତି ସ୍ଥିର ଭାବରେ ବୃଦ୍ଧି ପାଉଥିଲା।

### ଡବଲ ଇଞ୍ଜିନ୍ ସରକାରରେ...

ବୋଲି ଶ୍ରୀ ପଟ୍ଟନାୟକ କଟାକ୍ଷ କରିଛନ୍ତି। ଏହି ସମୟରେ ସାଧାରଣ ଲୋକଙ୍କ ସହ ରହି ଏ ଅପାରଗ ସରକାରର ମୁଖା ଖୋଲି ଦେବାକୁ ଶ୍ରୀ ପଟ୍ଟନାୟକ ଦଳର କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପଦଯାତ୍ରାରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ହଜାର ହଜାର ଲୋକ ଅଂଶଗ୍ରହଣ କରିଥିବା ବେଳେ ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ର ସଂସଦ...

ପରିପ୍ରେକ୍ଷୀରେ ଆସନ୍ତାକାଲି ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ ହେବ, ସେନେଇ କଲେଜ କର୍ତ୍ତୃପକ୍ଷ ତଥା ପ୍ରଶାସନ ଚିନ୍ତାରେ ପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟବ୍ୟାପୀ ନିର୍ବାଚନରେ ୬୬୦୦ରୁ ଅଧିକ ପ୍ରାର୍ଥୀ ଭାଗ୍ୟ ପରୀକ୍ଷା କରୁଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତାକାଲି ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଭୋଟ୍ ଶେଷ ହେବା ପରେ ଅପରାହ୍ନ ୨ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୬ ତାରିଖ ସକାଳ ୧୧ଟାରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ସମାରୋହ ହେବ। ଏହି ଦିନକୁ 'ରିଜର୍ଭ ଡେ ବା ପ୍ରେସିଡ଼େନ୍ସିଆଲ ହଲିଡ଼େ ଭାବେ ରଖାଯାଇଛି। ଅପରପକ୍ଷେ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜଗୁଡ଼ିକରେ ଛାତ୍ର ଅଶାନ୍ତି ଲାଗି ରହିଛି। ପ୍ରାର୍ଥୀଙ୍କୁ ଅପହରଣଠାରୁ ଆରମ୍ଭ କରି ଛୁରାମାଡ ପର୍ଯ୍ୟନ୍ତ ସଂଗୀନ ଚିତ୍ର ସାମ୍ନାକୁ ଆସିଥିବା ବେଳେ କେତେକ ସ୍ଥାନରେ କଲେଜ ଅଧ୍ୟକ୍ଷଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦିଆଯାଇଛି। ଏପଟେ ଏବିବିପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସରକାରୀ କଳ ପୂରା ଦମରେ ଲାଗିପଡ଼ିଛନ୍ତି ବୋଲି ବିରୋଧୀ ଛାତ୍ର ସଂଗଠନ ଅଭିଯୋଗ କରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଏବଂ କଲେଜ କ୍ୟାମ୍ପସରେ ପୁଲିସ ମୁତୟନ କରାଯାଇଛି। ସେହିପରି ସମସ୍ତ ଅଣଛାତ୍ର ଏବଂ ଛାତ୍ରନେତାମାନଙ୍କୁ କଲେଜ କ୍ୟାମ୍ପସ ବାରଣ କରାଯାଇଛି। ଆସନ୍ତାକାଲି ବିନା ଗଣ୍ଡଗୋଳରେ ମତଦାନ ଏବଂ ଫଳାଫଳ ଘୋଷଣା ପୁଲିସ ପାଇଁ ଆହ୍ୱାନ ପାଲଟିବ ବୋଲି ମତପ୍ରକାଶ ପାଇଛି।

### ୧୪ ଜିଲ୍ଲା ପାଇଁ...

୧୪ଟି ଜିଲ୍ଲା ଅନୁଗୋଳ, ବରଗଡ଼, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡରେ ପ୍ରତିଷ୍ଠା କରାଯିବ। ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, ଗଞ୍ଜାମ ଓ ଭଦ୍ରକ ଆଦି ସ୍ଥାନରେ ଟେକ୍ସଟାଇଲ୍ ପାର୍କ୍ ପ୍ରତିଷ୍ଠା କରାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ଯୁବବର୍ଗଙ୍କୁ ଅଟୋମେସନ୍, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ସେବା ଭଳି ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଶୁଭାରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି ସମାରୋହରେ ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ବିଧାୟକ ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ, ଅମର ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜେଏସ୍ଏଲ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ପ୍ରଦାନ କରିଥିଲେ।

### ପ୍ରେମୀଯୁଗଳଙ୍କୁ ମୃତ୍ୟୁ...

କରିଥିଲେ। ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ସିମେଣ୍ଟ ଭର୍ତ୍ତି ନୀଳ ଡ୍ରମ୍‌ରେ ଲୁଚାଇ ରଖିଥିଲେ। ପରଦିନ ଘରୁ ଏହି ଡ୍ରମ୍ ମିଳିବା ପରେ ଘଟଣାଟି ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା।


25001/1317/2627 **GOVERNMENT OF ODISHA** Email:- rwd.bonai@yahoo.com
**OFFICE OF THE EXECUTIVE ENGINEER**
**RURAL WORKS DIVISION, BONAI**
Letter No. 3906 Date 13.10.2026

**CANCELLATION OF TENDER**

Tender invited by this Office vide Bid Identification No. **ONLINE-EEBNI-07** of 2026-27, Letter No- 3081 Dtd- 24.08.2026, is hereby cancelled due to an unusual pattern in the bidding process, wherein the all the bidders have quoted an identical rate of **0.00%** i.e being equal to the corresponding estimated rate Put to Tender Cost. is hereby cancelled.

**Superintending Engineer**
**Rural Works Division, Banai**
OIPR-25001/25200/1/26-27/0011

**PANCHAYAT SAMITI, MOHANA, DIST-GAJAPATI**
**(ODISHA) PIN-761015**
19001/297/2627
**Adv No-04/2026-27** **Dt: 14.10.2026**

**Tender Call Notice**

Sealed tenders (Percentage rate) are invited for 02 no of works from the interested "B"/"A" Class Contractors registered with the Govt. for execution of civil, works under Panchayat Samiti, Mohana, Dist- Gajapati. The details notification is available at official website **www.gajapati.odisha.gov.in** Interested bidders fulfilling the eligibility criteria may submit their proposal(s) to the Panchayat Samiti, Mohana, Gajapati,. Proposal(s) complete in all respect should reach the undersigned on or before **3.00PM of 29.10.2026** through Regd/Speed post and the same will be opened on **11.00AM of 30.10.2026**. The undersigned reserves the right to reject any or all the tender(s) without assigning any reason thereof.

**Block Development Officer, Mohana**
**Gajapati**
OIPR-19001/19382/1/26-27/0003

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
**ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଏତଦ୍‌ଦ୍ୱାରା ସୂଚିତ କରାଯାଉଅଛି ଯେ ସେମାନେ ନିଜର ଋଣ ଖାତାର ବକେୟା ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଋଣଗ୍ରହୀତାମାନେ ଋଣ ସୁବିଧା ଅଧିନରେ ଥିବା ବକେୟା ରାଶି ପରିଶୋଧ କରିନଥିବାରୁ, ଆମେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରର ନିଲାମ ପ୍ରକ୍ରିୟା ଆୟୋଜନ କରିବୁ। ସେମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ଡାକ ମାଧ୍ୟମରେ ନୋଟିସ୍ ପଠାଯାଇଛି ଏବଂ ତେଣୁ ସେମାନଙ୍କୁ ପରାମର୍ଶ ଦିଆଯାଉଅଛି ଯେ, ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଫେରସ୍ତ ପାଇବା ପାଇଁ **ତା.୩୧.୧୦.୨୦୨୬ରିଖ** କିମ୍ବା ତା' ପୂର୍ବରୁ ବକେୟା ଋଣ ଏବଂ ଅନ୍ୟାନ୍ୟ ଦେୟ ପରିଶୋଧ କରନ୍ତୁ। ଯଦି ସେମାନେ ଋଣ ପୈଠ କରିବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ ନିଜର ସମ୍ପୂର୍ଣ୍ଣ ଅଧିକାରରେ, ଉକ୍ତ ବନ୍ଧକ ସୁନା ଅଳାଙ୍କରଗୁଡିକୁ ଋଣଗ୍ରହୀତାଙ୍କ ଖର୍ଚ୍ଚରେ **ତା.୧୭.୧୧.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକା** ସମୟରେ କିମ୍ବା ତତ୍‌ପରବର୍ତ୍ତୀ ଅନ୍ୟ କୌଣସି ସୁବିଧାଜନକ ତାରିଖରେ ବ୍ୟାଙ୍କ ପରିସର ମଧ୍ୟରେ ସର୍ବସାଧାରଣରେ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। ଏଥିପାଇଁ ପରବର୍ତ୍ତୀ ସମୟରେ କୌଣସି ସୂଚନା ଦିଆଯିବ ନାହିଁ।

**ଖୋର୍ଦ୍ଧା ଶାଖା, ପ୍ଲଟ୍ ନଂ.: ୩୨୩/୧୦୦୦, ନିଉ ବସ୍ ଷ୍ଟାଣ୍ଡ ସମ୍ମୁଖ, ପଲ୍ଲାହାଟ, ପଲ୍ଲାହାଟ ପୋଷ୍ଟ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୬, ଫୋନ: ୮୯୨୫୯୫୨୨୯୧**

| କ୍ର.ନଂ. | ଋଣ ତାରିଖ | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୨୨.୧୨.୨୦୨୫ | ୨୨୯୧୦୩୨୫୭୦୦୦୮୭୮ | **ଶ୍ରୀମତୀ ସୁଶିଲ କୁମାର ବାରିକ,** ପିତା: କୁଳମଣି ବାରିକ, ସା: ବଣିଆଟାଙ୍ଗି, ପୋ.: ବାଜପୁର, ଖୋର୍ଦ୍ଧା-୭୫୨୦୬୦ |
| ୨. | ୦୫.୧୨.୨୦୨୪ | ୨୨୯୧୦୩୬୦୮୦୦୦୧୮୭ | **ଶ୍ରୀମତୀ ସୁଶିଲ କୁମାର ବାରିକ,** ପିତା: କୁଳମଣି ବାରିକ, ସା: ବଣିଆଟାଙ୍ଗି, ପୋ.: ବାଜପୁର, ଖୋର୍ଦ୍ଧା-୭୫୨୦୬୦ |

**ସ୍ଥାନ : ଖୋର୍ଦ୍ଧା, ତାରିଖ : ୧୪.୧୦.୨୦୨୬** **ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

**ଯାଜପୁର ରୋଡ୍ ଶାଖା, ଗୋପବନ୍ଧୁ ଛକ, ଶ୍ରୀରାମ ମାର୍କେଟ, ଯାଜପୁର ରୋଡ୍, ତହସିଲ: ସୁକିନ୍ଦା, ଯାଜପୁର, ପିନ୍-୭୫୫୦୧୯, ଫୋନ: ୮୯୨୫୯୫୧୨୮୬**

| କ୍ର.ନଂ. | ଋଣ ତାରିଖ | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୨୦.୧୨.୨୦୨୫ | ୧୨୮୬୦୩୨୫୭୦୦୦୪୩୯ | **ଶ୍ରୀ ଅରବିନ୍ଦ ଲାହା,** ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ |
| ୨. | ୨୨.୧୦.୨୦୧୫ | ୧୨୮୬୦୩୩୫୧୫୦୦୦୦୧ | **ଶ୍ରୀ ଅରବିନ୍ଦ ଲାହା,** ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ |

**ସ୍ଥାନ : ଯାଜପୁର ରୋଡ, ତାରିଖ : ୧୪.୧୦.୨୦୨୬** **ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

**ନିଲାମର ନିୟମ ଏବଂ ସର୍ତ୍ତାବଳୀ:**
**୧.** ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। **୨.** ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ଅଭିଯୋଗ/ଦାବି ନିଲାମ ପରେ ପ୍ରଶୟ ଦିଆଯିବ ନାହିଁ। **୩.** ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୧୦,୦୦୦/- (ଦଶ ହଜାର ଟଙ୍କା)** କ୍ୟାସ୍/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। **୪.** ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୫.** ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। **୬.** ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। **୭.** ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ ମଧ୍ୟରେ** ଅଳଙ୍କାର ହସ୍ତାନ୍ତରିତ କରାଯିବ। **୮.** ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶୟ ଦିଆଯିବ ନାହିଁ। **୯.** ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। **୧୦.** ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। **୧୧.** ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। **୧୨.** ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ଅଳଙ୍କାର କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। **୧୩.** ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। **୧୪.** ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। **୧୫.** ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ **ସମ୍ପୃକ୍ତ ଶାଖାକୁ** ଯୋଗାଯୋଗ କରିପାରିବେ।

**AFFIDAVIT**
I ,Sushila Kumar Mishra age about 61 years, S/O-Brajaraj Mishra, At-Chhatipur, Ps-Khurdha, Tahsil-Khurda, Dist-Khordha, Odisha-7502060, Declare this affidavit no-1022/2026 Dated-11.09.2026 That onwards I shall be known as **SUSILA MISRA** for all future Purpose.

**AFFIDAVIT**
I, Chandrakanti Panda, age-71yrs, W/o- Banchhanidhi Panda, Resident of At-Panada,Po-Balanga, Ps-Soro, Dist- Balasore, Odisha,756045 declared by affidavit before the Prasanti Sahoo, Notary (Public), Balasore. Affidavit No.1925, dtd-12/10/2026 that, present aadhar card my name mentioned Chandrakanti Panda, But for all purposes I am also know SASMITA PANDA, which is my correct name. Hence this affidavit that, said my self SASMITA PANDA and CHANDRAKANTI PANDA is one and same person for all purposes.

**AFFIDAVIT**
I, Ajay Kumar Mishra age about 67 years S/o-Nilamani Mishra , At-Tareni Vihar. Ward No-9, Po-Kapaleswar, Ps-Choudwar, Dist-Cuttack, ODISHA, Declare this affidavit No-46806, Dated-30.07.2026 that onwards I shall be known as **AJAYA KUMAR MISHRA** for all future purposes .

**AFFIDAVIT**
I, HIFZUR RAHMAN KHAN age about 32 years S/O - FAZLE RAHAMAN KHAN, AT/PO - PIRA MOHALLA, SAYEDPUR,PS-BINJHARPUR,DIST-JAJPUR, ODISHA,PIN-755004, Declare this affidavit No-1023/2026 Dated - 12.10.2026 that onwards I shall be known as **HIFZUR REHMAN KHAN** for all future purposes .

**AFFIDAVIT**
By virtue of an affidavit (SL No. 6481, dtd- 09.10.2026) sworn before The Executive Magistrate, Cuttack. I, **Rena Mohanty** (new name), W/o-Debendranath Mohanty, Address: At- Balisahi, PO/PS-Madhupatna, Dist- Cuttack, PIN-753010, Odisha declare that I have changed my name from **Reba Mohanty** (old name) to **Rena Mohanty** (new name). Henceforth, I shall be known as **Rena Mohanty** (new name) for all purposes.
**Rena Mohanty**

**AFFIDAVIT**
By virtue of an affidavit sworn before Executive Magistrate, Baripada, Mayurbhanj , dated 12-10-2026 I, Rukmani Tudu, age 53years, W/o Late Bijoy Kumar Dhal, At/Po- Fania, Ps- Suliapada, Dist- Mayurbhanj-757084 declare that my actual and correct name is Rukmani Tudu which is mentioned in my Aadhaar Card. But in the school register OAV Bhaliasole of my son Dhananjay Dhal my name has been wrongly mentioned as Rukmani Dhal instead of Rukmani Tudu. Henceforth, I shall be known as **Rukmani Tudu** for all purposes.
**(Rukmani Tudu)**

**AFFIDAVIT**
By virtue of affidavit sworn before Executive Magistrate Puri, dated 11.08.2026 I Prakash Chandra Rout of Nuapatna Lane Markandeswar Sahi, Po. Puri, P.S.- Puri Town, Dist-Puri, PIN-752001 declare that I have changed the name of my daughter's name from Puja Rout to Elina Rout. Henceforth she shall be known as **Elina Rout** for all purposes.
**Prakash Chandra Rout**

**AFFIDAVIT**
I, Amar Parwaz, s/o- Shaikh Sanawar Ali, resident of Village - Bareghar, PO/ PS - Krushnanandapur, Pin - 754135, Dist - Jagatsinghapur, Odisha declaredby this affidavit No - 88AA 122296, dated on - 04.08.2026, that now onwards I Shall be known as **AMIR PARWEZ** for all future purposes.

**AFFIDAVIT**
I,Waseema Khatun, W/o- Shaikh Sanawar Ali, resident of Village - Bareghar, PO/PS - Krushnanandapur, Pin - 754135, Dist - Jagatsinghapur, Odisha declare by this affidavit No - 88AA 122296,dated on -04.08.2026, that now onwards I Shall be known as **WASIMA KHATUN** for all future purposes.

**Odisha Lift Irrigation Corporation Ltd.**
*(A Govt. of Odisha Undertaking)*
**OFFICE OF THE EXECUTIVE ENGINEER L.I. DIVISION, BARAGADA**
E-Procurement Notice – EE/OLIC/BGH-01/2026-27
E-mail - eeolicbgh@gmail.com, Ph- 06646-246126 32001/1042/2627
No. 1743 / Dated: 12.10.2026
**1st Corrigendum E-Procurement Notice : EE/OLIC/BGH-02/ 2026-27**

Due to certain problem changes of materials rate vide Ltr. No. 7732, dtd. 09.10.2026 of MD, OLIC Ltd., Bhubaneswar, the above e-Procurement notice could not be published in the website **http://www.tenderodisha.gov.in** in time. The critical dates are modified as under and published.
The details can be seen in the website **http://www.tenderodisha.gov.in**.

| | | | |
|---|---|---|---|
| 1. | Date & Time of availability of Bid Document in the portal | - | From 10.00 hrs dated 23.10.2026 to 17.00hrs dated 03.11.2026. |
| 2. | Last date / Time for receipt of bids in the portal | - | 17.00hrs. Dated- 03.11.2026. |
| 3. | Last date and time of clarification up to | - | 17.00 hrs. Dated-02.11.2026. |
| 4. | Date of opening of bids | - | 11.00 hrs. Dated-04.11.2026. |

**Other terms and conditions are remain unchanged.**
OIPR-32001/32277/1/26-27/0003 **EXECUTIVE ENGINEER**

**Notice (for Minor)**
By virtue of an affidavit sworn before Executive Magistrate, Tihidi, dated 14.10.2026, I, Subash Rout, At- Upardumuka, P.O- Shyamsundarpur, P.S-Pirahat, Dist- Bhadrak, Odisha-756119 declare that I have changed the name of my daughter from Adyasha Rout to Rani Rout. Henceforth, she shall be known as **Rani Rout** for all purposes.
**Subash Rout**

**GOVERNMENT OF ODISHA** e-mail: gephbhpt@gmail.com
**OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHABANIPATANA**
Parmanandpur, Railway Station Road, Bhabanipatana, Dist. Kalahandi, PIN -766002
**NATIONAL COMPETITIVE BIDDING THROUGH e-Procurement**
**Identification No. SEPHD-BHPT- 47 of 2026-27/ Dt. 12.10.2026**
**e-Procurement Notice** 13001/2174/2627

| | | | |
|---|---|---|---|
| 01. | **Name of the Work** | : | 1no Work. |
| 02. | **Type of Bid.** | : | Single Bid System |
| 03. | **Estimated Cost** | : | Rs. 28.79 Lakh |
| 04. | **Period of Completion** | : | 02 (Two) Calendar Months |
| 05. | **Date & Time of availability of bid document in the portal** | : | From 11.00 AM of dt. 16.10.2026 to 5.00 PM of 26.10.2026 |
| 06. | **Last date / time of receipt of bids in the portal** | : | 5.00 PM of 26.10.2026. |
| 07. | **Date & Time of opening of technical bids** | : | At 11.30 AM of 27.10.2026 |
| 08. | **Name and Address of the Officer Inviting Bid** | : | Additional Chief Engineer, P.H. Division, Bhabanipatana, Railway Station Road, At/Po- Parmanandpur, 766002 Dist- Kalahandi. |

**Further details can be seen from the web site http://tenders.ori.nic.in or www.tendersorissa.gov.in**
**Additional Chief Engineer,**
**P.H. Division, Bhabanipatana**
OIPR-13001/13059/1/26-27/0011

**Notice**
By virtue of an affidavit sworn before the Executive Magistrate, Bhubaneswar on Dated 13th October 2026. I, Bharati Naik, Address Village-Bhanda, P.S-Baria Tahasil-Champua, Dist.- Kendujhar, Pin-758044, Odisha, declare that I have changed my name from Dibya Panigrani to Bharati Naik. Henceforth, I shall be known as **Bharati Naik** for all purposes.
**(Bharati Naik)**

**GOVERNMENT OF ODISHA** 1001/176/2627
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL.),**
**DHENKANAL DIVISION, DHENKANAL**
**No. 812** **INVITATION FOR BIDS (IFB)** **Date. 13.10.2026**
**e procurement notice**
**Bid identification number / Tender call notice no – EE (A) D/D-02 of 2026-27**

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 7.00 lakhs to 40.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **www.tendersorissa.gov.in** from **15.10.2026 at 10.00 hours to 27.10.2026 at 05.30 PM**. The bid will be opened on **28.10.2026 at 04.30 PM** in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.

**Email ID:-eeagri.dhenkanal.@gmail.com**
OIPR-1001/1446/1/26-27/0003
**Executive Engineer (Agril.)**
**Dhenkanal Division, Dhenkanal**

**AFFIDAVIT**
By virtue of an affidavit (CF No. 03, dtd- 12.10.2026) sworn before The Executive Magistrate, Padampur. I, **Umabati Suna** (new name), W/o- Surendra Suna, permanent resident of AT: Panchabhaya, PO: Sargibahal, PS: Padampur, Dist: Bargarh, State: Odisha, PIN: 768049 declare that I have changed my name from **Uma Suna** (old name) to **Umabati Suna** (new name). Henceforth, I shall be known as **Umabati Suna** (new name) for all purposes.
**Umabati Suna**

**GOVERNMENT OF ODISHA** 32001/1048/2627
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**BOUDH IRRIGATION DIVISION, BOUDH, PIN-762014**
**e-mail Id–eebidboudh@gmail.com**
**"e"-procurement Notice No. -09/2026-27**
**Bid Identification No. EE BOD-09/2026-27**

The Executive Engineer, Boudh Irrigation Division, Boudh, on behalf of Governor of Odisha invites online **Percentage rate** tenders in **Double cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| Sl. No. | Particulars | Details |
|---|---|---|
| 1 | Name of the work | **02 (Two) Nos** 1) Construction of Slope Protection work at Krushnapali village in Laxminalla under Harabhanga Block. (Working RD 33km to 43km) 2) Extension of Rest Shed Building under Boudh Irrigation Division, Boudh |
| 2 | Approximate value of work | **Varies from Rs.75.63 Lakhs to Rs.83.70 Lakhs (Excluding GST)** |
| 3 | Class of Contractor | **'B' Class Contractors only** |
| 4 | Bid Identification No. | EEBOD-09/2026-27 |
| 5 | Period of Completion | 11 (Eleven) Calendar Months. |
| 6 | Tender documents available on website. | Can be downloaded from Website (http://www.tendersodisha.gov.in) |
| 7 | Bid documents available Date and Time. | **21.10.2026 at11.00 Hrs** |
| 8 | Bid clarification start date & Closing date. | **21.10.2026 to 09.11.2026 during office hours** |
| 9 | On Line Bid submission closing date and time. | **09.11.2026 at17.00 Hrs** |
| 10 | Date, Time and Venue of opening of bid online. | **10.11.2026 at 11.00 Hrs** office of the Executive Engineer, Boudh Irrigation Division, Boudh |
| 11 | Date / Time of Opening of Financial Bid | To be intimated after evaluation of Technical Bid. |

Further details can be seen from the e-Procurement portal **https://tendersodisha.gov.in**. Any addendum/ corrigendum/ cancellation of tender can also be seen in said website.
OIPR-32001/32111/1/26-27/0005
**Executive Engineer**
**Boudh Irrigation Division, Boudh**

**IN THE HIGH COURT OF DELHI AT NEW DELHI**
**(ORDINARY ORIGINAL CIVIL JURISDICTION)**
(Under Order V Rule 20 r/w Section 151 CPC)
**I.A. 24764/2026 in CS (COMM) 35/2022**
**Kajaria Ceramics Limited** ....Plaintiff(S)
**Vs**
**GoDaddy.com LLC & Ors.** ....Defendant(S)

To,
**D. Mr. Mahendra Tanty**
S/o Mr. Mayank Tanty
**Address:** Gualapada, PO Lamatibahal, Brajrajnagar Jharsuguda, Odisha-768216
**Ph:** 91-8409847672 **Defendant No.5D**

WHEREAS the above named plaintiff has instituted the captioned suit against you, the above named Defendant No. 5D, and whereas it has been shown to the satisfaction of this Court that it is not possible to serve you, the above named Defendant No. 5D, in the ordinary way, therefore, this notice is given by way of publication directing you, the above named Defendant No. 5D, to make appearance before **Joint Registrar (Judicial) of this Court on 7th day of December, 2026 at 11:00 A.M.**

Take further notice that in default of appearance of you, the above named Defendant No. 5D, on the date(s) fixed in the captioned suit, the suit will be heard and determined ex parte in the absence of you, the above named Defendant No.5D.

Given under my hand and the seal of this Court, this 30th Day of September, 2026.
SEAL
**Assistant Registrar (IPD)**
**For Registrar General**
RB

# ସରିଲା 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍'; ଆଜି ମତଦାନ

▸▸ ଭଦ୍ରକ ସ୍ୱୟଂଶାସିତ କଲେଜରେ ୫ହଜାରରୁ ଅଧିକ ମତଦାତା ଓ ୪୦ ଜଣ ପ୍ରାର୍ଥୀ ▸▸ ଚରମ୍ପା ମହାବିଦ୍ୟାଳୟରେ ୧୧ଶହ ମତଦାତା ଓ ୨୯ ଜଣ ପ୍ରାର୍ଥୀ








ଭଦ୍ରକ,୧୪।୧୦(ସମିସ)

ଛାତ୍ର ସଂସଦ ନିର୍ବାଚନର ବୁଧବାର ଥିଲା "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ' ବା ମୁଁ କାହିଁକି ପ୍ରାର୍ଥୀ ହେଲି ବୈଠକ। ଛାତ୍ର ସଂସଦର ବିଭିନ୍ନ ପଦବୀ ଲାଗି ଲଢ଼େଇ କରୁଥିବା ପ୍ରାର୍ଥୀମାନେ ଆଜି ମୁଁ କାହିଁକି ପ୍ରାର୍ଥୀ ହେଲି ମିଟିଂରେ ସେମାନଙ୍କ ବକ୍ତବ୍ୟ ରଖିଛନ୍ତି। ଶହ ଶହ ସଂଖ୍ୟକ ସମର୍ଥକଙ୍କ ଗହଣରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ସୂଚନାନୁଯାୟୀ, ଭଦ୍ରକ ସ୍ୱୟଂ ଶାସିତ କଲେଜରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ମୋଟ୍ ୪୦ଜଣ ପ୍ରାର୍ଥୀ ମୋଟ୍ ୧୫ଟି ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପଦବୀଗୁଡ଼ିକ ମଧ୍ୟରେ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସହ ସମ୍ପାଦକ, ନାଟ୍ୟ ସମ୍ପାଦକ, ସହ ନାଟ୍ୟ ସମ୍ପାଦକ, କ୍ରୀଡ଼ା ସମ୍ପାଦକ, ସହ କ୍ରୀଡ଼ା ସମ୍ପାଦକ ଓ କମନରୁମ୍ ସମ୍ପାଦକ ଆଦି। ଭଦ୍ରକ ସ୍ୱୟଂଶାସିତ କଲେଜରେ ଅନୁଷ୍ଠିତ ନିର୍ବାଚନରେ ଏହି ପଦବୀଗୁଡ଼ିକରେ ମୁଖ୍ୟତଃ ବିସିଜେଡି(ବିଜୁ ଛାତ୍ର ଜନତା ଦଳ) ଓ ଏବିଭିପି(ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ) ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାର ପ୍ରାକ୍ ଆକଳନ କରାଯାଇଛି। କଲେଜର ୫ହଜାରରୁ ଅଧିକ ଛାତ୍ରଛାତ୍ରୀ ବା ମତଦାତା ଗୁରୁବାର ଅନୁଷ୍ଠିତ ନିର୍ବାଚନରେ ମତଦାନ କରିବେ ବୋଲି ଜଣାଯାଇଛି। ବୁଧବାର "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ' ଚାଲିଥିବାବେଳେ ଭଦ୍ରକ ସ୍ୱୟଂଶାସିତ କଲେଜ ପରିସରରେ ମୃଦୁ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଏହାକୁ ନିୟନ୍ତ୍ରଣ କରିଥିଲା। ଭଦ୍ରକ ସହର ଅନୁରୂପଭାବେ ଭଦ୍ରକ ଚରମ୍ପା ମହାବିଦ୍ୟାଳୟରେ ମୋଟ୍ ୨୯ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏହି କଲେଜର ୧୧ଶହରୁ ଅଧିକ ଭୋଟର(ଛାତ୍ରଛାତ୍ରୀ) ସେମାନଙ୍କ ମତ ସାବ୍ୟସ୍ତ କରିବେ। ଗୁରୁବାର ହେବାକୁ ଥିବା ମତଦାନ ଲାଗି ପୁଲିସ ବ୍ୟବସ୍ଥା ବୁଧବାରଠାରୁ କଡ଼ାକଡ଼ି କରାଯାଇଛି ଓ ଗଣ୍ଡଗୋଳ ତଥା ଅଣ କଲେଜ ଛାତ୍ରଙ୍କ ଦମନ ଲାଗି କଡ଼ା ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ପ୍ରାର୍ଥୀମାନେ ଘରକୁ ଘର, ହଷ୍ଟେଲ ଓ ମେସ୍‌କୁ ଯାଇ ସେମାନଙ୍କ ସପକ୍ଷରେ ମତଦାନ ଲାଗି ଲାଗିପଡ଼ିଛନ୍ତି।

**ଦୋବଲ :** ଧାମନଗର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ମିଟିଂ ଅତ୍ୟନ୍ତ ରୋଚକ ପରିସ୍ଥିତିରେ ଶେଷ ହୋଇଛି। ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ୯ଟି ପଦ ପାଇଁ ଲଢୁଥିବା ମୋଟ୍ ୧୮ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ମଧ୍ୟରୁ ୧୭ ଜଣ ଅଂଶଗ୍ରହଣ କରି ନିଜର ଆଭିମୁଖ୍ୟ ରଖିଥିଲେ। ଜଣେ ପ୍ରାର୍ଥୀ ଅସୁସ୍ଥତା କାରଣରୁ ଏଥିରେ ଯୋଗଦେଇ ପାରି ନ ଥିଲେ। ଏଥର ଛାତ୍ର ସଂସଦ ନିର୍ବାଚନରେ ମୋଟ୍ ୨୩ଟି ପଦ ପାଇଁ ନିର୍ବାଚନ ହେବାକୁ ଘୋଷଣା ହୋଇଥିଲା। ତେବେ ୧୪ଟି ପଦରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନ ଥିଲା। ଫଳରେ ଏବିଭିପି (ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ) ଏହି ୧୪ଟି ଆସନରୁ ୧୩ଟିରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ସାରିଥିବାବେଳେ ଜଣେ ପ୍ରାର୍ଥୀଙ୍କ ବୟସାଧିକ କାରଣରୁ ନାମାଙ୍କନ ପତ୍ର ନାକଚ ହୋଇଯାଇଥିଲା। ଆଜିର "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ମିଟିଂ ବେଶ୍ ଉତ୍ସାହଜନକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଏବିଭିପିର ସମର୍ଥକଙ୍କ ସଂଖ୍ୟା ଅଧିକ ଥିବାବେଳେ ଆରମ୍ଭରେ ବିସିଜେଡି ସମର୍ଥକମାନେ ନିରବ ରହିଥିଲେ। ମାତ୍ର ମିଟିଂରେ ବିସିଜେଡିର ସଭାପତି ପ୍ରାର୍ଥିନୀ ସ୍ମୃତିରେଖା ବେହେରା ମଞ୍ଚକୁ ଚଢ଼ିବା କ୍ଷଣି ସାଥୀ ଓ ସମର୍ଥକମାନେ ସକ୍ରିୟ ହୋଇପଡ଼ିଥିଲେ ଏବଂ ଏବିଭିପିର ପ୍ରାର୍ଥୀମାନଙ୍କୁ ଦୃଢ଼ ଟକ୍କର ଦେବାକୁ ସାହସ ବାନ୍ଧିଥିଲେ। ଶାନ୍ତିଶୃଙ୍ଖଳାର ସହ ଏହି ମିଟିଂ ସମ୍ପନ୍ନ ହୋଇଥିବାବେଳେ ଗୁରୁବାର ଭୋଟ୍ ଗ୍ରହଣ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ମିଟିଂ ପରେ ନିର୍ବାଚନ ଅଧିକାରୀ ଅଧ୍ୟାପକ ସରୋଜ ପଣ୍ଡା ପ୍ରାର୍ଥୀମାନଙ୍କୁ ସେମାନଙ୍କର ପୁଲିଂ ଏଜେଣ୍ଟ ନିଯୁକ୍ତି ପାଇଁ ଆବଶ୍ୟକୀୟ ଫର୍ମ ପ୍ରଦାନ କରିଥିଲେ। ଚଳିତ ନିର୍ବାଚନ ପାଇଁ ମୋଟ୍ ୫ଟି ବୁଥ୍ କରାଯାଇଛି। ସେଥିମଧ୍ୟରୁ ଯୁକ୍ତ ୩ କଳା ପାଇଁ ୩ଟି, ଏବଂ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପାଇଁ ଗୋଟିଏ ଲେଖାଏଁ ବୁଥ୍ ସ୍ଥାନ ପାଇଛି। କଲେଜରେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫୧୯ ଜଣ ଯୋଗ୍ୟ ଭୋଟର ରହିଛନ୍ତି। ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ଅପରାହ୍ଣ ୩ଟାରେ ଭୋଟ୍ ଗଣତି ଆରମ୍ଭ ହେବ ଏବଂ ୪ଟା ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।



ବୁଧବାର ଷୋଡ଼ଶ ଉପଚାର ପୂଜାର ଦ୍ୱାଦଶ ଦିବସରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ଦେବୀ ମା' ଜୟଦୁର୍ଗାଙ୍କ ପାର୍ବତୀ ବେଶ

### ଏବି କଲେଜରେ ବିସିଜେଡି ଓ ଏବିଭିପିର ଲଢ଼େଇ ଜୋର୍‌ଦାର

## ପ୍ରଚାରରେ ବିସିଜେଡି ପ୍ରାର୍ଥୀ ଆଗୁଆ



ବାସୁଦେବପୁର,୧୪।୧୦(ସମିସ): ଗୁରୁବାର କଲେଜରେ ଛାତ୍ର ସଂସଦ ନିର୍ବାଚନ। ବାସୁଦେବପୁର ଅଟଳବିହାରୀ କଲେଜରେ ବୁଧବାର ଅନୁଷ୍ଠିତ ହୋଇଯାଇଛି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର' ବା ମୁଁ କାହିଁକି ନିର୍ବାଚନ ମଇଦାନର ଅବତୀର୍ଣ୍ଣ ହୋଇଛି। ନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ଛାତ୍ର ସଂଗଠନ ନିଜର ଦମ୍ ଦେଖାଇ ଭୋଟରଙ୍କ ସମର୍ଥନ ନେବାକୁ ପଛାଉ ନାହାନ୍ତି। ସକାଳେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ରାଲିରେ ବାଜା ବାଣ ଫୁଟାଇ ଆସି କଲେଜ କ୍ୟାମ୍ପସ୍‌ରେ ପହଞ୍ଚିଥିଲେ। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ତାରିଣୀ ଛକରୁ ଏକ ଶୋଭାଯାତ୍ରା ବାହାରି ଆତସବାଜି ସହିତ ବାଜା ବଜାଇ ସମର୍ଥକମାନଙ୍କ ଗହଣରେ ପ୍ରାର୍ଥୀମାନେ ଆସିଥିଲେ। ଏହି ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଥିଲେ। ଶେଷରେ ଏବିଭିପି ଏକ ଶୋଭାଯାତ୍ରାରେ ବାଜା ବଜାଇ ଓ ବାଣ ଫୁଟାଇ ପ୍ରାର୍ଥୀମାନେ କଲେଜ କ୍ୟାମ୍ପସ୍‌ରେ ପହଞ୍ଚିଥିଲେ। ଆୟୋଜିତ 'ହ୍ୱାଇଆଇଷ୍ଟାଣ୍ଡଫର' ସଭାରେ ଅଟଳ ବିହାରୀ କଲେଜର ଅଧକ୍ଷ ଡ. ଚିନ୍ମୟୀ ସେନାପତି, ଛାତ୍ର ସଂସଦର ଉପଦେଷ୍ଟା ଅଧ୍ୟାପକ ରାଜେନ୍ଦ୍ର ବେହେରା, ଅଧ୍ୟାପକ ବିଜୟ ଅଗସ୍ତି, ପରମେଶ୍ୱର ପଣ୍ଡା, ସୁଜାତା ମହାପାତ୍ର, ଅଶୋକ ମହାନ୍ତି ଓ ଚନ୍ଦନ ସେଠୀ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ଅଗସ୍ତି ନିର୍ବାଚନର ସମସ୍ତ ନୀତିନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏପାଖରେ ଭୋଟରଙ୍କ ପାଇଁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ବିରିୟାନୀ ଭୋଜି, ମାଂସ ଭୋଜି, ଆଇସ୍‌କ୍ରିମ୍, ଚକୋଲେଟ୍, ଗୁପ୍‌ଚୁପ୍ ଯୋଗାଇଦେବାକୁ ପ୍ରତିଯୋଗିତା ଚାଲିଛି। ଛାତ୍ର ସଂଗଠନ ଭିନ୍ନ ଭିନ୍ନ ରଣକୌଶଳ ଆପଣେଇ ଭୋଟରଙ୍କୁ ହାତେଇବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ନିର୍ବାଚନ ପ୍ରଚାରରେ ବିସିଜେଡି ପ୍ରାର୍ଥୀ ଆଗରେ ରହିଥିବାର ଜଣାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୁଲିସ ପକ୍ଷରୁ ଅଣଛାତ୍ରୀମାନଙ୍କୁ ଅଧାବାଟରୁ ଅଟକାଇ କଲେଜ ଭିତରକୁ ଯିବାକୁ ଦେଇ ନ ଥିଲେ।

### ଏବି କଲେଜରେ ବିସିଜେଡି ଓ ଏବିଭିପିର ଲଢ଼େଇ ଜୋର୍‌ଦାର

## ଫ୍ଲାୟର୍ସ ଓ ଅଳିଆ ସଫା; ଉଠିଲା ସୌମ୍ୟାଶ୍ରୀ ପ୍ରସଙ୍ଗ



ଧାମନଗର କଲେଜରେ ସ୍ୱଚ୍ଛତା ଅଭିଯାନ

ଦୋବଲ,୧୪।୧୦(ସମିସ): ଧାମନଗର ମହାବିଦ୍ୟାଳୟ କ୍ୟାମ୍ପସ୍‌କୁ କୁତ୍ସିତ ରାଜନୀତି ଓ ସଙ୍କୁଚିତ ମାନସିକତାରୁ ମୁକ୍ତ କରିବା ପାଇଁ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ଏକ ବିଶେଷ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୁଧବାର "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ସଭା ପରେ ଏବିଭିପି ସମର୍ଥକମାନେ କଲେଜ ପରିସରରେ ଗେରୁଆ ରଙ୍ଗର ଫ୍ଲାୟର୍ସ ଉଡ଼ାଇ ଅଶାନ୍ତ ଓ ଅପରିଷ୍କାର ପରିବେଶ ସୃଷ୍ଟି କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ବିସିଜେଡିର ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜେ ଝାଡ଼ୁଣି ଧରି କ୍ୟାମ୍ପସ୍ ପରିସରରୁ ସମସ୍ତ ଫ୍ଲାୟର୍ସ ଓ ଅଳିଆ ସଫା କରି କଲେଜକୁ "ଗେରୁଆ ମୁକ୍ତ' କରିଥିଲେ। ଏହି ଅଭିଯାନ ଅବସରରେ କ୍ୟାମ୍ପସ୍ ରାଜନୀତିର କୁଚକ୍ର ଓ ଶିକାର ହୋଇଥିବା ଏବିଭିପିର ପୂର୍ବତନ ନେତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ପ୍ରସଙ୍ଗକୁ ଦୃଢ଼ ଭାବେ ଉତ୍ଥାପନ କରାଯାଇଥିଲା। ବିସିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, କଲେଜ ପରିସରରେ ଆଜି ବି ସେହି ପ୍ରାଣଘାତୀ ଓ ଅସୁସ୍ଥ ରାଜନୀତି ଜାରି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସ୍ୱର୍ଗତ ଭଉଣୀ ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ସହ ଧାମନଗର କଲେଜକୁ ଶିକ୍ଷା ଓ ଶାନ୍ତିର ଏକ ନିର୍ମଳ ପୀଠ ଭାବେ ବଜାୟ ରଖିବାକୁ ଦଳ ପକ୍ଷରୁ ଦୃଢ଼ ଶପଥ ନିଆଯାଇଛି।

### ଜିଲ୍ଲାରେ ବୃଦ୍ଧି ପାଇଛି ସାପ କାମୁଡ଼ା ମୃତକଙ୍କ ସଂଖ୍ୟା

## ୭ ବର୍ଷରେ ୨୮୫ ଜଣଙ୍କର ମୃତ୍ୟୁ



ଗତ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ୧୭ ମୃତ

ଭଦ୍ରକ,୧୪।୧୦(ସମିସ): ଭଦ୍ରକ ଜିଲ୍ଲାରେ ସାପ କାମୁଡ଼ା ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଗତ ୭ ବର୍ଷ ଭିତରେ ଜିଲ୍ଲାରେ ମୋଟ୍ ୨୮୫ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକମାନଙ୍କୁ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଅନୁକମ୍ପା ମୂଳକ ସହାୟତା ରାଶି ବାବଦକୁ ମୋଟ୍ ୧୦ କୋଟି ୬୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାରେ ୨୦୨୦ରେ ସାପ କାମୁଡ଼ାରେ ୩୯ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୧ରେ ୩୬ ଜଣ, ୨୦୨୨ରେ ୪୯ ଜଣ, ୨୦୨୩ରେ ୫୨ ଜଣ, ୨୦୨୪ରେ ୩୨ଜଣ, ୨୦୨୫ରେ ୩୬ ଜଣ ଲୋକଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବାବେଳେ ୨୦୨୬ ମସିହା ଆଜି ସୁଦ୍ଧା ସାପ କାମୁଡ଼ାରେ ୪୧ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଭଦ୍ରକ ଜିଲ୍ଲାରେ ଗତ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ହୋଇଥିବା ବନ୍ୟା ସମୟରେ ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିବା କାରଣରୁ ଏହି ମାସରେ ଜିଲ୍ଲାରେ ୧୭ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରେ ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଧିକ ଥିବା ଜଣାଯାଇଛି।

### ଭଦ୍ରକ ଜିଲ୍ଲାର ୧୭୦୩ଟି ବୁଥ୍‌ରେ ସ୍ୱତନ୍ତ୍ର ଶିବିର

## ଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ନ ଦେବାକୁ ପଦକ୍ଷେପ

ଭଦ୍ରକ,୧୪।୧୦(ସମିସ): ଭୋଟର ତାଲିକାରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ସାମିଲ୍ କରିବା ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିର ମାଧ୍ୟମରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ ଏବଂ ନାମ ଯାଞ୍ଚ ଭଳି ସେବା ଯୋଗାଇ ଦିଆଯାଉଛି। ଭଦ୍ରକ ଜିଲ୍ଲାର ୧୭୦୩ଟି ବୁଥ୍‌ରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏଥିସହ ୨୦ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ) ଏବଂ ୫ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଏହି ପ୍ରକ୍ରିୟାରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଯୋଗ୍ୟ ନାଗରିକଙ୍କ ଭୋଟର ତାଲିକା ସମ୍ପର୍କିତ ତଥ୍ୟ ଯାଞ୍ଚ କରୁଛନ୍ତି। ବିଶେଷକରି ନୂତନ ଭାବେ ଭୋଟ୍ ଦେବାକୁ ଯୋଗ୍ୟ ହୋଇଥିବା ଯୁବକଯୁବତୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଭୋଟର ତାଲିକାରେ ସାମିଲ୍ କରିବା ପାଇଁ ସଚେତନ କରାଯାଉଛି। ଏହାଦ୍ୱାରା ଯୋଗ୍ୟ ଯୁବ ଭୋଟରମାନେ ଯେପରି ପଞ୍ଜୀକରଣରୁ ବାଦ୍ ନ ପଡ଼ନ୍ତି ଏବଂ ନିଜର ମତଦାନ ଅଧିକାର ପାଇପାରନ୍ତି, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ୍ ହୋଇନାହିଁ, ସେମାନେ ସ୍ୱତନ୍ତ୍ର ଶିବିରରେ ଫର୍ମ-୬ ଦାଖଲ କରି ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏଥିସହ ନାଗରିକମାନେ ନିଜ ନାମ ଭୋଟର ତାଲିକାରେ ଅଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରିପାରିବେ। ଭୋଟର ତାଲିକା ସମ୍ପର୍କିତ କୌଣସି ଅଭିଯୋଗ, ତ୍ରୁଟି କିମ୍ବା ସହାୟତା ଆବଶ୍ୟକ ହେଲେ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ), ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ) କିମ୍ବା ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ)ଙ୍କ ସହ ଯୋଗାଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। 'ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ୍‌ର ଅଧିକାର ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ' ଏହି ବାର୍ତ୍ତା ମାଧ୍ୟମରେ ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ନାଗରିକଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ମା' ଦଶଭୁଜାଙ୍କୁ ଶିଳ୍ପୀଙ୍କ ଶେଷ ସ୍ପର୍ଶ

ବାରିକପୁର,୧୪।୧୦(ସମିସ): ରାତି ପାହିଲେ ସ୍ୱର୍ଗର ଦେବୀ ମର୍ତ୍ତ୍ୟଲୋକକୁ ଧରାବତରଣ କରବେ। ମା' ଦଶଭୁଜା ଦୁର୍ଗାଙ୍କ ବାର୍ଷିକ ଉତ୍ସବ ପାଇଁ ସବୁଠି ଆନନ୍ଦ ଉଲ୍ଲାସ ଖେଳିଯାଇଛି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ପୂଜା ମଣ୍ଡପରେ ସିଂହବାହିନୀଙ୍କ ମୃଣ୍ମୟ ମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀଙ୍କୁ ଶିଳ୍ପୀ ଶେଷ ସ୍ପର୍ଶ ଦେଇଛନ୍ତି। ବ୍ଲକ୍‌ର ପ୍ରସିଦ୍ଧ ନିର୍ଗୁଣ୍ଡି ପଞ୍ଚାୟତଠାରେ ୫ଟି ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବେଶ୍ ଧୁମ୍‌ଧାମ୍‌ରେ ମା'ଙ୍କ ଉତ୍ସବ ପାଳିତ ହେଉଛି। ମୂର୍ତ୍ତି ନିର୍ମାଣରେ ଶିଳ୍ପୀମାନେ ନିମଗ୍ନ ରହିଥିବାବେଳେ ରଙ୍ଗ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାଛଡ଼ା ମଣ୍ଡପ ସାଜସଜ୍ଜା ମଧ୍ୟ ଆରମ୍ଭ ହୋଇଛି। ସେହିଭଳି ସରସଦାଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟିଠାରେ ମଧ୍ୟ ବାର୍ଷିକ ପୂଜାର୍ଚ୍ଚନା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନୁରୂପ ଭାବେ ମଞ୍ଜୁରୀ ରୋଡ୍, ପାଟୁଳି, ଜୋରାଗଡ଼ିଆ, ଭଣ୍ଡାରିପୋଖରୀ ଥାନା ଛକ, ଡଗରପଡ଼ାଠାରେ ମଧ୍ୟ ମହିଷାମର୍ଦ୍ଦିନୀଙ୍କ ଆଗମନ ପାଇଁ ଶ୍ରଦ୍ଧାଳୁ ଓ ପୂଜା କମିଟି ସଦସ୍ୟମାନେ ଲାଗିପଡ଼ିଛନ୍ତି। ଆସନ୍ତା ଶନିବାର ସପ୍ତମୀଠାରୁ ମା' ଦୁର୍ଗାଙ୍କ ବାର୍ଷିକ ପୂଜା ଉତ୍ସବ ଆରମ୍ଭ ହେଉଥିବା ଜଣାପଡ଼ିଛି।



## 'ଆକଳନ' ପତ୍ରିକା ଲେଖକ ଓ ପାଠକର ସମ୍ପର୍କର ସେତୁ

ଭଦ୍ରକ,୧୪।୧୦(ସମିସ): ଭଦ୍ରକରୁ ପ୍ରକାଶ ପାଉଥିବା ଓଡ଼ିଶାର ଏକମାତ୍ର ସମୀକ୍ଷାସମୃଦ୍ଧ ଓ ସମାଲୋଚନାମୂଳକ ସାହିତ୍ୟ ପତ୍ରିକା 'ଆକଳନ'ର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ପ୍ରଫେସର ଡ. ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଆସରରେ ଅତିଥିମାନେ କହିଥିଲେ ଯେ, 'ଆକଳନ' ଓଡ଼ିଆ ପତ୍ରିକା ରାଜ୍ୟରେ ଏକ ଭିନ୍ନରୁଚିର ପତ୍ରିକା ଯାହା ଲେଖକ ଓ ପାଠକଙ୍କ ମଧ୍ୟରେ ସମ୍ପର୍କ ତିଆରି କରେ। ମୁଖ୍ୟବକ୍ତା ପ୍ରଫେସର ଡ. ବ୍ରଜମୋହନ ମିଶ୍ର କହିଲେ ଯେ ଆକଳନ ହେଉଛି ଏକ ଆସ୍ପୃହାର, ଏକ ଆମନ୍ତ୍ରଣ ଓ ଏକ ଆହ୍ୱାନ। ମୁଖ୍ୟଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର କହିଲେ ଯେ ଜଣେ ପ୍ରକୃତ ସମାଲୋଚକ ପାଠକର ଆଖି ଖୋଲିଦିଏ। ପୁନଶ୍ଚ ଏହା ଲେଖକ ସହ ପାଠକର ସମ୍ପର୍କ ଯୋଡ଼ିଦିଏ। ବିଗତ ୧୦ ବର୍ଷ ଧରି କ୍ରମାଗତ ଭାବରେ ପ୍ରକାଶ ପାଉଥିବା ଏକମାତ୍ର ସମୀକ୍ଷା ସମୃଦ୍ଧ ଓ ସମାଲୋଚନାମୂଳକ ସାହିତ୍ୟ ପତ୍ରିକାର ପାଠକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାହିତ୍ୟର ଏହି ଉପେକ୍ଷିତ ବିଭାଗ ପ୍ରତି ଉଭୟ ଲେଖକ ଓ ପାଠକର ଦୃଷ୍ଟି ଫେରିଛି ବୋଲି ସମ୍ପାଦକ ଡ. ଶଶଧର ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଗୋଲୋକ ବିହାରୀ ସାହୁ, ଡ. ରାମଚନ୍ଦ୍ର ପଣ୍ଡା, ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର, ଡ. ସୁଧାଂଶୁ ଶେଖର ନାୟକ 'ଆକଳନ' ପତ୍ରିକାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ନିଜର ମତାମତ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲାର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଝରଣା ପଟ୍ଟନାୟକ, ଗୋବର୍ଦ୍ଧନ ସାମଲ, ପ୍ରୀତିଲତା ପଣ୍ଡା, ସଂଯୁକ୍ତା ବଳନାୟକ, ଆନନ୍ଦ ଚନ୍ଦ୍ର ଦାସ, ରମେଶ ଦାସ, ମଧୁସୂଦନ ପାଣିଗ୍ରାହୀ, ବିପ୍ଳବ ହୋତା, ନିହାର ଦାସ, ପ୍ରମୋଦ ରାୟ, ପ୍ରଜ୍ଞାନ ଦାସ, ମଞ୍ଜୁଲତା ଦାସ, ସଙ୍ଗୀତା ଆଇଚ, ଡ. ଚିତ୍ତରଞ୍ଜନ ମହାନ୍ତି, ସୁନୀତି ମହାନ୍ତି, ପ୍ରମୋଦା ପଣ୍ଡା, ଡ. ରାଇମୋହନ ମହାପାତ୍ର, ଭରତ ଚନ୍ଦ୍ର ଦାଶ, ଗାୟତ୍ରୀ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ବେତାଳିଗାଁ,୧୪।୧୦(ସମିସ): ଧାମନଗର ବ୍ଲକ୍ ରଇପୁର ପଞ୍ଚାୟତର କଣ୍ଟିକା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ବାପୁଜୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଳସାହି ଓ ରଇପୁର ପଞ୍ଚାୟତ ଅନ୍ତର୍ଗତ ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଭରତଚନ୍ଦ୍ର କର ସଭାପତିତ୍ୱ କରିଥିବାବେଳେ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର ମୁଖ୍ୟ ଅତିଥି ଏବଂ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ଗଙ୍ଗାଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପାଳସାହି ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ଦାଶ ସମ୍ମାନିତ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ଖଟୁଆ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବ୍ରଜକିଶୋର ସିଅଳ ସଂଯୋଜନା କରିଥିଲେ। ଏହି ଅବସରରେ ମୋଟ୍ ୧୧ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ଦକ୍ଷତା, ସୃଜନଶୀଳତା ଓ ପ୍ରତିଭାର ପରିଚୟ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତିଗତ ପ୍ରତିଯୋଗିତାରୁ ୨ଜଣ ଏବଂ ଦଳଗତ ପ୍ରତିଯୋଗିତାରୁ ୬ଜଣ ଛାତ୍ରଛାତ୍ରୀଙ୍କୁ ଆଗାମୀ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାସ, ଗୋପାଳ ଖଟୁଆ, ଦୁଃଶାସନ ରାଉତ, ରମାକାନ୍ତ ବାରିକ ଓ ସୁମିତ୍ରା ବେହେରା ଉପସ୍ଥିତ ଥିଲେ। ସେହିପରି ଅଜିତ୍ ଦାସ, କାମଦେବ ସେଠୀ, ଅନ୍ନପୂର୍ଣ୍ଣା ରାଉତ ଓ ଧର୍ମାନନ୍ଦ ଭାରତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ଉନ୍ମେଷ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ଏହି କାର୍ଯ୍ୟକ୍ରମ ଏକ ଉତ୍ତମ ମଞ୍ଚ ପ୍ରଦାନ କରିଥିଲା।

**ବାରିକପୁର :** ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଜ୍ୟୋସ୍ନା କୁମାରୀ ବାରିକଙ୍କ ସଂଯୋଜନାରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଗୁଡ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ମଧୁସ୍ମିତା ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶଶଧର ସାହୁ, ସମ୍ମାନିତ ଅତିଥି ମାଧବୀ ସେଠୀ, ବିମଳ ଦାସ, ସରୋଜ ବେହେରା, ପ୍ରାକ୍ତନ ସଂଯୋଜକ କୈଳାସ ଚନ୍ଦ୍ର ସାମଲ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ମନସ୍ମିତା ବିଶ୍ୱାଳ ଅତିଥି ପରିଚୟ ଓ ବିଶ୍ୱମ୍ବର ମାଝୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋଜ ଜେନାଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

**ବନ୍ତ/ଆଗରପଡ଼ା :** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ କାଦବରାଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବାଙ୍କତିରା ହାଇସ୍କୁଲ ଓ ୟୁଜିଏମ୍‌ଇ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରଦୀପ ପଲେଇଙ୍କ ତତ୍ତ୍ୱାବଧାନ ଓ ହାଇସ୍କୁଲ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତପୋଇ ସେଠୀ ଯୋଗଦେଇଥିବାବେଳେ ସମିତିସଭ୍ୟା ଦୀପାରାଣୀ ଜେନା, ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ନରେନ୍ଦ୍ର ବାରିକ୍, କାଦବରାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭଳ ଚନ୍ଦ୍ର ଦାସ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ପୁରୀ, ସଞ୍ଜୟ ମଜୁମ୍‌ଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ହାଇସ୍କୁଲ ସଭାପତି ରମେଶ ଚନ୍ଦ୍ର ପହି ଓ ୟୁଜିଏମ୍‌ଇ ସଭାପତି ଜୀବନଜ୍ୟୋତି ମହାପାତ୍ରଙ୍କ ସହଯୋଗରେ ଆୟୋଜିତ ସଭାରେ ମାନସ ଗୁଁୟାଁ ଅତିଥି ପରିଚୟ, ଅଶୋକ ପାତ୍ର ମଞ୍ଚ ପରିଚାଳନା ଓ ବସନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟର ଶିକ୍ଷକ ପାର୍ଥସାରଥି ଲେଙ୍କା, ଦେବେନ୍ଦ୍ର ଦାସ, ସଂଯୁକ୍ତା ସ୍ୱାଇଁ, ଭୀମସେନ ଗିରି, ଲିଜାସ୍ମିତା ଜେନା, ସୁଶୀଳା ନାୟକ, ଅମୃତଲାଲ୍ ମହାନ୍ତି, ମନୋଜ ରାଉଳ, ରାମଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଛୟାଳସିଂହ କ୍ଲଷ୍ଟର :** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଛୟାଳସିଂହ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବରହମପୁରସ୍ଥିତ ବରଜୁ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ନାଟ୍ୟକାର ସୁଧାଂଶୁ ନାୟକ ଓ ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ବିଆର୍‌ସିସି ହରେକୃଷ୍ଣ ଆପଟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସନ୍ତୋଷ କୁମାର ନାୟକ, ଶିକ୍ଷାବିତ୍ ରମାକାନ୍ତ ରାଉତ, ବିଦ୍ୟାଳୟ ପ୍ରତିଷ୍ଠାତା ମଧୁସୂଦନ ଘଡ଼ାଇ, ଟିଲୋ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅଶୋକ କୁମାର ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ନାୟକ, ସମାଜସେବୀ ଖଗେଶ୍ୱର ବେହେରା, ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ବାରିକ, ୱାର୍ଡ ସଭ୍ୟା ଉର୍ମିଳା ଜେନା, ଖଗେଶ୍ୱର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ଓ ବିବି ଦାସ ନୋଡାଲର ସ୍ନିଗ୍ଧା ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୩୩ ଜଣ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସେମାନେ ଆଗାମୀ ଦିନରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମରେ ହରିହାଟ ପ୍ରକଳ୍ପ ବିଦ୍ୟାଳୟର ଗୋବିନ୍ଦ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ପଞ୍ଚାନନ ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ଶରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ ଆୟୋଜନରେ ହେମନ୍ତ ଜେନା, କିଶୋର ଚନ୍ଦ୍ର ନାୟକ, ସୁଦର୍ଶନ ଘଡ଼ାଇ, ସୂର୍ଯ୍ୟମଣି ପାତ୍ର, ପୂଜାରାଣୀ ଖମାରୀ, ବଳରାମ ଜେନା, ଜୟନ୍ତୀ ଦାସ, କଲ୍ଲୋଳପ୍ରଭା ବାରିକ, ସୁଶୀଳା ସେଣ, ଆରତୀ ସେଠୀ, ବୀରଭଦ୍ର ପଣ୍ଡା, ମାୟାଧର ଜେନା, ଭୀମସେନ ଖଣ୍ଡା ଓ ଶ୍ରୀଧର ବାରିକଙ୍କ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।






### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିମ୍ନମାନର କାର୍ଯ୍ୟ

# ଫତେପୁର ନିକଟରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି

ଅସୁରାଳି,୧୪।୧୦(ସମିସ)



ସରକାରୀ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ରାସ୍ତାଘାଟର ସ୍ଥାୟିତ୍ୱ ଓ ଗୁଣବତ୍ତାକୁ ନେଇ ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ନିର୍ମିତ ଶ୍ରୀରାମପୁର-ପତ୍ରିସାହି (ଭାୟା ଫତେପୁର) ରାସ୍ତା ଚଳିତ ବନ୍ୟାରେ ସମ୍ପୂର୍ଣ୍ଣ ଧୋଇଯିବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଓ ଜନସାଧାରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଶ୍ରୀରାମପୁରରୁ ପତ୍ରିସାହି ପର୍ଯ୍ୟନ୍ତ ବିସ୍ତୃତ ଏହି ୩ କିଲୋମିଟର ୨୦୦ ମିଟର ଦୀର୍ଘ ରାସ୍ତାଟି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଯାତାୟାତର ପ୍ରମୁଖ ମାଧ୍ୟମ ଅଟେ। ମାତ୍ର ଚଳିତ ବନ୍ୟା ଜଳର ପ୍ରଭାବରେ ଫତେପୁର ନିକଟରେ ରାସ୍ତା ମଝିରେ ପ୍ରାୟ ୧୦୦ ଫୁଟ୍‌ର ଏକ ବିରାଟ ଘାଇ ସୃଷ୍ଟି ହୋଇଛି। ସବୁଆଡେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ କରିବା ସମ୍ଭବ ହେଉନାହିଁ। ଯାନବାହନ ଏବଂ ମୁଖ୍ୟତଃ ଆମ୍ବୁଲାନ୍ସ ମଧ ଯାଇପାରୁନାହିଁ। ରାସ୍ତାଟି ପ୍ରାୟ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିବାରୁ ଏହି ବାଟ ଦେଇ ଗାଡ଼ିମୋଟର ତଥା ପଦଚାରୀଙ୍କ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ କେତେକ ଗ୍ରାମର ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ଯୋଗୁଁ ଅତ୍ୟନ୍ତ ନିମ୍ନମାନର

### ଯୋଗାଯୋଗ ବିଚ୍ଛିନ୍ନ; ତୁରନ୍ତ ତଦନ୍ତ ଓ ମରାମତି ପାଇଁ ତୀବ୍ର ଦାବି

ସାମଗ୍ରୀ ବ୍ୟବହାର କରାଯାଇଥିଲା। ପ୍ରଶାସନିକ ଆକଳନ ଓ ବ୍ୟୟବରାଦ ଅନୁସାରେ ରାସ୍ତାର ସୁଦୃଢ଼ୀକରଣ କରାଯାଇ ନ ଥିବାରୁ ପ୍ରଥମ ବନ୍ୟାଜଳର ଧକ୍କା ସହି ନ ପାରି ରାସ୍ତାଟି ଏପରି ଭାବେ ଭାସିଗଲା। ସରକାରୀ ଅର୍ଥର ବାଟମାରଣା ଯୋଗୁଁ ଆଜି ନିରୀହ ଗ୍ରାମବାସୀ ଶାସ୍ତି ଭୋଗୁଛନ୍ତି ବୋଲି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସଂଗ୍ରହ ଓ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ପରିପ୍ରେକ୍ଷୀରେ, ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହାସହ ଯୁଦ୍ଧକାଳୀନ ଭିତ୍ତିରେ ଭଙ୍ଗା ରାସ୍ତାର ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦୃଢ଼ ଚେତାବନୀ ଦେଇଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ବାବା କାଞ୍ଚନ ଗଣେଶଙ୍କ ଆଡ଼ମ୍ବରପୂର୍ଣ୍ଣ ଭସାଣି



ଭଦ୍ରକ, ୧୪।୧୦ (ସମିସ): ଭଦ୍ରକ କୁଆଁସରେ ମାସେକାଳ ପୂଜା ପାଉଥିବା ବାବା କାଞ୍ଚନ ଗଣେଶଙ୍କ ଭସାଣି ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ପ୍ରଦେଶର କସାନା ଡିଜେ, ମଧ୍ୟପ୍ରଦେଶ ଉଜ୍ଜୈନ ଡମ୍ବରୁ ବାଜା, ଛତିଶଗଡ଼ର ରଙ୍ଗୋଲି ନୃତ୍ୟ, କଳାହାଣ୍ଡି କଟପ୍ପା ନୃତ୍ୟ, ବଲାଙ୍ଗିର ଦୁଲଦୁଲି, ସମ୍ବଲପୁର ଶିଙ୍ଗ ବାଜା, ବରଗଡ଼ ଘଣ୍ଟ, ଢେଙ୍କାନାଳ ମେଲୋଡ଼ି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଶେଷରେ ବିସର୍ଜନ କରାଯାଇଥିଲା। ଏହି ବିସର୍ଜନ ଉତ୍ସବରେ ପୂଜା କମିଟି ଉପଦେଷ୍ଟା ଆଶିଷ ରାଉତ, ଆଶୁତୋଷ ପଣ୍ଡା, ସଭାପତି ଚିରାଗ ଦେଶାଇ, ସମ୍ପାଦକ ତପେସ ଦାସ, ସଦସ୍ୟ ଅଭିମନ୍ୟୁ ବେହେରା, ଅଜିତ୍ ମାଝୀ, ଖଗେଶ୍ୱର ମହାଳିକ, କାର୍ତ୍ତିକ ମହାଳିକ, ସୁମନ ମହାପାତ୍ର, ରବୀନ୍ଦ୍ର ସାହୁ, ନିର୍ମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସେବା ସେତୁ ଶିବିରରେ ୧୭୪ ଅଭିଯୋଗ



ବାରିକପୁର,୧୪।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସମ୍ମିଳନୀ କକ୍ଷରେ ବୁଧବାର ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ, ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତିକାନ୍ତ ସାମଲ, ଅତିରିକ୍ତ ତହସିଲ୍‌ଦାର ବିକ୍ରମ ମଲ୍ଲିକ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସରୋଜ ରାଉଳ ପ୍ରମୁଖ ଯୋଗଦେଇଥିଲେ। ସେବା ସଙ୍କଳ୍ପ ଅଭିଯାନ ଉପଲକ୍ଷେ ଆୟୋଜିତ ହୋଇଥିବା ଉକ୍ତ ବ୍ଲକ୍‌ସ୍ତରୀୟ ଶିବିରରେ ୧୭୪ଟି ଆପତ୍ତି ଅଭିଯୋଗ ହୋଇଥିଲା। ଯାହାକି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅଭିଯୋଗଠାରୁ ବଳିଯାଇଥିବା କୁହାଯାଇଛି। ବିଶେଷକରି ଆବାସ ଗୃହ ବଣ୍ଟନ, ଭତ୍ତା ଓ ରାସନ କାର୍ଡ ବାବଦରେ ଲୋକେ ଅଭିଯୋଗ କରିଥିଲେ। ସରକାରୀ ଯୋଜନାଗୁଡ଼ିକ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ଓ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧାସୁଯୋଗ ପ୍ରଦାନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାଂସଦ ମତପ୍ରକାଶ କରିଥିଲେ। ସମ୍ପ୍ରତି ବ୍ଲକ୍‌ରେ ରାସନ କାର୍ଡ ସମସ୍ୟାକୁ ନେଇ ଶିବିରକୁ ଆସିଥିବା ଅନେକ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ।

## ଭଦ୍ରକରେ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ



ଭଦ୍ରକ,୧୪।୧୦(ସମିସ): ସରକାରଙ୍କ ପକ୍ଷରୁ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ'ର ଅଂଶବିଶେଷ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀ ଯୋଗଦେଇଥିଲେ। ସମସ୍ତେ ମିଳିତ ଭାବେ ବିଭିନ୍ନ ରଙ୍ଗ, ଫୁଲ ଓ ପତ୍ରର ବ୍ୟବହାର କରି ଏକ ଆକର୍ଷଣୀୟ ରଙ୍ଗୋଲି ଅଙ୍କନ କରିଥିଲେ। ଏହି ଅବସରରେ ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ ଓ ବୃତ୍ତିଗତ ବିକାଶକୁ ଗୁରୁତ୍ୱ ଦେଇ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ ହସ୍ତଶିଳ୍ପୀ ଅଭିବୃଦ୍ଧି ଯୋଜନା' ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ, ଭଦ୍ରକ ଉପନିବନ୍ଧକ ସମବାୟ ସମିତି ଦୁଃଖିଆ ଟୁଡୁ, ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର, ବାଲେଶ୍ୱର କାର୍ଯ୍ୟାଳୟର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ତାରିଣୀ ପ୍ରସାଦ ଛାଟୋଇ, ବୟନ ନିରୀକ୍ଷକ ସିଦ୍ଧାର୍ଥ ମୋହନ ପଣ୍ଡା ଏବଂ ବୈଷୟିକ ସହାୟକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କ ଜୀବିକା ଓ ଦକ୍ଷତାର ବିକାଶ ଦିଗରେ ଏଭଳି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହୋଇଛି।

## ଇନ୍‌ଟାକ୍ ଚାପ୍ଟର ଭଦ୍ରକର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,୧୪।୧୦(ସମିସ)

ଭଦ୍ରକ ଇନ୍‌ଟାକ୍ ଚାପ୍ଟର ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ କୁଆଁସ ନିତ୍ୟାନନ୍ଦ ଭବନଠାରେ ଶାଖାର କନ୍‌ଭେନର ଅବସରପ୍ରାପ୍ତ ଜିଲ୍ଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କୋ-କନ୍‌ଭେନର ପ୍ରଭାକର ମଲ୍ଲିକ ତଥା ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଗୋଲକବିହାରୀ ସାହୁ, ଅଜିତ୍ ନାୟକ, ମୁକ୍ତିକାନ୍ତ ମହାପାତ୍ର ଓ କରୁଣାକର ଉପାଧ୍ୟାୟ ମଞ୍ଚାସୀନ ହୋଇ ସଭା ପରିଚାଳନାରେ ସହଯୋଗ କରିଥିଲେ। ଇତିମଧ୍ୟରେ ସ୍ୱର୍ଗବାସୀ ହୋଇଥିବା ସଭ୍ୟ ଅଭିମନ୍ୟୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

ସର୍ବପ୍ରଥମେ ଇନ୍‌ଟାକ୍‌ର ଦିଲ୍ଲୀସ୍ଥିତ ମୁଖ୍ୟ ଶାଖା ତରଫରୁ ନୂଆକରି ହୋଇଥିବା ଆଜୀବନ ସଭ୍ୟ ଓ ସାଧାରଣ ସଭ୍ୟମାନଙ୍କର ବାର୍ଷିକ ନବୀକରଣ ଦେୟ ବୃଦ୍ଧି କରାଯାଇଥିବାରୁ ସର୍ବସମ୍ମତିକ୍ରମେ ଏହା ଘୋର୍ ବିରୋଧ କରାଯାଇ ପୂର୍ବ ନିର୍ଦ୍ଧାରିତ ଦେୟ ରାଶି କାଏମ୍ ରଖିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା। ଭଦ୍ରକ ଶାଖା ଇନ୍‌ଟାକ୍‌ର ବାର୍ଷିକ ଉତ୍ସବ ଆସନ୍ତା ଡିସେମ୍ବର ୧୩ ତାରିଖରେ କରାଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା। ଏହି ଉଦ୍ଦେଶ୍ୟରେ ଆସନ୍ତା ନଭେମ୍ବର ୨୨ ତାରିଖରେ ସ୍ଥାନୀୟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଦ୍ରକର ଐତିହାସିକ ଓ ସଂସ୍କୃତି ବିଷୟବସ୍ତୁ ଉପରେ ବକ୍ତୃତା




ପ୍ରତିଯୋଗିତା କରାଯାଇ ସେମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବାକୁ ସ୍ଥିର କରାଗଲା। ଏହାର ସୁପରିଚାଳନା ପାଇଁ ୨୫ଜଣ ସଭ୍ୟଙ୍କୁ ନେଇ ଗୋଟିଏ ଷ୍ଟିୟରିଙ୍ଗ୍ କମିଟି ଗଢ଼ାଗଲା। ଏହାଛଡ଼ା ଭଦ୍ରକରେ ଲୋକଲୋଚନକୁ ଆସିପାରି ନ ଥିବା ଐତିହ୍ୟସ୍ଥଳୀଗୁଡ଼ିକୁ ଚିହ୍ନଟ କରାଯିବା ପାଇଁ ଅନ୍ୟ ଏକ ୧୫ଜଣିଆ କମିଟି ଗଢ଼ାଗଲା। ବୈଠକରେ ସର୍ବଶ୍ରୀ ସଂଗ୍ରାମ ସାହୁ, ଯୁଧିଷ୍ଠିର ବାରିକ, ଆଦିତ୍ୟ ନାୟକ, ପଦ୍ମନାଭ ନାୟକ, ସୁଧାକର ରାଉତ, ବାଦଲ କିଶୋର ମହାପାତ୍ର, ଅରବିନ୍ଦ ବସନ୍ତରାୟ, ବାବୁଲାଲ୍ ଦାସ, ସୁଦାମ ଚରଣ ଦାସ, କାଶୀନାଥ ପଣ୍ଡା, ଆଦିତ୍ୟ ଗାସ୍ୱାମୀ, ହୃଷୀକେଶ ମହାନ୍ତି, ଶାନ୍ତନୁ ରାଉତ, ଲକ୍ଷ୍ମଣ ମହାନ୍ତି, ଚିତ୍ତରଞ୍ଜନ ବରାଳ, ବିଜୟ ମହାନ୍ତି, ରବୀନ୍ଦ୍ର ମହାରଣା, ଚନ୍ଦ୍ରମୋହନ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ଦୁଃଶାସନ ମହାନ୍ତି, ତାରକଦାସ ଆଢ୍ୟ, ଗୋପାଳ ଚରଣ ସେଠୀ, ହରେକୃଷ୍ଣ ସାହୁ, ଅକ୍ଷୟ ହୋତା, ପ୍ରଦୀପ୍ତ ଦାସ, ସଂଗ୍ରାମକେଶରୀ ଦାସ, ରତିକାନ୍ତ ମହାନ୍ତି, ଗୟାଧର ପଣ୍ଡା, ସନ୍ତୋଷ ମହାନ୍ତି, ସୁରେଶ ସାହୁ, ମଦନମୋହନ ନାୟକ, ସ୍ନେହଲତା ବେହେରା, ବିଚିତ୍ରାନନ୍ଦ ମହାନ୍ତି, ଦଲ୍ଲୀପ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶୀ ପାଣିଗ୍ରାହୀ, ଶରତ ସାହୁ, ଭାରତ ବାଇ, କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭ୍ୟ ରାମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କିରାଣିଙ୍କ ପରଲୋକ



ଭଦ୍ରକ,୧୪।୧୦(ସମିସ): ରାଜ୍ୟ ପରିବହନ ନିଗମର ଅବସରପ୍ରାପ୍ତ ମୁଖ୍ୟ କିରାଣି ତଥା ଭଦ୍ରକ ସହର ୧୧ ନମ୍ବର ୱାର୍ଡ ନରୀପୁର(ଅସ୍ତଳ) ନିବାସୀ ରବୀନ୍ଦ୍ରନାଥ ଦାସଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଜଣେ ଶାନ୍ତ, ସରଳ ତଥା ଅମାୟିକ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଛବିଲତା ଦାସ, ପୁତ୍ର ରୂପକ, ତନ୍ମୟ, ସୌଭାଗ୍ୟଙ୍କ ସମେତ ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ ଶରୀରକୁ ଶୋଭାଯାତ୍ରାରେ ଗାନ୍ଧୀପଡ଼ିଆ ଶ୍ମଶାନଘାଟକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ରୂପକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ କାଉନ୍‌ସିଲରଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସ, ରାକେଶ ପଣ୍ଡା, ନରେଶ ସାହୁ, ଦିଲ୍ଲୀପ ସାହୁ, ପରେଶ ମହାନ୍ତି, ସନିଆ ନନ୍ଦ, ଦୀପୁ ଷଣ୍ଢ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ଦେହାନ୍ତ



ଭଦ୍ରକ,୧୪।୧୦(ସମିସ): ଭଦ୍ରକ ଜଗନ୍ନାଥପୁର ବାସିନ୍ଦା ତଥା ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ କନ୍ୟା ତଥା ପୂର୍ବତନ ଭିଜିଲାନ୍ସ ବିଭାଗର ଏସ୍‌ପି ମହେଶ ଚନ୍ଦ୍ର ମହାନ୍ତିଙ୍କ ସହଧର୍ମିଣୀ ସ୍ନେହଲତା ମହାନ୍ତିଙ୍କର କଟକରେ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଜିନ୍ଦଲ କମ୍ପାନୀର ଡିଜିଏମ୍ ଜଗଦୀଶ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ୟତମ ପୁତ୍ର ହରିଶ, କନ୍ୟା ମଧୁଛନ୍ଦା ଓ ଜାମାତା ପ୍ରଭୃତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଭଦ୍ରକ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଭଦ୍ରକ,୧୪।୧୦(ସମିସ): ହନୁମାନଜୀଉ ଉଚ୍ଚ ବିଦ୍ୟାଳୟ ତତ୍ତ୍ୱାବଧାନରେ ରେଳବାଇ ପଡ଼ିଆରେ ୭୦ତମ ଭଦ୍ରକ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ପ୍ରଫୁଲ୍ଲ କୁମାର ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡ଼ାର ଆବଶ୍ୟକତା, ଶୃଙ୍ଖଳା ତଥା ଚରିତ୍ର ଗଠନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ କେନ୍ଦୁଆପଦା ହାଇସ୍କୁଲର ପ୍ରଧାନଶିକ୍ଷକ ଶଶୀଶେଖର କରଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଶଶୀକାନ୍ତ ବେହେରା ସଭା ସଞ୍ଚାଳନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍‌ରୁ ୬୦୫ ଜଣ ପ୍ରତିଯୋଗୀ, ୧୩୭ ଜଣ ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ। କ୍ରିକେଟ୍, ଖୋଖୋ, କବାଡ଼ି ଓ ଭଲିବଲ ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ଏଥିରେ ପ୍ରଧାନଶିକ୍ଷକ ନରେନ୍ଦ୍ରପ୍ରସାଦ ସାହୁ, ଭୀମଚରଣ ପରିଡ଼ା, ସମରେନ୍ଦ୍ରନାଥ ମିଶ୍ର, ଉମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦେଶୀ ମଦ ଜବତ; ୨ ମହିଳା ଗିରଫ



ବନ୍ତ/ଆଗରପଡ଼ା,୧୪।୧୦(ସମିସ): ବନ୍ତ ଥାନା ଅଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ବେଆଇନ ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଦୁଇଜଣ ମହିଳାଙ୍କୁ ଗିରଫ କରିଥିବାର ଜଣାପଡ଼ିଛି। ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ପୁଲିସ ଟିମ୍ ଚଣ୍ଡୀପୁର ଗାଁରେ ରହୁଥିବା ଜୟନ୍ତୀ ବେହେରା ଓ ଶର୍ମିଳା ବେହେରାଙ୍କ ଘର ସମ୍ମୁଖରେ ମଦ ବିକ୍ରି ହେଉଥିବାର ଖବର ପାଇଥିଲେ। ଏସ୍‌ଆଇ ଅସ୍ମିତା ପ୍ରଧାନ, ଏଏସ୍‌ଆଇ ମନମୋହନ ବାରିକ ପ୍ରମୁଖ ଏହି ଚଢ଼ଉରେ ସାମିଲ୍ ଥିଲେ। ଘଟଣାସ୍ଥଳରୁ ୩୪୦ଟି ପଲିଥିନ୍ ପାଉଚ୍ ଏବଂ ୩ଟି ପ୍ଲାଷ୍ଟିକ୍ ଜାର୍‌ରେ ରଖାଯାଇଥିବା ପ୍ରାୟ ୭୬.୨୦୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏ ସମ୍ପର୍କରେ ଥାନା କେସ୍ ନଂ ୨୯୬/୨୬ କ୍ରମେ ମାମଲା ରୁଜୁ କରି ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଆସିଲାଣି ପାର୍ବଣ: ଚୋରା ମଦରେ ଉବୁଟୁବୁ ବେତାଳିଗାଁ, ଅସୁରାଳି ଓ କୋଠାର

ଅସୁରାଳି,୧୪।୧୦(ସମିସ): ଆସୁଛି ପବିତ୍ର ପାର୍ବଣ ଋତୁ। ଚାରିଆଡ଼େ ଆନନ୍ଦ ଓ ଉଲ୍ଲାସର ପରିବେଶ ରହିବା କଥା। କିନ୍ତୁ ଧାମନଗର ବ୍ଲକ୍ ଅଧୀନ ବେତାଳିଗାଁ, ଅସୁରାଳି ଏବଂ ସହିଦ୍ ନଗର, କୋଠାର, ନଦୀଗାଁ, ଶ୍ରୀରାମପୁର, କଣ୍ଟିକା ଅଞ୍ଚଳରେ ବେଧଡ଼କ ଭାବେ ବଢ଼ିଚାଲିଛି ଚୋରା ନିଶା ଓ ମଦ କାରବାର। ଅବକାରୀ ବିଭାଗର ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଓ ଦାୟିତ୍ୱହୀନତାର ସୁଯୋଗ ନେଇ କିଛି ଅସାଧୁ ବେପାରୀ ନିଜର ବ୍ୟବସାୟ ବଢ଼ାଇ ଚାଲିଛନ୍ତି। ମଙ୍ଗଳପୁର, କଲ୍ୟାଣୀ, ମାଙ୍କିଡ଼ିଆ, ନନ୍ଦ ବଜାର, କୋରୁଆ, ଗୋବିନ୍ଦପୁର, ମଙ୍ଗଳପୁର ଛକ ପାୟସାହି ଅଞ୍ଚଳରେ ଖୋଲାଖୋଲି ଭାବେ ବ୍ରାଉନ୍‌ସୁଗର, ଭାଙ୍ଗ ଓ ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଯୁବପିଢ଼ିଙ୍କୁ ଟାର୍ଗେଟ୍ କରି ଏହି କାରବାର ଚାଲିଥିବାବେଳେ ଏହାର ପ୍ରଭାବରେ ଅଞ୍ଚଳର ଶିକ୍ଷିତ ଯୁବକ, ଦିନମଜୁରିଆ ଏପରିକି ବହୁ ନାବାଳକ ମଧ୍ୟ ଏହି ନିଶାର କବଳରେ ପଡ଼ି ନିଜର ଭବିଷ୍ୟତ ନଷ୍ଟ କରୁଛନ୍ତି। ଅଧିକ ମାତ୍ରାରେ ନିଶା ସେବନ କରି ଅନେକ ଯୁବକ ଘରକୁ ମଧ୍ୟ ଫେରିପାରୁନାହାନ୍ତି। ଯାହାଫଳରେ ପ୍ରତିଦିନ ପାରିବାରିକ ଅଶାନ୍ତି ଓ ବିବାଦ ମୁଣ୍ଡ ଟେକୁଛି। ଦୋକାନ ବଜାରଠାରୁ ଆରମ୍ଭ କରି ପବିତ୍ର ମନ୍ଦିର ପରିସର ପର୍ଯ୍ୟନ୍ତ ଏହି ନିଶାଡ଼ିମାନେ ନିର୍ଭୟରେ ଉତ୍ପାତ ଚଳାଇଛନ୍ତି।

ମନ୍ଦିରର ହବନ, ପୂଜା ସାମଗ୍ରୀ ଓ ଠାକୁରଙ୍କ ଗହଣା ଆଦି ଚୋରି ହେବା ସହ ହାଟ-ବଜାରରେ ସାଧାରଣ ଲୋକଙ୍କ ମୋବାଇଲ୍ ଓ ପର୍ସ ଛିନ୍‌ତାଇ ଭଳି ଅଘଟଣ ବୃଦ୍ଧି ପାଉଛି। ମନ୍ଦିର ନିକଟରେ ଏପରି ଅସାମାଜିକ କାର୍ଯ୍ୟକଳାପ ଦେଖି ସାଧାରଣ ଜନତା ଏବଂ ମନ୍ଦିର କମିଟି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଏତେ ସବୁ ବଡ଼ ବଡ଼ ଅପରାଧ ଏବଂ ବିନା ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଖୋଲାଖୋଲି ଚାଲିଥିଲେ ମଧ୍ୟ ଅବକାରୀ ଏବଂ ପୁଲିସ ପ୍ରଶାସନର ଏହା ଉପରେ କୌଣସି ନଜର ନାହିଁ। କେବଳ କିଛି ସ୍ଥାନୀୟ ଛୋଟ ମଦ ବେପାରୀଙ୍କୁ ନାମକୁ ମାତ୍ର ଧରି ଦେଖାଇ ହେଉଥିବାବେଳେ ପ୍ରକୃତ ମାଷ୍ଟରମାଇଣ୍ଡମାନେ ସୁରକ୍ଷିତ ରହୁଛନ୍ତି। ପାର୍ବଣ ଋତୁ ଆସିଥିବାରୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ତୁରନ୍ତ ଏହି ଚୋରା ମଦ କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ଦାବି ହେଉଛି।

# ଶ୍ୟାମପୁରରେ ଦୁର୍ଗାପୂଜା: ୧୨୧ ବର୍ଷର ପରମ୍ପରା

ଧାମନଗର,୧୪।୧୦(ସମିସ)



ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଉତ୍ସବମୁଖର ହୋଇଉଠିଛି ଧାମନଗର ସହର। ଧାମନଗର ଏନ୍‌ଏସି ଅଞ୍ଚଳର ଶ୍ୟାମପୁର ଗାଁରେ ଥିବା ଆଦ୍ୟ ଦୁର୍ଗା ତାମିଲ ସାହି ମେଢ଼ର ପରମ୍ପରା ସ୍ୱତନ୍ତ୍ର। ୧୯୦୫ରୁ ଏଠାରେ ମା' ଦୁର୍ଗାଙ୍କ ପୂଜା ହୋଇଆସୁଥିବା ବେଳେ ଦୀର୍ଘ ୧୨୧ ବର୍ଷ ଧରି ଏହି ପରମ୍ପରା ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଆସୁଛି। ପିଢ଼ି ପରେ ପିଢ଼ି ଏହି ପୂଜାର ଦାୟିତ୍ୱ ତୁଲାଇ ଆସୁଥିବା ରାମ ପରିବାର ଏବେ ମଧ୍ୟ ପରମ୍ପରାକୁ ବଜାୟ ରଖିଛନ୍ତି।

ଲୋକଙ୍କ ମତ ଅନୁଯାୟୀ, ରାମ ପରିବାରର ପୂର୍ବପୁରୁଷ ଖୋଷାଲ ରାମ ପଶ୍ଚିମବଙ୍ଗରୁ ଆସି ଧାମନଗର ଅଞ୍ଚଳରେ ବସବାସ କରିଥିଲେ। ସେତେବେଳେ କନିକା ରାଜାଙ୍କ ଅଧୀନରେ ରାଜସ୍ୱ ଆଦାୟ କାର୍ଯ୍ୟ ସହ ସେମାନଙ୍କ ପରିବାର ଜଡ଼ିତ ଥିବା କୁହାଯାଏ। ପରେ ଏହି ପରିବାର ଏଠାରେ ସ୍ଥାୟୀ ଭାବେ ରହିବା ସହ ମା' ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ। ସେତେବେଳେ କାଗଜରେ ଜମି ପଟ୍ଟା ଦେବାର ପ୍ରଚଳନ ନ ଥିବାରୁ କନିକା ରାଜା ତାମ୍ରପତ୍ରରେ ମା' ଦୁର୍ଗାଙ୍କ ନାମରେ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଥିବା ପରିବାର ପକ୍ଷରୁ କୁହାଯାଏ। ପ୍ରଥମେ ବାଉଁଶବାଡ଼ି ମଧ୍ୟରେ ଥିବା ଏକ ଅସ୍ଥାୟୀ ନଡ଼ା ଛପର ଘରେ ମା'ଙ୍କ ପୂଜା କରାଯାଉଥିଲା। ବାଉଁଶ କାଟି ସେହି ସ୍ଥାନରେ ମୂର୍ତ୍ତି ନିର୍ମାଣ କରାଯାଇ ପାରମ୍ପରିକ ରୀତିନୀତିରେ ପୂଜା ହେଉଥିଲା। ସେତେବେଳେ ମେଢ଼, ପୂଜା ଓ ଭସାଣିକୁ ମିଶାଇ ମୋଟ ଖର୍ଚ୍ଚ ପ୍ରାୟ ୨୦ ଟଙ୍କା ହେଉଥିଲା। ଏବେ ଏହି ପୂଜା ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ହେଉଛି। ସମୟ ବଦଳିବା ସହ ପୂଜା ମଣ୍ଡପର ରୂପରେଖ ବଦଳିଥିଲେ ମଧ୍ୟ ପରମ୍ପରା ଓ ରୀତିନୀତିରେ ବିଶେଷ ପରିବର୍ତ୍ତନ ହୋଇନାହିଁ।

### ■ ୧୯୦୫ରୁ ନଅ ପିଢ଼ି ଧରି ଚାଲିଛି ପୂଜା

### ■ ଦଶହରା ଦିନ ହିଁ ମା'ଙ୍କ ଭସାଣି ହୁଏ

ଏହି ପୂଜାର ଅନ୍ୟତମ ଆକର୍ଷଣ ହେଉଛି ମା'ଙ୍କ ବିସର୍ଜନ ଓ ଭସାଣି। ଦଶହରା ଦିନ ବିସର୍ଜନ ପରେ ସଙ୍ଗେ ସଙ୍ଗେ ଭସାଣି କରାଯାଏ। ମା'ଙ୍କୁ ଗାଡ଼ିରେ ନ ନେଇ କାନ୍ଧରେ ବୋହି ନିଆଯିବା ଏଠାକାର ଏକ ନିଆରା ପରମ୍ପରା। ଗାଡ଼ିରେ ମା'ଙ୍କୁ ନେଲେ ଅଞ୍ଚଳର କ୍ଷତି ହେବ ବୋଲି ଏଠାରେ ଏକ ପାରମ୍ପରିକ ବିଶ୍ୱାସ ରହିଛି। ସେହିପରି ବିସର୍ଜନ ପରେ ମା'ଙ୍କୁ ମଣ୍ଡପରେ ରଖାଯାଏ ନାହିଁ। ଏହି ପରମ୍ପରାକୁ ପରିବାର ଓ ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ପାଳନ କରିଆସୁଛନ୍ତି।

ମହାଳୟାଠାରୁ ରାମ ପରିବାର ପକ୍ଷରୁ ନିୟମାନୁସାରେ ହବିଷ୍ୟାନ୍ନ ଗ୍ରହଣ କରାଯାଏ। ଷଷ୍ଠୀ ଦିନ ମାଟି ଉଠାଇ ବିଲ୍ୱାଧିବାସ କରାଯାଏ। ସପ୍ତମୀ ପ୍ରାତଃ ସମୟରେ କଳସ ଶୋଭାଯାତ୍ରା ଓ ଘଟସ୍ଥାପନ ପରେ ପୂଜା ଆରମ୍ଭ ହୁଏ। ଷୋଡ଼ଶ ଉପଚାରରେ ଦୈନିକ ଦୁଇଥର ମା'ଙ୍କ ପୂଜା କରାଯାଏ। ଦଶହରା ଦିନ ପୂଜା ସମାପନ ପରେ ବିସର୍ଜନ ଓ ଭସାଣି ଅନୁଷ୍ଠିତ ହୁଏ। ଏହି ସମୟରେ ଡିଜେ, କୀର୍ତ୍ତନ, ଢୋଲ ଆଦି ବାଦ୍ୟରେ ପରିବେଶ ଭକ୍ତିମୟ ହୋଇଉଠେ। ଏଠାରେ ୫ଜଣ ପୂଜକ ମା'ଙ୍କ ପୂଜା କରୁଥିବାବେଳେ ସିନ୍ଧୁ ତିଆଡ଼ି ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସୂର୍ଯ୍ୟମଣି ବାରିକ ମେଢ଼ ନିର୍ମାଣ କରୁଛନ୍ତି। ଦେବେନ୍ଦ୍ର ରାମ ଓ ଲକ୍ଷ୍ମୀପ୍ରିୟା ରାମ ପୂଜାର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଖୋଷାଲ ରାମଙ୍କଠାରୁ ଆରମ୍ଭ ହୋଇଥିବା ଏହି ପୂଜା ପରମ୍ପରାକୁ ମୋହନି ରାମ, ଫକୀର ରାମ, ମଦନ ରାମ, ଶୁକଦେବ ରାମ, ନରେନ୍ଦ୍ର ରାମ, କେଦାର ରାମ ଓ ସୁରେନ୍ଦ୍ର ରାମଙ୍କ ପରେ ଏବେ ଦେବେନ୍ଦ୍ର ରାମ ଆଗକୁ ବଢ଼ାଉଛନ୍ତି। ପୁରୁଣା ପରମ୍ପରା, ପରିବାରର ନିଷ୍ଠା ଓ ଅଞ୍ଚଳବାସୀଙ୍କ ଭକ୍ତିକୁ ନେଇ ଶ୍ୟାମପୁରର ଆଦ୍ୟ ଦୁର୍ଗା ତାମିଲ ସାହି ମେଢ଼ ଆଜି ମଧ୍ୟ ଧାମନଗର ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି।

ସକାଳ
THE SAKALA



## ଆନନ୍ଦପୁର କଲେଜ କ୍ୟାମ୍ପସ୍‌ରେ ନିର୍ବାଚନୀ ତାତି

# ବିଜୁ ଛାତ୍ର ଜନତା ସମ୍ପାଦକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ





ଆନନ୍ଦପୁର, ୧୪।୧୦ (ସମିସ)

ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ଆନନ୍ଦପୁର କଲେଜ କ୍ୟାମ୍ପସରେ ହ୍ୱାଟ ଆଇ ଷ୍ଟାଣ୍ଡ ଫର ପ୍ଲାଟଫର୍ମ ସ୍ୱିଚ ସରିବା ପରେ ବିଜୁ ଛାତ୍ରଜନତା ଦଳର ସଭାପତି ପ୍ରାର୍ଥୀ ପ୍ରକାଶଚନ୍ଦ୍ର ସାହୁ ଉପସଭାପତି ପ୍ରାର୍ଥୀ ସବ୍ୟସାଚୀ ବେହେରା ଡୋର ଷ୍ଟେପରେ ପ୍ରଚାରକୁ ଜୋରଦାର କରିଥିଲେ। ଏହି ନିର୍ବାଚନରେ ବିଜୁଛାତ୍ର ଜନତା ଦଳର କାର୍ତ୍ତିକ ଜେନା ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡରେ ଆନନ୍ଦପୁର ମହାବିଦ୍ୟାଳୟ, କୁଶଲେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ, କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ଓ ହାଟଡିହି କଲେଜରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ଆନନ୍ଦପୁର ମହାବିଦ୍ୟାଳୟ ବିଜୁ ଛାତ୍ର ଜନତା ଦଳ ଛାତ୍ରଛାତ୍ରୀମାନଙ୍କର ଆଜି ଶେଷ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସେହିପରି ଆନନ୍ଦପୁର ଉପଖଣ୍ଡରେ ଏବିଭିପିର ପୂର୍ବତନ ଛାତ୍ରନେତା ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ସାଳପଡ଼ା ଜଗନ୍ନାଥ ମନ୍ଦିର ନିକଟରେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହାକୁ ଛାତ୍ରନେତା ପ୍ରସନ୍ନଜିତ୍ ସାହୁ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ଶ୍ରୀ ସାହୁଙ୍କ ନେତୃତ୍ୱରେ ମଧ୍ୟ ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରାର୍ଥୀ ନିର୍ବାଚନ ଲଢ଼ୁଛନ୍ତି। କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସଂସଦ ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି। ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ସଭାପତି ବିଚିତ୍ର ଚକ୍ର, ବିଦ୍ୟାର୍ଥୀ ପରିଷଦର ପୂର୍ବ କାର୍ଯ୍ୟକର୍ତ୍ତା ଧବଳେଶ୍ୱର ସାହୁ, ସନ୍ଦୀପ ଜେନା, ସମାଜସେବୀ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରୁଥିବାରୁ ନାରୀନେତ୍ରୀ ଜ୍ୟୋସ୍ନାରାଣୀ ଭୂତିଆ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନେତ୍ରୀ ମୋନାଲିସା ସାହୁ ଉପସ୍ଥିତ ଛାତ୍ରୀଙ୍କୁ ସମ୍ବୋଧିତ କରି କହିଥିଲେ ସ୍ୱରାଜ ଆମ ଅଧିକାର। ଏହା ହାସଲ ହୋଇଛି। ଛାତ୍ର ନେତୃତ୍ୱ ମାଧ୍ୟମରେ କଲେଜ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସେ କହିଥିଲେ। ସେହିପରି ଗୀତା ହାଁସଦା ଓ ବର୍ଷାରାଣୀ ସାହୁ କହିଲେ, ଏହି ବିଦ୍ୟାର୍ଥୀ ନେତୃତ୍ୱ ହିଁ ଆଗାମୀ ଦିନରେ ରାଜ୍ୟ ଓ ଦେଶର ନେତୃତ୍ୱ ନେବ।

## ପ୍ରତିଶ୍ରୁତିପୂର୍ଣ୍ଣ ଭାଷଣ ଭିତରେ ଭୋଟ୍‌ର ଅଙ୍କକଷା




**ତୁରୁମୁଙ୍ଗା, ୧୪।୧୦(ସମିସ):** କେନ୍ଦୁଝର ଜିଲ୍ଲା ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସରେ ରାଜନୈତିକ ଉତ୍ସାହ ବଢ଼ିଛି। ବିଭିନ୍ନ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍



କାର୍ଯ୍ୟକ୍ରମରେ ନିଜ ନିଜର ଯୋଜନା ଓ ପ୍ରତିଶ୍ରୁତି ଉପସ୍ଥାପନ କରିବା ପରେ ଏବେ ଭୋଟ ହାତେଇବାକୁ ଉଭୟ ଶିବିରରେ ଅଙ୍କକଷା ଜୋରଦାର ହୋଇଛି।

ବୁଧବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗନ୍ନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ ବଜେନ୍ଦ୍ର କୁମାର ପତିପରିଚାଳନା କରିଥିବାବେଳେ ନିର୍ବାଚନ ଅଧିକାରୀ ହଳଧର ସାହୁ ଓ ସହଯୋଗୀ ଅଧିକାରୀ ଡ. ହୃଦାନନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ। ଏବିଭିପି ସମର୍ଥିତ ସଭାପତି ପ୍ରାର୍ଥୀ ପୁଣ୍ୟବନ୍ତ ପ୍ରଧାନ ସ୍ୱଚ୍ଛ କ୍ୟାମ୍ପସ, ପାଠାଗାରର ବିକାଶ, ପାନୀୟଜଳ ସୁବିଧା ଓ ରାଗିଂମୁକ୍ତ ପରିବେଶ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷରେ ବିସିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ଶୁଭମ କୁମାର ମହାନ୍ତ କଲେଜର ଖାଲି ଅଧ୍ୟାପକ ପଦ ପୂରଣ ସହ କ୍ୟାଣ୍ଟିନ ଓ କମନ୍ ରୁମ୍ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱାଧୀନ ସଭାପତି ପ୍ରାର୍ଥୀ ସଲୋନି ତ୍ରିପାଠୀ ଦଳୀୟ ସମର୍ଥନ ବିନା ମଧ୍ୟ କଲେଜର ବିକାଶ ସମ୍ଭବ ବୋଲି ମତ ରଖିଥିଲେ। ସେହିପରି ବିସିଜେଡି ସମର୍ଥିତ ସମ୍ପାଦକ ପ୍ରାର୍ଥୀ ଅଙ୍କିତା ବାରିକ କ୍ୟାମ୍ପସରେ ପାନ ଓ ଗୁଟ୍‌ଖା ବ୍ୟବହାର ବନ୍ଦ କରିବା ସହ କ୍ୟାଣ୍ଟିନ ଓ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ। ଏବିଭିପି ସମର୍ଥିତ ସମ୍ପାଦକ ପ୍ରାର୍ଥୀ ଆକାଶ ପାତ୍ର ଅଧ୍ୟାପକ ଅଭାବ ସମେତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନକୁ ନିଜ ପ୍ରାଥମିକତା ବୋଲି ଉଲ୍ଲେଖ କରିଥିଲେ।

## କଳିଙ୍ଗ ଡିଗ୍ରୀ କଲେଜ: ମଇଦାନରେ ୨୨ ପ୍ରାର୍ଥୀ, ଦୃଢ଼ ସ୍ଥିତିରେ ବିସିଜେଡି



**ବିଶୋଇ,୧୪।୧୦(ସମିସ):** ଆଜି ଛାତ୍ରସଂସଦ ନିର୍ବାଚନ ଥିବାବେଳେ ବିଶୋଇ ବ୍ଲକ ମଣଦାସ୍ଥିତ କଳିଙ୍ଗ ଡିଗ୍ରୀ କଲେକରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବ। କଲେଜ ଅଧ୍ୟକ୍ଷ ଭୂପତି କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଗତ ୯ ତାରିଖ ନାମାଙ୍କନ ପତ୍ର ଦାଖଲ ଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ନିର୍ବାଚନୀ ପ୍ରକ୍ରିୟା ଶାନ୍ତିଶୃଙ୍ଖଳା ପ୍ରକ୍ରିୟାରେ ସମାପନ ହୋଇଛି। ଏହି କଲେଜର ପ୍ରଥମଥର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଉଥିବାବେଳେ ପ୍ରଥମ ନିର୍ବାଚନରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଛାତ୍ରଛାତ୍ରୀ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଛି। କଲେଜ ପଦବୀର ବିଜୟ ଅପେକ୍ଷା ନିଜ ସମ୍ମାନକୁ ରକ୍ଷା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କଲେଜରେ ୬ଟି ପଦବୀରେ ସମୁଦାୟ ୨୨ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିସିଜେଡିର ସ୍ଥିତି ସୁଦୃଢ଼ ଥିବା ଦଳ ପକ୍ଷରୁ ଦାବି କରାଯାଇଛି। କଳିଙ୍ଗ ଡିଗ୍ରୀ କଲେକ ସାରସକଣା ନିର୍ବାଚନ ମଣ୍ଡଳୀ ଅଧିନ ଥିବାବେଳେ ଏହି ନିର୍ବାଚନ ମଣ୍ଡଳୀ ଏକ ଦଶନ୍ଧି ଧରି ବିଜେପି ଗଡ଼ ରହି ଆସିଛି। ତେଣୁ ନିଜର ସମ୍ମାନକୁ ବଜାୟ ରଖିବା ପାଇଁ ଏବିଭିପି ସମର୍ଥିତ ପ୍ରାର୍ଥୀକୁ ଜିତାଇବା ପାଇଁ ବିଜେପି ପୂର୍ଣ୍ଣ ମାତ୍ରାରେ ଚେଷ୍ଟା ଜାରି ରଖିଛି। ତେବେ ନିର୍ବାଚନ ଦିନ କୌଣସି ଅପ୍ରୀତିକର ପରିସ୍ଥିତି ନହେବା ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ବିଶୋଇ ଥାନା ଅଧିକାରିଣୀ ସୁବର୍ଣ୍ଣ ବେହେରା ଓ ମଣଦା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ସାହୁଙ୍କ ପକ୍ଷରୁ ସୂଚନା ମିଳିଛି।

## ଶିକ୍ଷାବିତ୍ ବିକ୍ରମ ଦାସଙ୍କ ପରଲୋକ



**ରାସଗୋବିନ୍ଦପୁର,୧୪।୧୦(ସମିସ):** ବିଶିଷ୍ଟ ଶିକ୍ଷାବିତ୍, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସିପିଆଇ(ଏମ୍)ର ବରିଷ୍ଠ ନେତା ବିକ୍ରମ କୁମାର ଦାସଙ୍କର ୭୯ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ରାସଗୋବିନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସାମ୍ୟବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସିପିଆଇ(ଏମ୍)ର ଜଣେ ଦିଗଦର୍ଶକ ନେତା ଭାବେ ଜନସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ମରଶରୀର ଅମରଦାସ୍ଥିତ ବାସଭବନରେ ପହଞ୍ଚିବା ପରେ ଶ୍ରୀଅରବିନ୍ଦ ବିଦ୍ୟାପୀଠ ଓ ସିପିଆଇ(ଏମ୍) ଆଞ୍ଚଳିକ କାର୍ଯ୍ୟାଳୟରେ ଅନ୍ତିମ ଦର୍ଶନ ପାଇଁ ରଖାଯାଇଥିଲା। ଦଳୀୟ ନେତା, ଶିକ୍ଷାବିତ୍, ସମାଜସେବୀ ଓ ଗ୍ରାମବାସୀ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ତୁଷାରକାନ୍ତି ମୁଖାଗ୍ନି ଦେଇଥିଲେ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ମୁଖପତ୍ର 'ଭଞ୍ଜଦୀପ' ଉନ୍ମୋଚିତ



**ବାରିପଦା,୧୪।୧୦(ସମିସ):** ସ୍ଥାନୀୟ ପ୍ରସିଦ୍ଧ ମା' ଅମ୍ବିକାଙ୍କ ମନ୍ଦିର ପରିସରରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ଷୋଡ଼ଶ ସଂଖ୍ୟା ମୁଖପତ୍ର "ଭଞ୍ଜଦୀପ" ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ କୁମରମଣି ନାୟକ, ଉପଦେଷ୍ଟା ଡ ପୁଷ୍ପା ପାତ୍ର, ଡ ଅଳକା ମଞ୍ଜରୀ ଭୂୟାଁ, ବାସନ୍ତୀ ଲତା ମହାପାତ୍ର, ଗୀତାରାଣୀ ସାହୁ, କୈବଲ୍ୟ ପ୍ରସାଦ ମହାପାତ୍ର, ଭାସ୍ୱତୀ ପଣ୍ଡା, ଡ. ମାଙ୍ଗଳିକା ମହାପାତ୍ର, ପାର୍ଥ ସାରଥି ମହାନ୍ତି, ଜୁମର ପାତ୍ର, ନିହାରିକା ପଟ୍ଟନାୟକ ଓ କୌଶିକ ଗିରି ପ୍ରମୁଖ ଉପସ୍ଥିତ ରହି ପତ୍ରିକାର ଆଭିମୁଖ୍ୟ ଏବଂ ଆଞ୍ଚଳିକ ସାହିତ୍ୟ ପ୍ରତି ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ସୋମନାଥ ସିଂହ, ଡ ନିରୋଜ କୁମାର ପୋଥାଳ ଏବଂ ଉପସଭାପତି ଭାସ୍କର ବାରିକଙ୍କ ସହଯୋଗରେ ଏହି ସଂଖ୍ୟାଟିର ସମ୍ପାଦନା ସୁଚାରୁ ରୂପେ ସମ୍ପନ୍ନ ହୋଇଥିବା ନେଇ ଅନୁଷ୍ଠାନ ସମ୍ପାଦିକା ସୁଚରିତା ମହାନ୍ତି ସୂଚନା ଦେଇଥିଲେ। ସମ୍ପାଦିକା ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାଙ୍କୁ ହଇରାଣ ଓ ପରିବାର ଉପରେ ଆକ୍ରମଣ: ମୁଖ୍ୟ ଅଭିଯୁକ୍ତ ଗିରଫ



**ହାଟଡ଼ିହୀ,୧୪।୧୦(ସମିସ):** ନନ୍ଦିପଦା ଥାନା ଗିରିଗାଁର ଜଣେ ନାବାଳିକାଙ୍କୁ ବାରମ୍ବାର ହଇରାଣ ହରକତ କରିବା ଏବଂ ଏହାର ପ୍ରତିବାଦ କରିବାରୁ ଅଭିଯୋଗକାରୀଙ୍କ ପରିବାର ଉପରେ ମରଣାତ୍ମକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ହରିହର ଜେନାଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ପ୍ରଳୟ ଜେନା ଅଭିଯୋଗକାରୀଙ୍କ ନାବାଳିକା ଭାଣିଜୀଙ୍କୁ ଦୀର୍ଘଦିନ ହେବ ବାରମ୍ବାର ହଇରାଣ ହରକତ କରିଆସୁଥିଲା। ନାବାଳିକା ଜଣକ ସ୍କୁଲ୍ ଯିବା ମଧ୍ୟ ବନ୍ଦ କରିଦେଇଥିବା ବେଳେ ପ୍ରଳୟ ଜେନା ଓ ତାଙ୍କ ପରିବାରର ଟୁକୁନା ଜେନା, ସୁରେନ୍ଦ୍ର ଜେନା, କାଇନି ଜେନା, କାମିନି ଜେନା, ବର୍ଷା ଜେନା ସମସ୍ତେ ମିଶି ଇଟା, ପଥର, କାଠ ବାଡ଼ି ଏବଂ ଅନ୍ୟାନ୍ୟ ସାମଗ୍ରୀ ଧରି ଅଭିଯୋଗକାରୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଆକ୍ରମଣକାରୀମାନେ ଅଭିଯୋଗକାରୀଙ୍କ ବୃଦ୍ଧ ବାପାଙ୍କୁ ମଧ୍ୟ ଛାଡ଼ି ନଥିଲେ। ଏନେଇ ନନ୍ଦିପଦା ଥାନାରେ ହରିହରଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁକରି ପୁଲିସ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ପ୍ରଳୟ ଜେନାକୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଶୀଘ୍ର ଧରାଯିବ ବୋଲି ସୂଚନା ମିଳିଛି।

## ଏଥର ସମବାୟ ନିର୍ବାଚନ ଲଢ଼ିବ ସହକାର ଭାରତୀ

**ବାରିପଦା, ୧୪।୧୦(ସମିସ):** ମୟୂରଭଞ୍ଜ ସହକାର ଭାରତୀ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ଫାଗୁ ମାର୍ଣ୍ଡିଙ୍କ ସଭାପତିତ୍ୱରେ ସ୍ଥାନୀୟ ସ୍ୱାଗତିକା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ସୋନାସିମ ପ୍ରିୟଦର୍ଶନ ଜେନା ଯୋଗଦେଇ କହିଥିଲେ ଯେ, କେବଳ ସମବାୟ ସମିତି ହିଁ ମୟୂରଭଞ୍ଜର ବିକାଶକୁ ଆଗେଇ ନେଇପାରିବ। ସେହିପରି ମୟୂରଭଞ୍ଜ ଓ କେନ୍ଦୁଝର ବିଭାଗର ପ୍ରମୁଖ ହୀରାଲାଲ ନାୟକ ସମସ୍ତଙ୍କୁ ସମବାୟ ସହିତ ଯୋଡ଼ିହେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ଦୁର୍ନୀତି ହଟାଇ ସଂସ୍କାର ଆଣିବା ଲକ୍ଷ୍ୟରେ ଆଗାମୀ ଏକ ମାସ ମଧ୍ୟରେ ୪୦ଟି ନୂତନ ସମବାୟ ସମିତି ଗଠନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ସଂଗଠନ ପକ୍ଷରୁ ଏଥର ସମବାୟ ନିର୍ବାଚନ ଲଢ଼ିବା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ କୃଷି ପ୍ରକୋଷ୍ଠ




ସଭାପତି ଫାରାଉ ମାର୍ଣ୍ଡି, ଉପସଭାପତି ମନୋରଞ୍ଜନ ପୁଥାଳ, ସଚ୍ଚୀନ୍ଦ୍ର ମହାନ୍ତ, ଜଗମୋହନ ପାତ୍ର, ସାଧାରଣ ସମ୍ପାଦକ ବସନ୍ତ ପାତ୍ର, ବାବୁଲା ପାତ୍ର, ବିକାଶ ଦାସ, ଦୁଗ୍ଧ ପ୍ରକୋଷ୍ଠରୁ ସଞ୍ଜୟ ଅଗ୍ରୱାଲା, ନିରୁଦ୍ଧିଷ୍ଟ ବେହେରା, ସଂଗ୍ରାମ ମୁର୍ମୁ, ଉପସଭାପତି ଶଶିକାନ୍ତ ପଣ୍ଡା, ହସ୍ତଶିଳ୍ପ ପ୍ରକୋଷ୍ଠ ସଭାପତି ମନୋଜ କୁମାର ବେହେରା, ରସାନନ୍ଦ ରଣା, ହୃଷିକେଶ ନାୟକ, ଶିବାଜୀ ପାତ୍ର ଓ ବିଜୟ ନାୟକ ଉପସ୍ଥିତ ଥିଲେ। ସେହିପରି ମୟୂରଭଞ୍ଜ ସମବାୟ ନିର୍ବାଚନ ପ୍ରଭାରୀ ଜୟ ଚନ୍ଦ୍ର ପାତ୍ର, ନିର୍ବାଚନ ପରିଚାଳନା ସଂଯୋଜକ (ପୂର୍ବ) ବସନ୍ତ ପାତ୍ର, ସଞ୍ଜୟ ଅଗ୍ରୱାଲ, ସଚ୍ଚୀନ୍ଦ୍ର ମହାନ୍ତ ଏବଂ ନିର୍ବାଚନ ପରିଚାଳନା ସଂଯୋଜକ (ପଶ୍ଚିମ) ଏସ.କେ. ହୁସେନ, ଫାରାଉ ମାର୍ଣ୍ଡି, ସୀତା ମୁର୍ମୁ, ହରିହର ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଆଦିକନ୍ଦ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶରେ 'ସୁରଭି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ









ବାରିପଦା,୧୪।୧୦(ସମିସ)

ବାରିପଦା ବ୍ଲକ୍ ଚନ୍ଦନପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ସ୍ଥାନୀୟ ଚନ୍ଦାବିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟା ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଓଷ୍ଟା ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ଓ ସିଆର୍‌ସିସି ପଙ୍କଜ କୁମାର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶରେ ସୁରଭିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିରେ କ୍ଲଷ୍ଟର ଅଧୀନ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରବନ୍ଧ, ତର୍କ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ସମେତ ମୋଟ ୧୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସିଆର୍‌ସିସି ଶ୍ରୀ ମିଶ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ତରଞ୍ଜନ ପଳତା, ମୁଖ୍ୟ ବକ୍ତା ଭାବେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସମନ୍ୱୟ ସମିତିର ବ୍ଲକ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଗୌରଗୋପାଳ ଲେଙ୍କା, ସୁବୋଧ କୁମାର ସାହୁ, ଅଜୟ କୁମାର ସାହୁ ଓ କଲ୍ୟାଣ ଆଶିଷ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ତପନ ବେହେରା, ଜ୍ଞାନରଞ୍ଜନ ବେହେରା, ଲସ ବେଶ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଲସ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

### ମହୁଲଡିହା ଉଚ୍ଚ ବିଦ୍ୟାଳୟ

**ମହୁଲଡିହା:** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ "ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା' ଶୀର୍ଷକ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଚମ୍ପାବତୀ ଟୁଡୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କ୍ଲଷ୍ଟର ଅଧୀନ ୧୪ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ ଓ କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସିଆରସିସି ସତ୍ୟଶିବ ଲୋହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମାଜସେବୀ ରଞ୍ଜନ ମହାନ୍ତ ମୁଖ୍ୟ ଅତିଥି ଏବଂ ଭାଲିଆଡାଳ ପ୍ରଧାନ ଶିକ୍ଷକ ନିରୋଦ କୁମାର ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ, ପ୍ରଧାନ ଶିକ୍ଷକ ଏସକେ ମଜିବୁର ରେହମନ ଓ ପ୍ରଧାନ ଶିକ୍ଷକ ନୟନ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପଦ୍ମାବତୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସୀତାମଣୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଲୁସାହି ପ୍ରାଥମିକ ବିଦ୍ୟାଳୟ

**ଖୁଣ୍ଟିଂ:** ଶୁକ୍ରୁଳି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଗାଲୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଦାଶରଥି ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଉଷାରାଣୀ ନାଏକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଉମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା କନକଲତା ନାଏକ ଓ ବିଜ୍ଞାନ ଶିକ୍ଷକ ନାରାୟଣ ସାହୁ ଯୋଗଦେଇଥିଲେ। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜଡ଼ିଡା କ୍ଲଷ୍ଟର୍

**ବଡ଼ସାହି,:** ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ଉ.ପ୍ରା ବିଦ୍ୟାଳୟରେ ଜଡ଼ିଦା ଆଞ୍ଚଳିକ ସାଧନ କେନ୍ଦ୍ରରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତାମଣି ଦେ ସଭାପତିତ୍ୱ କରିଥିଲେ। ସିଆର୍‌ସିସି କାହ୍ନୁଚରଣ ବାରିକ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମହାଲିକ, ସମ୍ମାନନୀୟ ଅତିଥି ଭାବେ ବିଶ୍ୱମ୍ବର ବେହେରା ପଞ୍ଚାୟତ ସମିତି ସଦସ୍ୟ, ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା, କମିଟିର ସଭାପତି ବଳଭଦ୍ର ପ୍ରଧାନ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ମୋଟ ୧୦୬ ଛାତ୍ର-ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରମାକାନ୍ତ ମିଶ୍ର ଅଧ୍ୟାପକ ଇତିହାସ ବିଭାଗ, ମୁଖ୍ୟବକ୍ତା ଅନ୍ତର୍ଯ୍ୟାମୀ ନାୟକ ଅଧ୍ୟାପକ ଓଡ଼ିଆ, ସମ୍ମାନୀୟ ଅତଥି ସୁନୀଲ କୁମାର ମହାନ୍ତ ସିଆର୍‌ସି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିତେନ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସ୍ଥା, ଐତିହ୍ୟ ଓ ଅପୂର୍ବ ପ୍ରକୃତିର ଅନନ୍ୟ ସଙ୍ଗମ



# ମା' ତାରାତାରିଣୀ

■ କ୍ଷୀରସିନ୍ଧୁ ମହାନ୍ତି



ପ୍ରକୃତିର ସବୁଜିମା ଭିତରେ ଆଧ୍ୟାତ୍ମିକତାର ଦିବ୍ୟ ଆଲୋକ। କୁମାରୀ ପାହାଡ଼ ଉପରେ ଅଧିଷ୍ଠିତ ହୋଇଛନ୍ତି ମା' 'ତାରା ଓ ତାରିଣୀ' । ଓଡ଼ିଶାର ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟରେ, ପବିତ୍ର ଋଷିକୂଲ୍ୟା ନଦୀ କୂଳରେ ଥିବା ଏହି ଉଚ୍ଚ ପାହାଡ଼ ଉପରେ ବିରାଜମାନ ମା' ତାରାତାରିଣୀ ପୀଠ ହେଉଛି ଏକ ପ୍ରାଚୀନ ଆଦି ଶକ୍ତିପୀଠ । ଏହା କେବଳ ଏକ ଦର୍ଶନୀୟ ସ୍ଥାନ ନୁହେଁ, ବରଂ ଅଗଣିତ ଭକ୍ତଙ୍କ ଅତୁଟ ବିଶ୍ୱାସ, ଅସୀମ ଆସ୍ଥା ଓ ଆଧ୍ୟାତ୍ମିକ ଚେତନାର ମହାନ ତୀର୍ଥକ୍ଷେତ୍ର। ଭକ୍ତଙ୍କ ଦୁଃଖହରଣ କରିବା ସହ ମନୋବାଞ୍ଛା ପୂରଣ କରୁଥିବା ଦେବୀ ଭାବେ ମା'ଙ୍କ ମହିମା ଦକ୍ଷିଣ ଓଡ଼ିଶାର ଜନଜୀବନ, ପରମ୍ପରା ଓ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରାୟ ୧୮୦ ଏକରରେ ପରିବ୍ୟାପ୍ତ ଓ ୭୦୦ ମିଟର ଉଚ୍ଚତାବିଶିଷ୍ଟ ସବୁଜିମାଭରା ପାହାଡ଼ ଉପରେ ଅବସ୍ଥିତ ମା'ଙ୍କ ଏହି ପୀଠ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଧାର୍ମିକ ମହତ୍ତ୍ୱର ଅନନ୍ୟ ନିଦର୍ଶନ। ଋଷିକୁଲ୍ୟା ନଦୀର ପବିତ୍ର ଧାରା ଏବଂ ପାହାଡ଼ର ନିର୍ମଳ ପରିବେଶ ମଧ୍ୟରେ ମନ୍ଦିରର ଦିବ୍ୟ ରୂପ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ କରେ। ଏଠାକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କ ପାଇଁ ମା'ଙ୍କ ଦର୍ଶନ କେବଳ ଏକ ଧାର୍ମିକ କର୍ମ ନୁହେଁ, ବରଂ ଏହା ଶାନ୍ତି ଓ ମାନସିକ ତୃପ୍ତିର ଏକ ଅନୁଭବ। ମା' ତାରାତାରିଣୀଙ୍କ ପୀଠର ଇତିହାସ ଓ ନାମକରଣକୁ ନେଇ ବିଭିନ୍ନ ପୌରାଣିକ ଗ୍ରନ୍ଥ, ତାନ୍ତ୍ରିକ ସାହିତ୍ୟ ଏବଂ ଲୋକକଥାରେ ଅନେକ ଉଲ୍ଲେଖ ରହିଛି।

### ଭାରତର ପ୍ରମୁଖ ଆଦି ଶକ୍ତିପୀଠ

ତାରାତାରିଣୀ ପୀଠ କେବଳ ଓଡ଼ିଶାର ନୁହେଁ, ବରଂ ସମଗ୍ର ଭାରତବର୍ଷର ଏକ ଆଦି ଶକ୍ତିପୀଠ। ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାଦେବ ଯେତେବେଳେ ସତୀଙ୍କ ମୃତଦେହ ଧରି ତାଣ୍ଡବ କରୁଥିଲେ, ସେତେବେଳେ ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଦ୍ୱାରା ଖଣ୍ଡ-ବିଖଣ୍ଡିତ ହୋଇ ଦେବୀଙ୍କ ଅଙ୍ଗ ବିଭିନ୍ନ ସ୍ଥାନରେ ପଡ଼ିଥିଲା। କୁମାରୀ ପାହାଡ଼ ଉପରେ ମା' ସତୀଙ୍କ ସ୍ତନ ପଡ଼ିଥିବାରୁ ଏହାକୁ 'ଆଦି ସ୍ତନ ପୀଠ' ଭାବେ ଗଣନା କରାଯାଏ।

### ପ୍ରଚଳିତ ଲୋକକଥା

ସ୍ଥାନୀୟ ଲୋକକଥା ଅନୁଯାୟୀ, ପୁରୁଷୋତ୍ତମପୁର ନିକଟସ୍ଥ ବୀର ଜଗନ୍ନାଥପୁର ଶାସନ ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଦୁଇ ଭଉଣୀ ଜନ୍ମଗ୍ରହଣ କରିଥିଲେ। ସେମାନେ ଘର ଛାଡ଼ି ଯିବା ସମୟରେ ଜଣେ କାଚରାଙ୍କଠାରୁ କଳାଚୁଡ଼ି ପିନ୍ଧି ପିତାଙ୍କଠାରୁ ଟଙ୍କା ନେବାକୁ କହି ଚାଲିଯାଇଥିଲେ। ପରେ ସେମାନେ ପିତାଙ୍କୁ ସ୍ୱପ୍ନାଦେଶ ଦେଇ ତାରାତାରିଣୀ ପାହାଡ଼ରେ ଅବସ୍ଥାନ କରୁଥିବା ଜଣାଇବା ସହ ନିଜର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବସୁ ପ୍ରହରାଜଙ୍କ ଦ୍ୱାରା ତନ୍ତ୍ରଯଜ୍ଞ ଆୟୋଜନ କରାଯାଇ ଦେବୀଙ୍କ ପ୍ରତିଷ୍ଠା କରାଯାଇଥିବା ଲୋକମୁଖରେ ପ୍ରଚଳିତ ରହିଛି।

### ଦକ୍ଷିଣ ଓଡ଼ିଶାର ଇଷ୍ଟଦେବୀ

ଦକ୍ଷିଣ ଓଡ଼ିଶାର (ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା) ପ୍ରାୟ ପ୍ରତ୍ୟେକ ପରିବାରରେ ମା ତାରା ତାରିଣୀଙ୍କୁ ନିଜର କୁଳଦେବୀ ବା ଇଷ୍ଟଦେବୀ ଭାବେ ମାନନ୍ତି । ସେହି ଅଞ୍ଚଳର ଲୋକମାନଙ୍କ ଜୀବନର ଯେକୌଣସି ଶୁଭକାର୍ଯ୍ୟ- ଯେପରିକି ବିବାହ, ବ୍ରତଘର, ନୂଆ ଗାଡ଼ି କିଣିବା କିମ୍ବା ବ୍ୟବସାୟ ଆରମ୍ଭ କରିବା ସମୟରେ ମାଙ୍କ ନିକଟରେ ପ୍ରଥମେ ନିମନ୍ତ୍ରଣ ବା ପୂଜା ଅର୍ପଣ କରାଯାଇଥାଏ। ପରିବାରରେ ଶିଶୁଟିଏ ଜନ୍ମନେଲେ ମା'ଙ୍କ ପୀଠରେ ମୁଣ୍ଡନ ସଂସ୍କାର କରାଇବାର ପରମ୍ପରା ଆଜି ମଧ୍ୟ ପ୍ରଚଳିତ ଅଛି। କେବଳ ଏକ ଧାର୍ମିକ ବିଧି ନୁହେଁ, ବରଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପାରିବାରିକ ଆସ୍ଥା ଓ ଭାବନାର ପ୍ରତୀକ।

### ସଂସ୍କୃତିର ସମନ୍ୱୟ

ତାରା ତାରିଣୀଙ୍କ ପୀଠରେ ଆଦିବାସୀ ସଂସ୍କୃତି, ବୌଦ୍ଧ ତନ୍ତ୍ର ଏବଂ ସନାତନ ହିନ୍ଦୁ ଧର୍ମର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ।

### ପ୍ରସିଦ୍ଧ ଚୈତ୍ର ଯାତ୍ରା

ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଦିନ ଏଠାରେ ବିଶାଳ ଚୈତ୍ର ଯାତ୍ରା ଅନୁଷ୍ଠିତ ହୁଏ । ଏହି ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମାଙ୍କ ଦର୍ଶନ କରିବା ସହ ନିଜ ପିଲାମାନଙ୍କର ପ୍ରଥମ କେଶ ମୁଣ୍ଡନ (ବାଳ ପକାଇବା) ସଂସ୍କାର କରିଥାନ୍ତି। ବର୍ଷର ଅନ୍ୟ ସମୟରେ ମଧ୍ୟ ନିୟମିତ ଦେବନୀତି ସହିତ ଭାଦ୍ରବ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଶାରଦୀୟ ଷୋଡ଼ଶ ଉପଚାର ପୂଜା ପୀଠର ଧାର୍ମିକ ପରମ୍ପରାକୁ ସ୍ୱତନ୍ତ୍ର ଗରିମା ପ୍ରଦାନ କରେ। ପାର୍ବଣ ଋତୁରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସବମୁଖର ପରିବେଶରେ ସମଗ୍ର ପୀଠ ଆଧ୍ୟାତ୍ମିକ ଚେତନାରେ ଉଦ୍‌ଭାସିତ ହୋଇଉଠେ।

**ଆଶ୍ୱିନ ମାସର ପବିତ୍ର ଶୁକ୍ଳପକ୍ଷରେ ସମଗ୍ର ଧରାପୃଷ୍ଠ ଉତ୍ସବମୁଖର। ନିର୍ମଳ ଆକାଶ, କାଶତଣ୍ଡିର ଲହରୀ ଏବଂ ବାୟୁମଣ୍ଡଳରେ ଚଣ୍ଡୀପାଠର ମନ୍ତ୍ରଧ୍ୱନି ଭରିଦିଏ ଏକ ଅପୂର୍ବ ଆଧ୍ୟାତ୍ମିକ ଶିହରଣ। ଓଡ଼ିଶାର ସନାତନ ସଂସ୍କୃତି ଓ ଶକ୍ତି ଉପାସନାରେ ଶାରଦୀୟ ନବରାତ୍ରୀର ଗୁରୁତ୍ୱ ଅନନ୍ୟ। ଝଙ୍କଡ଼ର ମା' ଶାରଳା, ନବରଙ୍ଗପୁରର ମା' ଭଣ୍ଡାରଘରଣୀ ଏବଂ ଗଞ୍ଜାମର ମା' ତାରାତାରିଣୀଙ୍କ ପୀଠରେ ନବରାତ୍ରୀ ଅବସରରେ ଦେଖିବାକୁ ମିଳେ ଶକ୍ତି ଆରାଧନାର ଅନନ୍ୟ ପରମ୍ପରା। ଏହି ପ୍ରସିଦ୍ଧ ଦେବୀପୀଠଗୁଡ଼ିକରେ ନବରାତ୍ରୀ ସମୟରେ ଭିନ୍ନ ଭିନ୍ନ ଶୈଳୀ ଓ ପରମ୍ପରାରେ ମାତୃଶକ୍ତିଙ୍କୁ ଆବାହନ କରାଯାଏ। ଏକାଧାରରେ ବିଦ୍ୟାର ଦାତ୍ରୀ, ଧନଧାନ୍ୟର ସୁରକ୍ଷାକର୍ତ୍ତୀ ଓ ମନ୍ତ୍ର-ତନ୍ତ୍ରର ଅଧିଷ୍ଠାତ୍ରୀ ଭାବେ ପୂଜିତ ଏହି ତିନି ମାତୃଶକ୍ତି ଓଡ଼ିଆ ଜନଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ। ଉପକୂଳର ସାରସ୍ୱତ ଚେତନା, ଦକ୍ଷିଣର ସମୃଦ୍ଧ ସଂସ୍କୃତି ଏବଂ ଶାକ୍ତ ପରମ୍ପରାର ନିଦର୍ଶନ ଏହି ତିନୋଟି ପୀଠକୁ ନେଇ ଆମର ଏହି ବିଶେଷ ଉପସ୍ଥାପନା।**



# ଅଭୟ ଦାୟିନୀ ଦୁଃଖ ବିନାଶିନୀ ମା' ଭଣ୍ଡାର ଘରଣୀ



■ କୁନାଗୌରାଙ୍ଗ ପାତ୍ର

ଦୟାମୟୀ ମା' ମହାମାୟୀ ଦୂର୍ଗା ରୂପୀ ଆଦ୍ୟାଶକ୍ତି ଭାବେ ସର୍ବ ଶକ୍ତିମୟୀ ମା ଭଣ୍ଡାର ଘରଣୀ। ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ 'ଚଣ୍ଡୀ'ରେ କୁହାଯାଇଛି ଭଗବତୀ ଚଣ୍ଡିକା ମହାମାୟା ଏବଂ ସନାତନୀ ଦେବୀ ହୋଇଥିଲେ ହେଁ ସେ ବିଶ୍ୱର କଲ୍ୟାଣ ପାଇଁ ବାରମ୍ବାର ଆବିର୍ଭୁତା ହୋଇଥାନ୍ତି। ମା' ମହାମାୟୀ ତ୍ୟାଗ, ଦୟା, କ୍ଷମା ଓ ମମତାର ପ୍ରତୀକାତ୍ମକ ସ୍ୱରୂପ। ସେ ଭକ୍ତି-ମୁକ୍ତି ପ୍ରଦାୟିନୀ, ଜଗତ ପାଳିନୀ, ଦୁର୍ଗତି ନାଶିନୀ ଅଭୟ ଦାୟିନୀ ଦୂର୍ଗା ରୂପୀ ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଣ୍ଡାର ଘରଣୀ ।

### ମନ୍ଦିର ପୂର୍ବାଭିମୁଖୀ, ପଶ୍ଚିମାଭିମୁଖୀରେ ଦର୍ଶନ

ମା' ଭଣ୍ଡାର ଘରଣୀଙ୍କ ମନ୍ଦିର ଜଗନ୍ନାଥପୁରଠାରେ ୧୮୨୦ ମସିହାରେ ପ୍ରତିଷ୍ଠା ହୋଇଥିଲା। ରାଜବଂଶର ଭଣ୍ଡାର ଘରେ ପ୍ରଥମେ ପୂଜା ପାଉଥିଲେ। ୧୮୩୨ ମସିହାରେ ରାଜା ଚୈତନ୍ୟ ଦେବ ରାଜଧାନୀ ଜଗନ୍ନାଥପୁରରୁ ନବରଙ୍ଗପୁର ସ୍ଥାନାନ୍ତର କରି ଜଗନ୍ନାଥ ପୁରରୁ ଆବାହନ କରି ନବରଙ୍ଗପୁରରେ ପ୍ରତିଷ୍ଠା କରିଥିଲେ । ସେହିପରି ୧୯୪୫-୪୬ ମସିହାରେ ଏକ ବିରାଟ ପ୍ରସସ୍ଥ ସିମେଣ୍ଟ କଂକ୍ରେଣ୍ଟ ବାରଣ୍ଡା ସହ ଟିଣ ଘର ନିର୍ମାଣ କରାଯାଇଥିଲା । ଏହା ପରେ ୨୦୦୪-୦୫ ମସିହାରେ ଉକ୍ତ ସ୍ଥାନରେ ହିଁ ମା ଭଣ୍ଡାର ଘରଣୀଙ୍କ ମନ୍ଦିର ପରିଚାଳନା କମିଟି ଦ୍ୱାରା ପାଖାପାଖି ଏକ ଶହ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ମନ୍ଦିର ନିର୍ମାଣ କରାଯାଇଛି। ମା' ଭଣ୍ଡାର ଘରଣୀଙ୍କ ବିଶେଷତ୍ୱ ହେଲା ମା'ଙ୍କ ମନ୍ଦିର ପୂର୍ବାଭିମୁଖୀ ହୋଇଥିବା ବେଳେ ଭକ୍ତଙ୍କୁ ମା' ସର୍ବଦା ପଶ୍ଚିମମୁଖୀରେ ହିଁ ଦର୍ଶନ ଦେଇଥାନ୍ତି।



### ନବରାତ୍ରୀରେ ହଜାରରୁ ଊର୍ଦ୍ଧ୍ୱ ଅଖଣ୍ଡ ଦୀପ ସ୍ଥାପନ

ମା'ଙ୍କ ପୂଜା ନୀତି ଉଭୟ କେଉଟ (ମତ୍ସ୍ୟଜୀବୀ) ସମ୍ପ୍ରଦାୟର ପୂଜକ ଏବଂ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ପାଳିତ ହୋଇଥାଏ। ମା'ଙ୍କ ପୂଜା ପ୍ରତି ମଙ୍ଗଳବାର, ଶନିବାର, ସଂକ୍ରାନ୍ତି ଦିନ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ । ମା'ଙ୍କ ବାସନ୍ତିକ ଦଶହରା ଚୈତ୍ର ଶୁକ୍ଳ ପ୍ରତିପଦାରୁ ନବମୀ ପର୍ଯ୍ୟନ୍ତ ଓ ମା'ଙ୍କ ଏକ ପ୍ରଧାନ ପର୍ବ "ଘଟ ଯାତ୍ରା" ମଧ୍ୟ ପ୍ରତିବର୍ଷ ଚୈତ୍ର ମାସରେ ପାଳିତ ହୁଏ । ପ୍ରତିବର୍ଷ ମା'ଙ୍କ ନବରାତ୍ର ପୂଜାରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧି ଦାତ୍ରୀ ଭାବେ ନବ ଦୂର୍ଗାଙ୍କୁ ପୂଜା କରାଯାଏ । ମହାଳୟା ପର ଦିନଠାରୁ ଏହି ନବରାତ୍ରି ପାଳନ କରାଯାଏ । ମା'ଙ୍କ ପୀଠରେ ଏକ ହଜାରରୁ ଊର୍ଦ୍ଧ୍ୱ ଅଖଣ୍ଡ ଦୀପ ସ୍ଥାପନ କରାଯାଏ । ଚଣ୍ଡୀ ପାଠ ହୁଏ।

### ଲାଠି ଦଶହରା

ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୀଠରେ ଦଶ ଦିନ ଧରି ଦଶହରା ପର୍ବ ପାଳନ କରାଯାଏ। ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ଶକ୍ତି ପୀଠରୁ ଉକ୍ତ ଗ୍ରାମ ଦେବୀଙ୍କ ପ୍ରତିନିଧିତ୍ୱ କରି ଠାକୁରାଣୀଙ୍କ ସୁସଜ୍ଜିତ ଲାଠି ଦଶହରା ଦିନ ନବରଙ୍ଗପୁରର ମା' ଭଣ୍ଡାରଘରଣୀଙ୍କ ପୀଠକୁ ଆସନ୍ତି। ମା' ଭଣ୍ଡାରଘରଣୀଙ୍କ ପ୍ରଥମ ଶକ୍ତି ପୀଠ ଜଗନ୍ନାଥପୁର, ଦଶପୁର, ମିରିଗାନିଗୁଡା, କୁସୁମୀ, ଦେଦେଶପାଲି, ମେଞ୍ଚର, ଦେଉଳା, କଙ୍ଗରା, ଏକମ୍ବା, ନନ୍ଦହାଣ୍ଡି, ମାଳିଗୁଡା ଏଭଳି ଅନେକ ଗ୍ରାମରୁ ଲାଠି ଆସେ । ସମସ୍ତ ସୁସଜ୍ଜିତ ଦେବୀଙ୍କ ଲାଠି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଶଙ୍ଖ, ଘଣ୍ଟ, ବାଦ୍ୟ ବାଜଣା ସହ ସହର ପରିକ୍ରମା କରି ନବରଙ୍ଗପୁର ସହର ମଧ୍ୟରେ ଥିବା ଦଶହରା ପଦାରେ ପହଞ୍ଚେ । ଏହି ଯାତ୍ରାକୁ "ବିଜୟ ଯାତ୍ରା" କୁହାଯାଏ । ସେଠାରେ ଦେବୀଙ୍କ ପୂଜା ହୁଏ ଏବଂ ଏକ ବାଉଁଶ ଲାଠିର ଶିଖରରେ ବନ୍ଧା ଯାଇଥିବା ବାଇଗଣକୁ ପୂଜକ ଧନୁରେ ତୀର ଦ୍ୱାରା ଲକ୍ଷ୍ୟ ଭେଦ କରିବା ପରେ ଦଶହରା ପର୍ବ ସମାପ୍ତି ହୁଏ । ଏହି ସମୟରେ ଉମରକୋଟର ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡ୍ରାଣୀ ଜୟପୁର ଯିବା ବେଳେ ନବରଙ୍ଗପୁର ମା' ଭଣ୍ଡାରଘରଣୀଙ୍କ ପୀଠରେ କିଛି ଦିନ ଅବସ୍ଥାନ କରି ପୂଜା ପାଆନ୍ତି । ମା'ଙ୍କ ପୀଠରେ ବର୍ତ୍ତମାନର ନବରଙ୍ଗପୁର ରାଜ ପୁରୋହିତ ଶ୍ରୀନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମନ୍ଦିର ସେବାୟତ ଏବଂ ୧୫ ଜଣ ବରୁଣିଆ ପୂଜକ ମା'ଙ୍କ ସେବାରେ ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମା' ଭଣ୍ଡାର ଘରଣୀଙ୍କ ନୂତନ ମନ୍ଦିର ନିର୍ମାଣକୁ ୨୮ ବର୍ଷ ପୂର୍ତ୍ତି ହୋଇଛି।

# ବିଦ୍ୟାଦାୟିନୀ ମା' ଶାରଳା

■ ଶଶାଙ୍କ ଶେଖର ପଣ୍ଡା



### ମା' ସାରଳାଙ୍କ ଆବିର୍ଭାବ

ପ୍ରାଚୀନ ଶକ୍ତିପୀଠ ମଧ୍ୟରେ ଜଗତସିଂହପୁର ଜିଲ୍ଲା ଝଙ୍କଡ଼ ସ୍ଥିତ ମା' ଶାରଳା ପୀଠ ଅନ୍ୟତମ। ଆବହମାନ କାଳରୁ ଏଠାରେ ମା' ଶାରଳା ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ଭାବେ ପୂଜା ପାଇ ଆସୁଛନ୍ତି। ଅନ୍ୟ ଶକ୍ତିପୀଠ ଭଳି ମା' ଶାରଳାଙ୍କ ଶାରଦୀୟ ଷୋଡ଼ଶ ଉପଚାର ପୂଜାର ସ୍ୱତନ୍ତ୍ରତା ରହିଛି।

ଅଧିଷ୍ଠାତ୍ରୀ ଦେବୀ ମା' ସାରଳାଙ୍କ ଆବିର୍ଭାବ ସମ୍ପର୍କରେ ପୁରାଣରେ ଭିନ୍ନ ମତ ରହିଛି। ଦେବୀ ଭାଗବତ ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଶିବହୀନ ଯଜ୍ଞରେ ପତିଙ୍କ ଅପମାନ ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଆତ୍ମାହୂତି ଦେଇଥିଲେ। ଏହା ପରେ ଶଙ୍କର ପତ୍ନୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ସ୍କନ୍ଧରେ ଧରି ତାଣ୍ଡବ ନୃତ୍ୟ କଲେ। ଦେବାଦେବୀ ସୃଷ୍ଟି ଧ୍ୱଂସ ଆଶଙ୍କା କରି ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଆରାଧନା କଲେ। ଏହି ଚକ୍ର ଘୋରଘର୍ଘର ନାଦ କରି ସତୀଙ୍କ ଅଙ୍ଗକୁ ଖଣ୍ଡ ବିଖଣ୍ଡିତ କରି ଧରାଧାମର ବିଭିନ୍ନ କ୍ଷେତ୍ରରେ ପଡ଼ିଲା। ଯେଉଁଠି ଯେଉଁ ଅଙ୍ଗ ପଡ଼ିଲା ସେଠାରେ ଗୋଟିଏ ଗୋଟିଏ ଦେବୀଙ୍କ ଆବିର୍ଭାବ ହେଲା। ଝଙ୍କଡ଼ରେ ସତୀଙ୍କ ଜିହ୍ୱା ପଡ଼ିଥିବାରୁ, ଏଠାରେ ବାଗ୍‌ଦେବୀ ମା' ସାରଳାଙ୍କ ଆବିର୍ଭାବ ହୋଇଥିଲା।

### ପାର୍ବଣରେ ସ୍ୱତନ୍ତ୍ର ପୂଜା ବିଧି

ପବିତ୍ର ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ଭୋର୍ ସମୟରୁ ଡାକବାଜି ଯନ୍ତ୍ର ଯୋଗେ ସ୍ତବ ଓ ସ୍ତୁତି ଗାନ କରାଯାଏ। ସକାଳେ ଚୁଆ ହଳଦୀ, ପଞ୍ଚାମୃତ ମାର୍ଜନା ପରେ ମା'ଙ୍କୁ ଚନ୍ଦନ, ପୁଷ୍ପ, ପାଟ ଅଳଙ୍କାରରେ ମଣ୍ଡିତ କରାଯାଏ। ଏହାପରେ ଜଗନ୍ନାଥଙ୍କ ମହାପ୍ରସାଦ ଅର୍ପଣ କରାଯାଏ। ପ୍ରଥମ ପ୍ରହର ଧୂପରେ ଷୋଡ଼ଶ ଉପଚାର ପୂଜାରମ୍ଭ, ମଧ୍ୟାହ୍ନରେ ଯଜ୍ଞଶାଳରେ ବଡ଼ ସିଂହାର ବେଶ ଓ ଦ୍ୱିତୀୟ ପ୍ରହର ଧୂପ ପରେ ପଲମ ଶଯ୍ୟା କରାଯାଏ।

### ମହାଷ୍ଟମୀରେ ପାଇକ ଶାଢ଼ି

ଯବନଙ୍କ କବଳରୁ ହିନ୍ଦୁ ମନ୍ଦିରକୁ ସୁରକ୍ଷା ଦେବା ପାଇଁ ରାଜସ୍ଥାନରୁ କ୍ଷତ୍ରିୟ ରାଜପୁତଙ୍କୁ ଆଣି ଏଠାରେ ଅବସ୍ଥାପିତ କରାଯାଇଥିଲା। ମନ୍ଦିର ନିକଟବର୍ତ୍ତି ହରିପୁର, ମୂଳି ସିଂରେ ଏହି କ୍ଷତ୍ରିୟଙ୍କ ବଂଶଧରମାନେ ରହୁଛନ୍ତି। ଏହିସ୍ମୃତି ଉଜ୍ଜୀବିତ ପାଇଁ ପ୍ରତିବର୍ଷ ମହାଷ୍ଟମୀରେ ମାର୍ଜନା ପରେ ମା'ଙ୍କୁ ପାଇକ ଶାଢ଼ି ପିନ୍ଧାଯାଏ। ରାଜପୂତ ବଂଶଧର ରଶ୍ମି ରଞ୍ଜନ ସିଂଙ୍କ ପରିବାର ପ୍ରଦତ୍ତ ପାଟ ଶାଢ଼ୀକୁ ପ୍ରଥମେ ପିନ୍ଧାଯାଏ।

### ତିନିଦିନ କାଳୀକା ନୃତ୍ୟ

ଷଷ୍ଠୀ ଠାରୁ ମହାଷ୍ଟମୀ ସନ୍ଧ୍ୟାରେ ମା' ମହିଷା ମର୍ଦ୍ଦିନୀ ବେଶରେ ଦର୍ଶନ ଦିଅନ୍ତି। ଏହି ତିନି ଦିନ ରାତିରେ କାଳୀକା ନୃତ୍ୟ ମନ୍ଦିର ବେଢ଼ା ଓ ପୀଠ ପରିକ୍ରମା କରି ଥାଏ। ନବମୀ ଦିନ ବିଶ୍ରାମ ଥିବାରୁ ମନ୍ଦିର ସମ୍ମୁଖ ଦ୍ୱାର ବନ୍ଦ ରହେ। ମା' ବିଶ୍ରାମ କରୁଥିବାରୁ କୌଣସି ଘଣ୍ଟ, ଘଣ୍ଟା, କାହାଳୀ ବାଜି ନ ଥାଏ। ଦଶହରା ମଧ୍ୟାହ୍ନରେ ମନ୍ଦିର ଓ ଯଜ୍ଞାଶଳରେ ଥିବା ସମର୍ଜନି କଳସ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ କରି ପାର୍ବଣ ପୂଜା ଶେଷ ହୋଇଥାଏ।

### ଦାଣ୍ଡ ଯାତ୍ରା

ପାର୍ବଣ ପୂଜାରେ ଦାଣ୍ଡ ଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶହରା ଯାଏ ରାତିରେ ଏହି ନଗର ପରିକ୍ରମା ଅନୁଷ୍ଠିତ ହୋଇଥାଏ। ମା'ଙ୍କ ପ୍ରତିମାଙ୍କୁ ବିମାନ ଆରୋହଣ କରି ବର୍ଣ୍ଣାଢ୍ୟ ପଟୁଆରରେ ପ୍ରଥମ ଦିନ ପାଟେରୀ କୋଣ, ଦ୍ୱିତୀୟ ଦିନ ଗୋବିନ୍ଦ ଜୀଉ ମଠ, ତୃତୀୟ ଦିନ ଗୋପାଳଙ୍କ ଗୋଠ, ଚତୁର୍ଥ ଦିନ ଭେଟବର ପୀଠ, ପଞ୍ଚମ ଦିନ ବିଶ୍ୱମ୍ବର ଘାଟ, ସପ୍ତମ ଦିନ ଠାରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କ ପ୍ରାଚୀନ ବିଜେ ସ୍ଥଳୀ ବଡ଼ ସାରୋଳ ଗ୍ରାମର ଲଣ୍ଡା ଦେଉଳ ପୀଠକୁ ଯାତ୍ରା କରି ପୂଜାର୍ଚ୍ଚନା ପରେ ସ୍ୱ-ପୀଠକୁ ପ୍ରତ୍ୟାବର୍ତ୍ତନ କରନ୍ତି।



## ଚତୁର୍ଥ ଟି-୨୦ରେ ଭାରତୀୟ ବୋଲରଙ୍କୁ ନିର୍ଘୁମ ପ୍ରହାର

# ହୋପ୍‌ଙ୍କ ଦ୍ୱିତୀୟ ଶତକ; ୱେଷ୍ଟଇଣ୍ଡିଜ- ୨୪୭/୩

ହାଇଦରାବାଦ୍, ୧୪ ।୧୦ (ଏଜେନ୍ସି)



ଅଧିନାୟକ ସାଇ ହୋପ୍‌ଙ୍କ ବ୍ୟାଟ୍‌ରୁ ପୁଣି ଏକ ଶତକୀୟ ପାଳି ଦେଖିବାକୁ ମିଳିଛି। ବୁଧବାର ରାତିରେ ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ବିପକ୍ଷ ଚତୁର୍ଥ ଟି-୨୦ ମ୍ୟାଚରେ ହୋପ୍ ୫୦ ବଲରେ ୧୦୨ ରନର ଅପରାଜିତ ପାଳି ଖେଳିଛନ୍ତି। ଫଳରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୩ ୱିକେଟ ବିନିମୟରେ ୨୪୭ ରନର ବିଶାଳ ସ୍କୋର ଠିଆ କରାଇଛି। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ଶେଷ ଖବର ସୁଦ୍ଧା ୭ ଓଭରରେ ୨ ୱିକେଟ ହରାଇ ୮୪ ରନ କରିଛି। ପୂର୍ବରୁ ଭାରତ ସିରିଜର ପ୍ରଥମ ଓ ୩ୟ ମ୍ୟାଚକୁ ଯଥାକ୍ରମେ ୮ ୱିକେଟ ଓ ୧୪ ରନରେ ବିଜୟୀ ହୋଇଥିଲା। ସେହିଭଳି ୱେଷ୍ଟଇଣ୍ଡିଜ ୬ ୱିକେଟରେ ଦ୍ୱିତୀୟ ଟି-୨୦କୁ ବାଜିମାତ୍ କରିନେଇଥିଲା। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶନିବାର ବେଙ୍ଗାଲୁରୁରେ ଖେଳାଯିବ।

ଚତୁର୍ଥ ଟି-୨୦ରେ ଟସ୍ ଜିତିବା ପରେ ଭାରତୀୟ ଦଳର ଅଧିନାୟକ ଶ୍ରେୟସ ଆୟର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପାଇଁ ଦୁଇ ଓପନର ଅଧିନାୟକ ସାଇ ହୋପ୍ ଓ ଜିୱେଲ ଆଣ୍ଡ୍ରିଉ ପ୍ରଥମ ୱିକେଟରେ ୨୬ଟି ବଲରେ ୫୨ ରନର ଭାଗୀଦାରି ଗଢ଼ିଥିଲେ। ପଞ୍ଚମ ଓଭର ବୋଲିଂ କରିଥିବା ସ୍ପିନର ଅକ୍ଷର ପଟେଲ ଦ୍ୱିତୀୟ ବଲରେ ଆଣ୍ଡ୍ରିଉ (୧୬ ବଲରେ ୨୧ ରନ)ଙ୍କୁ ଏଲବିଡବ୍ଲ୍ୟୁ କରି ଦଳକୁ ପ୍ରଥମ ବ୍ରେକ-ଥ୍ରୁ ଦେଇଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ସିମରନ ହେଟମାୟର ଦ୍ୱିତୀୟ ୱିକେଟରେ ହୋପ୍‌ଙ୍କ ସହ ୨୪ ବଲରୁ ୫୮ ରନର ଭାଗୀଦାରି ଗଢ଼ିଥିଲେ। ଫଳରେ ଦଳୀୟ ସ୍କୋର ଶହେ ଅତିକ୍ରମ କରିଥିଲା। ଚାରୋଟି ଚୌକା ଓ ୨ଟି ଛକା ବଳରେ ୧୨ ବଲରୁ ୩୩ ରନ କରିଥିବାବେଳେ ହେଟମାୟରଙ୍କୁ ଆଉଟ୍ କରି ପ୍ରିନ୍ସ ଯାଦବ ଏହି ଯୋଡ଼ି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର ରୋଭମାନ ପାୱେଲ (୧୭ ବଲରେ ୨୪ ରନ) ମଧ୍ୟ ବଡ଼ ସଟ୍ ମାରିବା ଚକ୍କରରେ ଅର୍ଶଦୀପ୍ ସିଂହଙ୍କ ବଲରେ ୱିକେଟ ପଛରେ ସଞ୍ଜୁ ସାମସନଙ୍କ ହାତରେ ଧରାପଡ଼ିଥିଲେ। ତେବେ ଓପନିଂରୁ ଆସି ଗୋଟିଏ ପାଶ୍ୱର୍ରେ ଧୈର୍ଯ୍ୟର ସହ ଖେଳୁଥିବା ହୋପ୍ ସିରିଜର ଦ୍ୱିତୀୟ ଶତକ ହାସଲ କରିବା ସହିତ ଦଳକୁ ୩ ୱିକେଟରେ ୨୪୭ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ସ୍କୋର ଦେଇଥିଲେ। ଇନିଂସର ଶେଷ ଦୁଇଟି ବଲରେ ନୀତୀଶ ରେଡ୍ଡୀଙ୍କୁ ଛକା ମାରି ହୋପ୍ ତାଙ୍କ ଶତକ ପୂରଣ କରିଥିଲେ। ସେ ୯ ଛକା ଓ ୪ ଚୌକା ବଳରେ ୫୦ ବଲରେ ୧୦୨ ରନ କରିଥିଲେ। ସେହିଭଳି ଷ୍ଟିଫାନ ରଦରଫୋର୍ଡ ୨୬ ବଲରେ ୪୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅସମାପ୍ତ ଚତୁର୍ଥ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୪୩ ବଲରୁ ୯୧ ରନ ଉଠାଇଥିଲେ। ଭାରତ ପକ୍ଷରୁ ପ୍ରିନ୍ସ, ଅକ୍ଷର ଓ ଅର୍ଶଦୀପଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

### ଟୁର୍‌ରେ ହୋପ୍‌ଙ୍କ ଚତୁର୍ଥ ଶତକ

ଚଳିତ ଭାରତ ଗସ୍ତରେ ଥିବା ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ହୋପ୍ ଅବିଶ୍ୱସନୀୟ ଫର୍ମରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଏହି ଗସ୍ତରେ ୪ଟି ଶତକୀୟ ପାଳି ଖେଳିସାରିଛନ୍ତି। ଯେଉଁଥିରେ ଦିନିକିଆ ସିରିଜର ଦ୍ୱିତୀୟ ଓ ତୃତୀୟ ମ୍ୟାଚରେ ଯଥାକ୍ରମେ ୧୦୪ ଓ ଅପରାଜିତ ୧୬୨ ରନ କରିଥିଲେ। ସେହିଭଳି ଚଳିତ ଟି-୨୦ ସିରିଜରେ ସେ ଏଥିପୂର୍ବରୁ ଦ୍ୱିତୀୟ ଟି-୨୦ରେ ମଧ୍ୟ ୧୦୨ ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୪୭/୩, ୨୦ ଓଭର (ହୋପ୍- ଅପରାଜିତ ୧୦୨, ରଦରଫୋର୍ଡ- ଅପରାଜିତ ୪୯, ହେଟମାୟର- ୩୩, ପାୱେଲ- ୨୪, ପ୍ରିନ୍ସ- ୧/୩୬)।
ଭାରତ : ୮୪/୨, ୭ ଓଭର ସୁଦ୍ଧା (ସଞ୍ଜୁ ସାମସନ-୫୬, ଅଭିଶେକ ଶର୍ମା- ଅପରାଜିତ ୧୦, ଇଶାନ କିଶାନ- ୬, ଶ୍ରେୟସ୍ ଆୟାର- ଅପରାଜିତ ୯, କେମୋପଲ୍ -୨/୧୪)।

● ଗୋଟିଏ ଓଭରରେ ୫ ୱିକେଟ

### ଲେକକ୍‌ଙ୍କ କୀର୍ତ୍ତିମାନ



ଜୋହାନ୍ସବର୍ଗ, ୧୪ ।୧୦ (ଏଜେନ୍ସି): ହ୍ୟାଟ୍ରିକ ୱିକେଟ୍ ନେବା ଯେକୌଣସି ବୋଲରଙ୍କ ପାଇଁ ଏକ ବିରାଟ ସଫଳତା କହିଲେ କିଛି ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଚାଡ୍ ଲେକକ୍ ଗୋଟିଏ ଓଭରରେ ପାଞ୍ଚଟି ୱିକେଟ୍ ନେଇ ଇତିହାସ ରଚିଛନ୍ତି। ଯେଉଁଥିରେ କ୍ରମାଗତ ୪ଟି ବଲ୍‌ରେ ୱିକେଟ ସାମିଲ ରହିଛି। ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଟି-୨୦ ଚ୍ୟାଲେଞ୍ଜ ଲିଗ୍‌ରେ ଲେକକ୍ ଏହି ଐତିହାସିକ ସଫଳତା ପାଇଛନ୍ତି। କୱାଜୁଲୁ-ନାଟାଲ ଇନଲାଣ୍ଡ ଦଳ ପକ୍ଷରୁ ଖେଳୁଥିବା ଲେକକ୍ ଟାଇଟାନ୍ସ ବିପକ୍ଷ ମ୍ୟାଚରେ ଏହି ବିଧ୍ୱଂସୀ ବୋଲିଂ କରିଥିଲେ। ଗତକାଲି ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଟାଇଟାନ୍ସ ୧୯.୫ ଓଭରରେ ୨୦୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଟାଇଟାନ୍ସ ଇନିଂସର ୧୮ତମ ଓଭର ବୋଲିଂ କରିଥିବା ଲେକକ୍ ପ୍ରଥମ ବଲରେ ଗୋଟିଏ ୱିକେଟ୍ ପାଇଥିଲେ। ଏହାପରେ ଶେଷ ୪ଟି ବଲରେ ଆଉ ୪ଜଣ ବ୍ୟାଟରଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଏହା ସତ୍ତ୍ୱେ ମ୍ୟାଚରେ ଲେକକ୍‌ଙ୍କ ଦଳ ୨୧ ରନରେ ପରାସ୍ତ ହୋଇଥିଲା। ଇତିହାସରେ ଚତୁର୍ଥ ବୋଲର ଭାବରେ ଲେକକ୍ ଗୋଟିଏ ଓଭରରେ ୫ଟି ୱିକେଟ ନେଇଛନ୍ତି। ତାଙ୍କ ପୂର୍ବରୁ ବାଂଲାଦେଶର ଅଲ୍-ଅମିନ ହୋସେନ, ଭାରତର ଅଭିମନ୍ୟୁ ମିଥୁନ ଓ ଇଣ୍ଡୋନେସିଆର ଗେଡେ ପ୍ରିଆନ୍ଦନା ଏହି ସଫଳତା ପାଇଥିଲେ।

### ସାତ୍ତ୍ୱିକ-ଚିରାଗ ହାରିଲେ

ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ଚଳିତ ଡେନମାର୍କ ଓପନ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ବୁଧବାର ପୁରୁଷ ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଇଣ୍ଡୋନେସିଆର ଅଲୱି ଫରହାନ ୨୧-୧୧, ୧୩-୨୧, ୨୧-୧୦ ଗେମରେ ଆୟୁଷଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ମଧ୍ୟ ଭାରତକୁ ବଡ଼ ଝଟକା ଲାଗିଛି। ପଦକ ଆଶାୟୀ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ୨୧-୧୨, ୧୫-୨୧, ୧୯-୨୧ ଗେମରେ ଚାଇନିଜ ଯୋଡ଼ିଙ୍କ ନିକଟରୁ ହାରି ଅଭିଯାନ ଶେଷ କରିଛନ୍ତି। ଗତକାଲି ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ ମଧ୍ୟ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିଲେ।

### ବିଏଫ୍‌ଆଇ ସମ୍ପାଦକ ନିଲମ୍ବିତ

ନୂଆଦିଲ୍ଲୀ,୧୪ ।୧୦(ଏଜେନ୍ସି): ଆର୍ଥିକ ଅନିୟମିତତା, ତଦନ୍ତରେ ଅସହଯୋଗ ଓ କ୍ଷମତାର ଅପବ୍ୟବହାର ଅଭିଯୋଗରେ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର ସାଧାରଣ ସମ୍ପାଦକ ପ୍ରମୋଦ କୁମାରଙ୍କୁ ନିଲମ୍ବନ କରାଯାଇଛି। ମହାସଂଘର ସଭାପତି ଅଜୟ ସିଂହ ତାଙ୍କୁ ତତ୍କାଳ ନିଲମ୍ବିତ କରିଛନ୍ତି। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏହି ନିଲମ୍ବନ ବଳବତ୍ତର ରହିବ। ଜାରି ଆଦେଶ ଅନୁଯାୟୀ, ଆବଶ୍ୟକ ଅନୁମୋଦନ ବିନା ପ୍ରମୋଦ ପ୍ରସାରଣ ବ୍ୟବସ୍ଥା ପାଇଁ କାର୍ଯ୍ୟାଦେଶ ଜାରି କରିଥିବା ଅଭିଯୋଗ ହୋଇଛି। ଜାତୀୟ ଚାମ୍ପିୟନସିପ୍ ବାତିଲ ଘଟଣାର ତଦନ୍ତରେ ଅସହଯୋଗ କରିବା ଏବଂ ସଭାପତିଙ୍କ ବିରୋଧରେ ଅନାଧିକୃତ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବୈଠକ ଡାକିବା ଅଭିଯୋଗ ମଧ୍ୟ ରହିଛି। ଅନ୍ୟପକ୍ଷରେ, ଅକ୍ଟୋବର ୧୩ରେ ପ୍ରମୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଅଜୟ ସିଂହ ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣେଲ ଅରୁଣ ମଲିକଙ୍କ ବିରୋଧରେ ଧମକ ଦେବା ଅଭିଯୋଗ ଆଣିଥିଲେ। କିନ୍ତୁ ମଲିକ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।

**ଆଇପିଏଲ୍ ନିଲାମୀ ପୂର୍ବରୁ ଖେଳାଳି ଅଦଳବଦଳ**

### କ୍ୟାପିଟାଲ୍ସରୁ ହାଇଦରାବାଦକୁ ଗଲେ ନଟରାଜନ




ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସଂସ୍କରଣ ଲାଗି ଖେଳାଳି ନିଲାମୀ ଡିସେମ୍ବର ୧୫-୧୬ ତାରିଖରେ ଅନୁଷ୍ଠିତ ହେବ। ନିଲାମ ପୂର୍ବରୁ ସମସ୍ତ ୧୦ଟି ଦଳକୁ ସେମାନଙ୍କର ରିଟେନ୍ ଏବଂ ରିଲିଜ୍ ହୋଇଥିବା ଖେଳାଳିଙ୍କ ତାଲିକା ପ୍ରକାଶ କରିବାକୁ ପଡିବ। ତଥାପି ଏହା ପୂର୍ବରୁ ଫ୍ରାଞ୍ଚାଇଜଗୁଡ଼ିକ ପାଇଁ ଟ୍ରେଡ୍ ଡିଲ୍ ଖୋଲା ରହିଛି। ଯାହା ଫ୍ରାଞ୍ଚାଇଜଗୁଡ଼ିକୁ ପାରସ୍ପରିକ ସହମତିରେ ଖେଳାଳି ଅଦଳବଦଳ କରିବାକୁ ଅନୁମତି ଦେଇଥାଏ। ଏହିକ୍ରମରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଖେଳାଳି ଅଦଳବଦଳ ହୋଇଛି। ନଟରାଜନ ଦିଲ୍ଲୀ କ୍ୟାପିଟାଲ୍ସରୁ ସନରାଇଜର୍ସକୁ ସ୍ଥାନାନ୍ତରିତ ହୋଇଛନ୍ତି। ଏହାବଦଳରେ ଲେଗ୍-ସ୍ପିନର ଜିଶାନ ଅନସାରୀ ସନରାଇଜର୍ସରୁ ଆସି କ୍ୟାପିଟାଲ୍ସରେ ଯୋଗ ଦେଇଛନ୍ତି। ଏହି ଖେଳାଳି ଅଦଳବଦଳ କ୍ରିକେଟ୍‌ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। କାହିଁକି ନା ଜିଶାନ ଗତ ଦୁଇଟି ସିଜିନ ଧରି ହାଇଦରାବାଦର ମୁଖ୍ୟ ସ୍ପିନର ଥିଲେ ଏବଂ ନିରନ୍ତର ପ୍ରଭାବୀ ପ୍ରଦର୍ଶନ କରୁଥିଲେ। ଉଲ୍ଲେଖଯୋଗ୍ୟ ଏଥିପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଦିଲ୍ଲୀ ମଧ୍ୟରେ ବଡ଼ ବାଣିଜ୍ୟ ଚୁକ୍ତି ହୋଇଥିଲା। ପନ୍ତ ଲକ୍ଷ୍ନୌରୁ ଦିଲ୍ଲୀ ଯାଇଥିଲେ। ଏହା ବଦଳରେ କୁଲଦୀପ ଯାଦବ ଦିଲ୍ଲୀରୁ ଯାଇ ଲକ୍ଷ୍ନୌ ଯୋଗ ଦେଇଥିଲେ।

**ଜାତୀୟ ସିନିଅର ମହିଳା ଟି-୨୦**

### ସୁଶ୍ରୀଙ୍କ ନେତୃତ୍ୱରେ ଖେଳିବ ଓଡ଼ିଶା, ୪ ନୂଆ ମୁହଁ



ଭୁବନେଶ୍ୱର, ୧୪ ।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ବୁଧବାର ୧୭ ଜଣିଆ ଓଡ଼ିଶା ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି। ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଉପ-ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ସେହିଭଳି ୪ଜଣ ଖେଳାଳି ପ୍ରଥମଥର ଲାଗି ସିନିଅର ଟି-୨୦ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବାମହାତୀ ଓପନର୍ ଅଲିପ୍ସା ବିଶ୍ୱାଳ, ଅଲରାଉଣ୍ଡର ଅନନ୍ୟା ମିଶ୍ର, ଜିଏମ ଅଳକାନନ୍ଦା ଓ ସ୍ପିନର ଲୌଇସା ଦାସ। ଏଲିଟ୍ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ଦିବସରେ ଆନ୍ଧ୍ର ପ୍ରଦେଶ ସହ ଖେଳି ଅଭିଯାନ ଆରମ୍ଭ କରିବ। ଓଡ଼ିଶା ସିନିଅର ମହିଳା ଚୟନ କମିଟିର ଅଧ୍ୟକ୍ଷା ରଶ୍ମିତା ମହାନ୍ତି ଦଳ ଘୋଷଣା ସମ୍ବନ୍ଧରେ ସୂଚନା ଦେଇଥିଲେ।

**ଘୋଷିତ ଓଡ଼ିଶା ଦଳ**: ଅଲିପ୍ସା ବିଶ୍ୱାଳ, ଅନନ୍ୟା ମିଶ୍ର, ଜିଏମ୍ ଅଳକାନନ୍ଦା, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାଏକ, ଲୌଇସା ଦାସ, ମାଧୁରୀ ମେହେଟ୍ଟା, ମୋନାଲିସା ରାଉତ, ପ୍ରଜ୍ଞା ପରମିତା ମହାନ୍ତି (ଉଭୟ ୱିକେଟକିପର), ଏସବି ଲୋରେନ୍ସ, ଶିଲ୍ପା ସ୍ୱାଇଁ, ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (ଉପ-ଅଧିନାୟିକା), ତନ୍ମୟୀ ବେହେରା, ତରନ୍ନା ପ୍ରଧାନ ଓ ସୁଜାତା ମଲ୍ଲିକ।

### ଶୁଭାଶିଷଙ୍କ ଶତକ; ଓଡ଼ିଶା ୧୬୧ ରନରେ ବିଜୟୀ

**ବିନୁ ମଙ୍କଡ଼ ଟ୍ରଫି**



ଭୁବନେଶ୍ୱର, ୧୪ ।୧୦ (ସମିସ): ପୁଡୁଚେରୀରେ ଚାଲିଥିବା ୧୯ ବର୍ଷରୁ କମ୍ ବିନୁ ମଙ୍କଡ଼ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଶାଳ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏଲିଟ୍-ବି'ର ଏକ ମ୍ୟାଚରେ ଓଡ଼ିଶା ୧୬୧ ରନରେ ବିହାରକୁ ହରାଇଦେଇଛି। ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଠିକ୍ ୫୦ ଓଭରରେ ୩୮୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଶୁଭାଶିଷ ମଲ୍ଲିକ ୧୭୫ ରନର ମାରାଥନ ଶତକୀୟ ପାଳି ଖେଳିଥିଲେ। ୧୨୩ ବଲର ଏହି ପାଳିରେ ସେ ୧୩ଟି ଛକା ଓ ୯ଟି ଚୌକା ମାରିଥିଲେ। ସେହିଭଳି ପାନକଳ ମୋକ୍ଷିତଙ୍କ ବ୍ୟାଟରୁ ୪୬ ରନ ବାହାରିଥିଲା। ବିହାରର ମୋହିତ କୁମାରଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ଜବାବରେ ବିହାର ୪୩ ଓଭରରେ ୨୨୩ ରନରେ ସୀମିତ ରହିଥିଲା। ପୁଷ୍ପାମ ରାଜ ୯୬ ଓ ଅନମୋଲ କୁମାର ୫୦ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସଫଳ ବୋଲର ଭାବରେ କମଲେଶ ପାତ୍ର ୩ ଓ ରୁଦ୍ର ପ୍ରସାଦ ମଲ୍ଲିକ ୨ଟି ୱିକେଟ୍ ନେଇଥିଲେ।

## ଅବସର ନେବେ ଅମିତଙ୍କ ସହ ୪ ବରିଷ୍ଠ ଖେଳାଳି !




ମୋହାଲି, ୧୪।୧୦(ଏଜେନ୍ସି): ଭାରତୀୟ ହକି ଦଳର ଅଭିଜ୍ଞ ଡିଫେଣ୍ଡର ତଥା ଓଡ଼ିଆ ଖେଳାଳି ଅମିତ ରୋହିଦାସ ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫି ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇପାରନ୍ତି। ତାଙ୍କ ସହ ଭାରତୀୟ ଦଳର ଅନ୍ୟ ତିନି ବରିଷ୍ଠ ଖେଳାଳି ମନଦୀପ ସିଂହ, ଜର୍ମନପ୍ରୀତ ସିଂହ ଓ ନୀଳକାନ୍ତ ଶର୍ମା ମଧ୍ୟ ଅବସର ନେବା ସମ୍ଭାବନା ରହିଛି। ହକି ଇଣ୍ଡିଆ ସୂତ୍ର ଅନୁଯାୟୀ, ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସକୁ ଆଖିରେ ରଖି ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଓ ଦଳରେ ପରିବର୍ତ୍ତନ ଆଣିବା ସହ ଏକ ନୂଆ ଦଳ ଗଠନ ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଉଥିବା କୁହାଯାଉଛି। ତେବେ ଚାରି ଖେଳାଳିଙ୍କ ଅବସର ସମ୍ପର୍କରେ ହକି ଇଣ୍ଡିଆ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ୩୩ ବର୍ଷୀୟ ରୋହିଦାସ ଭାରତ ପାଇଁ ୨୫୬ଟି ମ୍ୟାଚ୍ ଖେଳି ୩୮ଟି ଗୋଲ୍ ସ୍କର କରିଛନ୍ତି। ପେନାଲ୍ଟି କର୍ଣ୍ଣରରେ ପ୍ରତିପକ୍ଷଙ୍କ ଆକ୍ରମଣକୁ ରୋକିବାରେ ସେ ଜଣେ ଦକ୍ଷ 'ଫାଷ୍ଟ ରସର' ଭାବେ ପରିଚିତ। ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଏହାସହ ୨୦୨୨ ଓ ୨୦୨୬ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଦଳରେ ମଧ୍ୟ ସେ ସାମିଲ ଥିଲେ। ସେହିପରି ୩୧ ବର୍ଷୀୟ ଫରୱାର୍ଡ ମନଦୀପ ସିଂହ ୩୦୧ଟି ମ୍ୟାଚ୍‌ରେ ୧୨୮ ଗୋଲ୍ କରିଛନ୍ତି। ୩୦ ବର୍ଷୀୟ ଜର୍ମନପ୍ରୀତ ସିଂହ ୧୭୧ଟି ଓ ୩୧ ବର୍ଷୀୟ ମିଡ୍‌ଫିଲ୍ଡର ନୀଳକାନ୍ତ ଶର୍ମା ୧୬୨ଟି ମ୍ୟାଚ୍ ଖେଳିଛନ୍ତି।

### ବେଙ୍ଗଲ, ବରୋଦା, ବିଦର୍ଭର ବଡ଼ ବିଜୟ



ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୨ତମ ସଂସ୍କରଣର ପ୍ରଥମ ରାଉଣ୍ଡ ଖେଳ ବୁଧବାର ସମାପ୍ତ ହୋଇଛି। ଏଥିରେ ବେଙ୍ଗଲ, ବରୋଦା ଓ ବିଦର୍ଭ ଭଳି ଦଳ ବଡ଼ ବିଜୟ ହାସଲ କରିଛନ୍ତି। କଲ୍ୟାଣୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ବେଙ୍ଗଲ ୯ ୱିକେଟରେ ଦିଲ୍ଲୀକୁ ପରାସ୍ତ କରିଛି। ସୁଦୀପ ଘରାମୀ (୧୩୩) ଓ ଅଭିଷେକ ପୋରେଲ (୧୪୯)ଙ୍କ ଶତକ ସହ ମହମ୍ମଦ ସାମିଙ୍କ ମୋଟ୍ ୫ ୱିକେଟ ସଫଳତା ବେଙ୍ଗଲକୁ ଜିତାଇବାରେ ସହାୟତା କରିଥିଲା। ସେହିଭଳି ବାସୁଦେବ ବଡୋଦକର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବରୋଦା ଏକ ପାଳି ଓ ୧୩୫ ରନରେ ଘରୋଇ ଗୋଆକୁ ହରାଇଦେଇଛି। ବରୋଦାର ଅଫ୍-ସ୍ପିନର ମହେଶ ପିଥିଆ ମୋଟ୍ ୯ଟି ୱିକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନାଗପୁରରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ୧୬୦ ରନରେ ପୁଡୁଚେରୀକୁ ପରାସ୍ତ କରିଛି। ଅଧିନାୟକ ଅକ୍ଷୟ ୱାଡେକରଙ୍କ ୧୯୮ ରନ ମ୍ୟାଚର ଉଲ୍ଲେଖନୀୟ ପାଳି ଥିଲା। ଡିଫେଣ୍ଡିଂ ଚାମ୍ପିଅନ ଜମ୍ମୁ-କାଶ୍ମୀର ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର' ରହିଥିଲା।

### ଓଡ଼ିଶା ଏଫ୍‌ସି-ପଞ୍ଜାବ ମଧ୍ୟରେ କଡ଼ା ସଂଘର୍ଷ




ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ୨୦୨୬-୨୭ ସିଜିନ୍‌ର ଷଷ୍ଠ ମ୍ୟାଚରେ ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ବୁଧବାର ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ରେ ଚାଲିଥିବା ମୁକାବିଲାରେ ଉଭୟ ଦଳ ରିପୋର୍ଟ ଲେଖା ହେବା ବେଳକୁ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିବାବେଳେ ମ୍ୟାଚ୍ ୧-୧ରେ ରହିଛି। ପଞ୍ଜାବ ପକ୍ଷରୁ ରାଫେଲ୍ ମେସି ବୁଲି ପ୍ରଥମ ମିନିଟ୍‌ରେ ଗୋଲ୍ ସ୍କୋର କରି ଦଳକୁ ଆଗୁଆ କରିଥିଲେ। ଏହାପରେ ଓଡ଼ିଶା ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିବାରେ ସଫଳ ହୋଇଥିଲା। ଏହାପରେ ଓଡ଼ିଶାର ଥୋଇବା ସିଂ ମୋଇରାଙ୍ଗଥେମ୍ ୧୫ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପଞ୍ଜାବ ଏଫ୍‌ସି ନୂଆ ପ୍ରଶିକ୍ଷକ ପାଭଲୋସ୍ ଡର୍ମିଟ୍‌ଜାକିସ୍‌ଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଦଳ ଗଠନ କରିଥିବାବେଳେ ଓଡ଼ିଶା ଏଫ୍‌ସି ନୂଆ ପ୍ରଶିକ୍ଷକ ଟିଜି ପୁରୁଷୋତ୍ତମନଙ୍କ ଅଧୀନରେ ଖେଳୁଛି। ଓଡ଼ିଶା ଦଳର ଅଧିନାୟକ ଭାବେ ଲାଲଥାଥାଙ୍ଗା ଖାଉଲହ୍ରିଙ୍ଗ୍ (ପୁଇତେଆ) ଦାୟିତ୍ୱ ନେଇଛନ୍ତି। ଆହତ ସମସ୍ୟା ଯୋଗୁଁ ରାହୁଲ କେପି ଏହି ମ୍ୟାଚ୍‌ରେ ଖେଳୁନାହାନ୍ତି।

# ରଣଜୀ ଟ୍ରଫିରେ ଆରମ୍ଭରୁ ଝୁଣ୍ଟିଲା ଓଡ଼ିଶା

ଭୁବନେଶ୍ୱର, ୧୪ ।୧୦ (ସମିସ)




୧୦ ୱିକେଟରେ ଗୁଜରାଟ ବିଜୟୀ

ଚଳିତ ରଣଜୀ ଟ୍ରଫିର ପ୍ରଥମ ରାଉଣ୍ଡରେ ଝୁଣ୍ଟିଛି ଓଡ଼ିଶା। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ-ବି'ରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଗୁଜରାଟ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳକୁ ହରାଇଦେଇଛି। ଭ୍ରମଣକାରୀ ଏହି ମ୍ୟାଚରେ ୪୭ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଯାହାକୁ ଗୁଜରାଟ ଦଳ ବୁଧବାର ଅନ୍ତିମ ତଥା ୫ମ ଦିବସରେ ଦ୍ୱିତୀୟ ପାଳିରେ କୌଣସି ୱିକେଟ ନ ହରାଇ ୯.୩ ଓଭରରେ ହାସଲ କରିନେଇଥିଲା। ଦୁଇ ଓପନର୍ ଅଭିଷେକ ଦେଶାଇ ୩୧ ବଲରେ ୮ ଓ ଆର୍ଯ୍ୟ ଦେଶାଇ ୨୭ ବଲରେ ୩୭ ରନ କରିଥିଲେ। ବିଜୟ ସହ ଗୁଜରାଟ ୭ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଓଡ଼ିଶା ପଏଣ୍ଟ ଖାତା ଖୋଲି ନ ପାରି ସର୍ବନିମ୍ନ ସ୍ଥାନ ହାସଲ କରିଛି। ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ଅକ୍ଟୋବର ୧୮ରୁ କେରଳ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଏହି ମ୍ୟାଚରେ ୧୧୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା ମଙ୍ଗଳବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟରେ ୧୧୯ ରନ କରିଥିଲା। ବୁଧବାର ସକାଳେ ଏହି ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଆଉ ୪୨ ରନ ଯୋଡ଼ି ୧୬୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ସନ୍ଦୀପ ପଟ୍ଟନାୟକ (୬୫ ରନ), ନିନାଦ ରଥୱା (୫୩) ଓ ଗୌରବ ଚୌଧୁରୀ (୧୮)ଙ୍କୁ ଛାଡ଼ିଦେଲେ ଦଳର ୮ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଅଧିନାୟକ ଶୁଭ୍ରାଂଶୁ ଓ ଓମ ଟି ମୁଣ୍ଡେ ଖାତା ଖୋଲିପାରି ନ ଥିବାବେଳେ ସମ୍ବିତ ବେଜ ୪, ସ୍ୱସ୍ତିକ ସାମଲ ୧, ଆଶୀର୍ବାଦ ସ୍ୱାଇଁ ୫, ରାଜେଶ ମହାନ୍ତି ୩, ଲଳିତ ଯାଦବ ୬ ଓ ବାଦଲ ବିଶ୍ୱାଳ ୦ କରିଥିଲେ। ଗୁଜରାଟ ପକ୍ଷରୁ ବାମହାତୀ ସ୍ପିନର ସିଦ୍ଧାର୍ଥ ଦେଶାଇଙ୍କୁ ସର୍ବାଧିକ ୫ ଓ ଅର୍ଜାନ ନାଗୱାସୱାଲାଙ୍କୁ ୩ଟି ୱିକେଟ ମିଳିଥିଲା। ଏଥିପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶାର ୩୨୪ ରନ ଜବାବରେ ଗୁଜରାଟ ୪୩୯ ରନ କରିଥିଲା। ୧୦୮ ରନର ଶତକୀୟ ପାଳି ଖେଳିଥିବା ଘରୋଇ ଦଳର ବେଦାନ୍ତ ତ୍ରିବେଦୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ପାଳି** : ୩୨୪/୧୦ (ଗୌରବ- ୧୩୭, ସନ୍ଦୀପ- ୬୯, ଅର୍ଜାନ- ୩/୬୫)।
**ଗୁଜରାଟ ପ୍ରଥମ ପାଳି**: ୪୩୯/୧୦ (ବେଦାନ୍ତ ତ୍ରିବେଦୀ- ୧୦୮, ଉର୍ଭିଲ ପଟେଲ- ୮୫, ବାଦଲ- ୫/୧୧୮)।
**ଓଡ଼ିଶା ଦ୍ୱିତୀୟ ପାଳି** : ୧୬୧/୧୦ (ସନ୍ଦୀପ- ୬୫, ନିନାଦ- ୫୩, ସିଦ୍ଧାର୍ଥ- ୫/୩୩)।
**ଗୁଜରାଟ ଦ୍ୱିତୀୟ ପାଳି** : ୪୭/୦, ୯.୩ ଓଭର।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY